# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଫେବୃୟାରୀ ୬/୨୦୨୧ (୧୬ ପୃଷ୍ଠା) | Berhampur, Saturday, February 6/2021 | ★★★

୧୬ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**୧୦୦ତମ ମ୍ୟାଚ୍‌ରେ ଶତକ**

ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ କ୍ୟାରିୟରର ୧୦୦ତମ ମ୍ୟାଚରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍। ୧୨

୧୪ **ଜ୍ୟାକ୍‌ଲିନ୍‌ଙ୍କ ସ୍ୱପ୍ନ ପୂରଣ ହୋଇଛି**

ଫିଲ୍ମ 'ସର୍କସ'ରେ ନିର୍ଦ୍ଦେଶକ ରୋହିତ ସେଟ୍ଟି ଓ ଅଭିନେତା ରଣବୀର ସିଂଙ୍କ ସହ କାମ କରିବାକୁ ନେଇ ତାଙ୍କ ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି ଜ୍ୟାକ୍‌ଲିନ ଫର୍ନାଡିଜ।






# ଚକା ଜାମ୍ କରିବେ ଚାଷୀ

- ଦିଲ୍ଲୀ ସୀମାରେ କଡ଼ା ସୁରକ୍ଷା
- ଓଡ଼ିଶାରେ ୧୨ଟାରୁ ୩ଟା ଚକା ଜାମ୍
- କଂଗ୍ରେସର ସମର୍ଥନ
- ଭୁବନେଶ୍ୱରରେ ବନ୍ଦ ରହିବ ଆହାର କେନ୍ଦ୍ର



**କଣ୍ଟାରେ ଫୁଲ:** ଦିଲ୍ଲୀର ଗାଜିପୁର ସୀମାରେ ପୋଲିସ କଣ୍ଟା ବିଛାଇଥିବାବେଳେ ଚାଷୀ ଫୁଲଗଛ ଲଗାଉଛନ୍ତି।

**ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୫।୨(ପି.ଟି.)**

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଆନ୍ଦୋଳନରତ କୃଷକ ସଂଗଠନଗୁଡ଼ିକ ଶନିବାର ଦେଶବ୍ୟାପୀ 'ଚକା ଜାମ୍' ଆନ୍ଦୋଳନ ଡାକରା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଆନ୍ଦୋଳନ ସ୍ଥଳଗୁଡ଼ିକରେ ଅତିରିକ୍ତ ପୋଲିସ ବଳ ମୁତୟନ ହେବା ସହ ରାସ୍ତାରେ ବହୁସ୍ତରୀୟ ବ୍ୟାରିକେଡ୍ କରାଯାଇଛି। ଏହାବ୍ୟତୀତ ରାସ୍ତାରେ ତାରବାଡ଼ ଲଗାଯିବା ସହ କଣ୍ଟା ପୋତାଯାଇଛି। ଦିଲ୍ଲୀ ପୋଲିସ କମିଶନର ଏସ୍.ଏନ୍. ଶ୍ରୀବାସ୍ତବ ବରିଷ୍ଠ ଅଧିକାରୀମାନଙ୍କ ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗୁଜବ ପ୍ରଚାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ଲାଗି ପୋଲିସ ସୋସିଆଲ ମିଡିଆ ବିଷୟବସ୍ତୁ ଉପରେ କଡ଼ା ନଜର ରଖିଛି।


୬ ତାରିଖରେ ଦେଶବ୍ୟାପୀ ଚକା ଜାମ୍ ଆନ୍ଦୋଳନ ପାଇଁ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଘୋଷଣା କରାଯାଇଥିଲା। ଆନ୍ଦୋଳନକାରୀମାନେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକୁ ଅବରୋଧ କରିବେ। ବନ୍ଦ ଯୋଗୁ ଯେପରି ଆଇନ ଶୃଙ୍ଖଳା ସ୍ଥିତି ନ ଉପୁଜେ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ନ ହୁଏ, ସେଥିପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସିଂଘୁ ସୀମାରେ ପୂର୍ବରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିବାବେଳେ ଶନିବାର ପାଇଁ ଏହାକୁ ଆହୁରି ବଢ଼ାଇ ଦିଆଯାଇଛି।

ଦେଶବ୍ୟାପୀ ଚକା ଜାମ୍ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହେବ ବୋଲି ଶୁକ୍ରବାର ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାୟତ କହିଛନ୍ତି। ତେବେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଦିଲ୍ଲୀ-ଏନ୍‌ସିଆର୍‌ରେ ଚକା ଜାମ୍ ଆନ୍ଦୋଳନ ନ କରିବାକୁ କୃଷକ ସଂଗଠନ ନିଷ୍ପତ୍ତି ନେଇଛି। ଏହା ବଦଳରେ ସମ୍ପୃକ୍ତ ଅଞ୍ଚଳର ଜିଲା ଅଧିକାରୀଙ୍କୁ ଚାଷୀମାନେ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ଟିକାୟତ କହିଛନ୍ତି। ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ଚକା ଜାମ୍ ଭଳି ସ୍ଥିତିରେ ରହିଥିବାରୁ ସେଠାରେ ରାସ୍ତା ଅବରୋଧ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାଧାରଣତନ୍ତ୍ର ଦିବସ ହିଂସା ପରେ କୃଷକ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ଶନିବାର ଚକା ଜାମ୍ ଆନ୍ଦୋଳନର ଉଦ୍ଦେଶ୍ୟ।

ଆନ୍ଦୋଳନ ଯେପରି ଶାନ୍ତିପୂର୍ଣ୍ଣ ହେବ ସେଥିପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଗାଇଡ୍‌ଲାଇନ ଅନୁଯାୟୀ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କେବଳ ଜାତୀୟ ଓ ରାଜ୍ୟ ରାଜପଥକୁ ବନ୍ଦ କରାଯିବ। ସେହି ସମୟରେ ଆମ୍ବୁଲାନ୍ସ, ସ୍କୁଲ ବସ୍ ଆଦି ଜରୁରୀ ଓ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଗାଡ଼ିକୁ ଛାଡ଼ି ଦିଆଯିବ। ଆନ୍ଦୋଳନ ଯେପରି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଅହିଂସା ହେବ ତାହା ସୁନିଶ୍ଚିତ କରିବାକୁ କୃଷକ ଓ ଅନ୍ୟ ଆନ୍ଦୋଳନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀ କିମ୍ବା ସାଧାରଣ ଜନତାଙ୍କ ସହ କୌଣସି ବିବାଦରେ ସାମିଲ ନ ହେବାକୁ ପରାମର୍ଶ ଦିଆଯାଇଛି। ୩ଟାରେ ଚକା ଜାମ୍ ଆନ୍ଦୋଳନ ଶେଷ ହେବା ବେଳେ ଚାଷୀଙ୍କ ମଧ୍ୟରେ ଏକତାର ନିଦର୍ଶନ ସ୍ୱରୂପ ୧ ମିନିଟ୍ ପାଇଁ ଗାଡ଼ିଗୁଡ଼ିକର ହର୍ନ ବଜାଯିବ। ଏଥିରେ ଅନ୍ୟମାନେ ସାମିଲ ହୋଇ ଆମର ଅନ୍ନଦାତାମାନଙ୍କୁ ସମର୍ଥନ ☞ପୃଷ୍ଠା-୪

# କୋଟିଆକୁ ୧୮ କୋଟି

- ୧୩ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ୫ କୋଟିର ସେତୁ ପାଇଁ ଭିତ୍ତିପ୍ରସ୍ତର
- କୋଟିଆ ହେବ ଆଦର୍ଶ ପଞ୍ଚାୟତ: ନବୀନ
- ଖୁବ୍‌ଶୀଘ୍ର ଗସ୍ତ କରିବେ ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକ

**ଭୁବନେଶ୍ୱର (ବ୍ୟୁରୋ)/ପଟାଙ୍ଗୀ (ଡି.ଏନ.ଏ.) ୫।୨**

କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅଧୀନ କୋଟିଆ ପଞ୍ଚାୟତର ୩ ସୀମାବର୍ତ୍ତୀ ଗ୍ରାମକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ବିବାଦ ଲାଗି ରହିଛି। ଉକ୍ତ ଗ୍ରାମଗୁଡ଼ିକୁ ନିଜର ଦାବି କରି ଆନ୍ଧ୍ର ସରକାର ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ କୋଟିଆ ପଞ୍ଚାୟତର ବିକାଶ ପାଇଁ ଓଡ଼ିଶା ସରକାର ମଧ୍ୟ ଅଣ୍ଟା ଭିଡ଼ିଛନ୍ତି। ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୋଟିଆ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ୧୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିବା ବେଳେ ୫ କୋଟି ଟଙ୍କାର ହାଇଲେଭଲ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ମୁଖ୍ୟମନ୍ତ୍ରୀ ୨୦୧୮ରେ କୋଟିଆ ପଞ୍ଚାୟତର ବିକାଶ ପାଇଁ ୧୫୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ଉକ୍ତ ଅନୁଦାନ ଅର୍ଥରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ, ପିଇବା ପାଣି, ବିଜୁଳି ବ୍ୟବସ୍ଥାର ବିକାଶ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କୁ ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ସାମାଜିକ ନିରାପତ୍ତା ଯୋଗାଇ ଦିଆଯାଇଛି। ଜୀବନ ଜୀବିକା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। କୋଟିଆକୁ ଏକ ଆଦର୍ଶ ପଞ୍ଚାୟତ ☞ପୃଷ୍ଠା-୪

## ୮ରୁ ଇଗ୍ନୋ ପରୀକ୍ଷା

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ (ଇଗ୍ନୋ)ର ଡିସେମ୍ବର-୨୦୨୦ ଟର୍ମ ଶେଷ ପରୀକ୍ଷା ଆସନ୍ତା ୮ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୧୩ରେ ସରିବ। ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ. ଏସ୍.କେ. ତ୍ରିପାଠୀଙ୍କ ସୂଚନାନୁସାରେ, ଏଥର ୩୨ଟି କେନ୍ଦ୍ରରେ ପରୀକ୍ଷା ହେବ। ସେଥିମଧ୍ୟରୁ ୩ଟି ଜେଲରେ ମଧ୍ୟ ପରୀକ୍ଷା କେନ୍ଦ୍ରର ଆୟୋଜନ କରାଯାଇଛି। ସେଗୁଡ଼ିକ ହେଲା ଚୌଦ୍ୱାର, ବ୍ରହ୍ମପୁର ଓ ଭୁବନେଶ୍ୱର ଜେଲ। ମୋଟ୍ ୨୯,୮୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସମସ୍ତ ପରୀକ୍ଷା କୋଭିଡ୍ ନିୟମ ଅନୁଯାୟୀ ପରିଚାଳିତ ହେବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ନିର୍ଦ୍ଦେଶକୁ ଅଣଦେଖା**

# ରେପୋ ରେଟ୍ ବଦଳିଲା ନାହିଁ

## ସରକାରୀ ପ୍ରତିଭୂତିରେ ପ୍ରତ୍ୟକ୍ଷ ନିବେଶ କରିପାରିବେ ରିଟେଲ ନିବେଶକ

- ୪%ରେ ରେପୋ, ରିଭର୍ସ ରେପୋ ୩.୫%
- ୨୦୨୧-୨୨ ଜିଡିପି ଆକଳନ ୧୦.୫%
- ବିତ୍ତୀୟ ନିଅଣ୍ଟ ୬.୮%
- ଅର୍ଥ ବ୍ୟବସ୍ଥା ଲାଗି ପଦକ୍ଷେପ ଜାରି ରହିବ

**ନୂଆଦିଲ୍ଲୀ,୫।୨**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଚତୁର୍ଥ ଥର ଲାଗି ଏହାର ରେପୋ ରେଟ୍ (କେନ୍ଦ୍ରୀୟ ବ୍ୟାଙ୍କ ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ)କୁ ଶୁକ୍ରବାର ଅପରିବର୍ତ୍ତିତ ରଖିଛି। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଛିଡ଼ା କରିବା ଲାଗି ଆବଶ୍ୟକ ମୁତାବକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରଖାଯିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି। ସାଧାରଣ ବଜେଟ ୨୦୨୧-୨୨ରେ ଅଭିବୃଦ୍ଧିକୁ ଦୃଢ଼ କରିବା ଲାଗି ନିଆଯାଇଥିବା ବିସ୍ତୃତ ବିତ୍ତୀୟ କୌଶଳକୁ କେନ୍ଦ୍ରୀୟ ବ୍ୟାଙ୍କ ସମର୍ଥନ ଜଣାଇଛି। ଆଗାମୀ ଦିନରେ ମଧ୍ୟ ଅଣବିତ୍ତୀୟ ପଦକ୍ଷେପ ଦ୍ୱାରା ଏହି ଧାରାକୁ ଆଗକୁ ବଢ଼ାଇବା ଲାଗି ସହଯୋଗ କରାଯିବ ବୋଲି ଆର୍‌ବିଆଇ ଆଶା ପ୍ରକଟ କରିଛି।

ରିଜର୍ଭ ବ୍ୟାଙ୍କର ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ବୈଠକରେ ରେପୋ ରେଟ୍ ୪%ରେ ଅପରିବର୍ତ୍ତିତ ରଖାଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସେହିଭଳି ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କରେ ଅର୍ଥ ଜମା କ୍ଷେତ୍ରରେ ପୂର୍ବଭଳି ୩.୫% ହାରରେ ରିଜର୍ଭ ରେପୋ ମଧ୍ୟ ଲାଭ କରିବେ। ଗତ ବର୍ଷ ରେପୋ ହାରକୁ ୧୧୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ପାଇଁ ଆଗାମୀ ଦିନରେ ମଧ୍ୟ ପୂର୍ବ ଭଳି ପଦକ୍ଷେପ ଜାରି ରହିବ ☞ପୃଷ୍ଠା-୪






# ଦଳଦଳ ହେଲେଣି ଦଳ

**୧୦ ବର୍ଷରେ୨ ଗୁଣରୁ ଅଧିକ: ଏଡିଆର୍**




**ନୂଆଦିଲ୍ଲୀ, ୫।୨(ପି.ଟି.)**

ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ ସଂଖ୍ୟା ୨୦୧୦ରୁ ୨୦୧୯ ମଧ୍ୟରେ ଦୁଇଗୁଣ ବୃଦ୍ଧି ପାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ଅଣସ୍ୱୀକୃତ ଦଳ ଅର୍ଥ ଯେଉଁମାନେ ନୂଆ ପଞ୍ଜୀକୃତ ହୋଇଛନ୍ତି କିମ୍ବା ରାଜ୍ୟସ୍ତରୀୟ ଦଳ ହେବା ପାଇଁ ବିଧାନସଭା ଓ ସାଧାରଣ ନିର୍ବାଚନରେ ଯଥେଷ୍ଟ ଭୋଟ ପାଇନାହାନ୍ତି, ଅଥବା ପଞ୍ଜୀକୃତ ହେବା ପରେ କେବେ ବି ନିର୍ବାଚନ ଲଢ଼ିନାହାନ୍ତି। ୨୦୧୦ରେ ଏଭଳି ରାଜନୈତିକ ଦଳ ସଂଖ୍ୟା ୧,୧୧୨ ଥିଲା। ୨୦୧୯ ବେଳକୁ ତାହା ବଢ଼ି ୨,୩୦୧ରେ ପହଞ୍ଚିଛି।

୧୦ ବର୍ଷରେ ଦଳ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଛି। ବିଶେଷ କରି ସଂସଦୀୟ ନିର୍ବାଚନ ବର୍ଷରେ ସଂଖ୍ୟା ଯଥେଷ୍ଟ ବଢ଼ୁଥିବା ଦେଖାଯାଇଛି। ରିପୋର୍ଟ ଅନୁଯାୟୀ ୨୦୧୮ ଓ ୨୦୧୯ ମଧ୍ୟରେ ରାଜନୈତିକ ଦଳ ସଂଖ୍ୟା ୯.୮ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିପରି ୨୦୧୩ ଓ ୨୦୧୪ ମଧ୍ୟରେ ଏହା ୧୮ ପ୍ରତିଶତ ବଢ଼ିଥିଲା। ଏଡିଆର୍ ରିପୋର୍ଟ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଜୀକୃତ ଅଣସ୍ୱୀକୃତ ଦଳଗୁଡ଼ିକ ୬,୮୬୦ ଜଣଙ୍କଠାରୁ ମୋଟ ୬୫.୪୫ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବା ଘୋଷଣା କରିଥିଲେ। ଏହା ପୂର୍ବବର୍ଷ ୨୪.୬ କୋଟି ଟଙ୍କା ଚାନ୍ଦା ମିଳିଥିଲା। ଉତ୍ତରପ୍ରଦେଶର ଅପ୍‌ନା ଦେଶ ପାର୍ଟି ଦୁଇ ଆର୍ଥିକ ବର୍ଷରେ ସର୍ବାଧିକ ୬୫.୪୫ କୋଟି ଟଙ୍କା ଚାନ୍ଦା ପାଇଥିଲା, ଯାହା କି ମୋଟ ଘୋଷିତ ଚାନ୍ଦାର ୭୨.୮୮ ପ୍ରତିଶତ। ରିପୋର୍ଟରେ ୧୩୫ଟି ପାର୍ଟି ଉପରେ ବିଶ୍ଳେଷଣ କରାଯାଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଦଳର ଚାନ୍ଦା ରିପୋର୍ଟ ମିଳି ନ ଥିଲା। ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ ନିର୍ବାଚନ କମିଶନ ଅଣସ୍ୱୀକୃତ ଦଳଗୁଡ଼ିକ ଲାଗି ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହା ୨୦୧୪ ଅକ୍ଟୋବର ୧ରୁ ସବୁ ରାଜନୈତିକ ☞ପୃଷ୍ଠା-୪



ପଶ୍ଚିମବଙ୍ଗର ଅସୁସ୍ଥ ଅର୍ଥମନ୍ତ୍ରୀ ଅମିତ ମିତ୍ର ଚିକିତ୍ସାଧୀନ ଥିବାରୁ ତାଙ୍କ ବଦଳରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଧାନସଭାରେ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଛନ୍ତି। ୨୦୦୨ରେ ରେଳ ବଜେଟ ଉପସ୍ଥାପନ କରିବାରେ ପ୍ରଥମ ମହିଳା ହୋଇଥିବା ମମତା ବିଧାନସଭାରେ ମଧ୍ୟ ପ୍ରଥମ ମହିଳା ଭାବେ ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଅନୁରୋଧକ୍ରମେ ରାଜ୍ୟପାଳ ଜଗଦୀପ ଧନକାର ଗୁରୁବାର ଏଥିପାଇଁ ଅନୁମତି ଦେଇଥିଲେ।

## ସଂକ୍ଷେପରେ

### ୟୁପିଏସ୍‌ସି ପ୍ରିଲିମ୍ ପାଇଁ ଆଉ ଏକ ସୁଯୋଗ

**ନୂଆଦିଲ୍ଲୀ, ୫।୨:** କୋଭିଡ୍ ଯୋଗୁ ଅକ୍ଟୋବର ୨୦୨୦ରେ ଅନୁଷ୍ଠିତ ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) ପ୍ରିଲିମ୍ ପରୀକ୍ଷାରୁ ବଞ୍ଚିତ ହୋଇ ଶେଷ ସୁଯୋଗ ହରାଇଥିବା ଆଶାୟୀମାନଙ୍କୁ ଆଉ ଏକ ସୁଯୋଗ ମିଳିବ। ଏ ନେଇ କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କରୋନା ଯୋଗୁ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଜଣେ ଛାତ୍ରୀ ରଚନା ସିଂ ଆଉ ଏକ ସୁଯୋଗ ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଜଷ୍ଟିସ ଏ. ଏମ୍. ଖାନୱିଲକର ଏହାର ଶୁଣାଣି କରି ଆଉ ଏକ ସୁଯୋଗ ଦେବାକୁ କେନ୍ଦ୍ରକୁ କହିଥିଲେ। ମେ ୨୦୨୦ରେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ମହାମାରୀ ଯୋଗୁ ଏହାକୁ ଅକ୍ଟୋବର ୪ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।

### ଭାରତରୁ ଆବେଦନ ପ୍ରତ୍ୟାହାର କଲା ଫାଇଜର

**ନୂଆଦିଲ୍ଲୀ, ୫।୨:** କରୋନା ଟିକାର ଭାରତରେ ଜରୁରିକାଳୀନ ବ୍ୟବହାର ଆବେଦନକୁ ପ୍ରତ୍ୟାହାର କରିନେଇଛି ଫାଇଜର। ଫାଇଜର ଓ ଡ୍ରଗ୍ସ ନିୟନ୍ତ୍ରକଙ୍କ ମଧ୍ୟରେ ବୁଧବାର ଅନୁଷ୍ଠିତ ବୈଠକରେ ବିଚାରବିମର୍ଷ ପରେ ଏହି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଗତ ବର୍ଷ ଭାରତରେ ପ୍ରଥମେ ଏହି ଆମେରିକୀୟ କମ୍ପାନୀ ଟିକାର ଜରୁରିକାଳୀନ ବ୍ୟବହାର ଅନୁମତି ପାଇଁ ଆବେଦନ କରିଥିଲା। ହେଲେ ଭାରତରେ ବିନା ଟ୍ରାଏଲରେ ଫାଇଜର ଟିକାକରଣକୁ ଅନୁମତି ମିଳି ନ ଥିଲା। ଚଳିତ ବର୍ଷ ଜାନୁୟାରୀରେ ସରକାର ଅପେକ୍ଷାକୃତ କମ୍ ଦାମ୍‌ର ଦୁଇଟି ଟିକା କୋଭିଶିଲ୍ଡ ଓ କୋଭାକ୍ସିନକୁ ମଞ୍ଜୁରୀ ଦେଇଥିଲେ।

### ମୁନାୱରଙ୍କୁ ଜାମିନ

**ନୂଆଦିଲ୍ଲୀ, ୫।୨:** ଷ୍ଟାଣ୍ଡଅପ୍ କମେଡିଆନ ମୁନାୱର ଫାରୁକିଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟରେ ଜାମିନ ମିଳିଛି। ଉପଯୁକ୍ତ ପ୍ରକ୍ରିୟାରେ ତାଙ୍କୁ ଗିରଫ କରାଯାଇ ନ ଥିବା ଏବଂ ତାଙ୍କ ବିରୋଧରେ ରୁଜୁ ମାମଲା ଅସ୍ପଷ୍ଟ ଥିବା ସୁପ୍ରିମକୋର୍ଟ କହିଛନ୍ତି। ଇନ୍ଦୋରର ଏକ କାଫେରେ ଏକ ପ୍ରୋଗ୍ରାମରେ ମୁନାୱର ହିନ୍ଦୁ ଦେବଦେବୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଗତ ସପ୍ତାହରେ ମଧ୍ୟପ୍ରଦେଶ ହାଇକୋର୍ଟ ମୁନାୱରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ସାମ୍ବିଧାନିକ କର୍ତ୍ତବ୍ୟ ମଧ୍ୟରୁ ଗୋଟିଏ ବୋଲି ହାଇକୋର୍ଟ କହିଥିଲେ।

### ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

**ନଏଡା, ୫।୨:** ଉତ୍ତରପ୍ରଦେଶର ଗ୍ରେଟର ନଏଡାରେ ରହୁଥିବା ବୃଦ୍ଧ ଦମ୍ପତିଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ଘରେ ପାର୍ଟି ଚାଲିଥିବାବେଳେ କେହି ପରିଚିତ ବ୍ୟକ୍ତି ସେମାନଙ୍କୁ ଗଳା ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଆଲଫା ୨ ସେକ୍ଟରରେ ରହୁଥିବା ବ୍ୟବସାୟୀ ନରେନ୍ଦ୍ର ନାଥ(୭୦)ଙ୍କ ମୃତଦେହ ବିଲ୍ଡିଂର ବେସ୍‌ମେଣ୍ଟରୁ ଏବଂ ସ୍ତ୍ରୀ ସୁମନ(୬୫)ଙ୍କ ମୃତଦେହ ଘର ଭିତରୁ ମିଳିଛି। ସେମାନେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସମ୍ପର୍କୀୟ ଭାଇ ଭାଉଜ ବୋଲି କୁହାଯାଉଛି। ସେମାନେ ସୁଧ କାରବାର କରୁଥିବାରୁ ଋଣ ନେଇଥିବା କୌଣସି ବ୍ୟକ୍ତି ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି।




# ହଲାଇଦେଲା ଟୁଇଟ୍

ନୂଆଦିଲ୍ଲୀ,୫।୨

କୃଷି ଆଇନ ପ୍ରତ୍ୟାହାର ଦାବିରେ ଧାରଣାରେ ବସିଥିବା କୃଷକମାନଙ୍କୁ କଣ୍ଟକିତ ତାରବାଡ଼ ଦେଇ ଘେରିବା ଭାରତକୁ ଅନ୍ତର୍ଜାତୀୟ ଲଜ୍ଜା ଆଣିଦେଇଥିବାବେଳେ ସେଲିବ୍ରିଟିଙ୍କ ଟୁଇଟ୍ କେନ୍ଦ୍ର ସରକାରଙ୍କୁ ହଲାଇଦେଇଛି। ବିକ୍ଷୋଭକାରୀ ଚାଷୀଙ୍କ ମଧ୍ୟରେ ସରକାର ବିରୋଧୀ ହିଂସାର ବିଷମଞ୍ଜି ବୁଣିବା ପାଇଁ ଉଦ୍ଦିଷ୍ଟ ଆକ୍ଟିଭିଷ୍ଟ, ନୂଆ ଗ୍ରୁପ୍ ଓ କଳାକାରଙ୍କ ଆକାଉଣ୍ଟ ବନ୍ଦ କରିବା ଲାଗି ଟୁଇଟରକୁ କେନ୍ଦ୍ରର ନିର୍ଦ୍ଦେଶରୁ ଏହା ସ୍ପଷ୍ଟ ହେଉଛି। ଏତିକି ନୁହେଁ, ଖୋଦ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମଧ୍ୟ ମୁହଁ ଖୋଲିବାକୁ ପଡ଼ିଲା। ବହିର୍ବ୍ୟାପାର ମନ୍ତ୍ରଣାଳୟ ଆଉ ଗୋଟିଏ ପାଦ ଆଗକୁ ଯାଇ ନ୍ୟୁଜ୍ ଚ୍ୟାନେଲ ଭଳି ହାସ୍‌ଟ୍ୟାଗ୍ ଲଗାଇ ଟୁଇଟ୍ କରିବାକୁ ବାଧ୍ୟହେଲା, ଯାହାକି ଆଦୌ ଶୋଭନୀୟ ନୁହେଁ ବୋଲି ଅନେକେ ମତ ଦେଉଛନ୍ତି। କୃଷକ ଆନ୍ଦୋଳନକୁ ଦମନ ଉଦ୍ୟମ ନେଇ ବିବାଦ ବଢ଼ିବାରୁ ଗୁରୁବାର ଆମେରିକାର ବାଇଡେନ୍ ପ୍ରଶାସନ ପକ୍ଷରୁ ମନ୍ତବ୍ୟ ଆସିବା ପରେ ଭାରତ କ୍ୟାପିଟୋଲ୍ ହିଲ୍ କଥା ସ୍ମରଣ କରାଇଦେଲା। ଆମେରିକା ପରରାଷ୍ଟ୍ର ବିଭାଗର ଜଣେ ମୁଖପାତ୍ର ବୁଧବାର ୱାଲ ଷ୍ଟ୍ରିଟ୍ ଜର୍ନାଲକୁ କହିଥିଲେ, ଶାନ୍ତିପୂର୍ଣ୍ଣ ବିକ୍ଷୋଭ ହେଉଛି ଏକ ସମୃଦ୍ଧ ଗଣତନ୍ତ୍ରର ପରିଚାୟକ, ଯାହାକୁ ବାଇଡେନ୍ ପ୍ରଶାସନ ସ୍ୱୀକୃତି ଦେଇଥାଏ। ଭାରତର ସୁପ୍ରିମକୋର୍ଟ ମଧ୍ୟ ସମାନ କଥା କହିଥିବା ସେ ପ୍ରକାଶ କରିଥିଲେ। ଏହାର ଜବାବ ଦେବାକୁ ଯାଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କୃଷକ ଆନ୍ଦୋଳନକୁ ଜାନୁୟାରୀ ୬ରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ଭିଆଇଥିବା କ୍ୟାପିଟୋଲ ହିଲ ଦଙ୍ଗା ସହ ତୁଳନା କଲେ। ଚାଷୀ ଆନ୍ଦୋଳନ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ଏଥିରେ ବାହ୍ୟ ରାଷ୍ଟ୍ରଗୁଡ଼ିକ ମୁଣ୍ଡ ନ ଖେଳାଇବାକୁ ସରକାରଙ୍କ ପକ୍ଷରୁ ତାଗିଦ କରାଯାଇଛି। ଏଠାରେ ମନେରଖିବା ଉଚିତ ଯେ, କ୍ୟାପିଟୋଲ ହିଲ୍ ହିଂସାକୁ ନିନ୍ଦା କରିବା ପାଇଁ ଭାରତୀୟ କ୍ରିକେଟର, ସେଲିବ୍ରିଟି ଓ ରାଜନେତାମାନେ ମୁଖର ହୋଇଯାଇଥିଲେ। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କ୍ୟାପିଟୋଲ ସଂଘର୍ଷ ପରିପ୍ରେକ୍ଷୀରେ ଟୁଇଟ୍ କରିଥିଲେ, ଦଙ୍ଗା ଓ ହିଂସାକାଣ୍ଡ ସମ୍ପର୍କିତ ଖବର ତାଙ୍କୁ ବ୍ୟଥିତ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର ହେଉ ବୋଲି ସେ କାମନା କରିଥିଲେ। ସେତେବେଳେ ଏହି ବହୁଚର୍ଚ୍ଚିତ ଘଟଣାକୁ ଆମେରିକାର ଆଭ୍ୟନ୍ତରୀଣ ବ୍ୟାପାର ବୋଲି କେହି ମୁଣ୍ଡ ଖେଳାଇବା ବନ୍ଦ କରି ନ ଥିଲେ। ପ୍ରକାଶ ଯେ, ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ୨ ମାସରୁ ଅଧିକ ସମୟ ଧରି କୃଷକ ଆନ୍ଦୋଳନ ଚାଲିଛି। କୃଷକଙ୍କ ଆନ୍ଦୋଳନସ୍ଥଳକୁ ଦିଲ୍ଲୀ ପୋଲିସ କଣ୍ଟାର ତାରବାଡ଼ ଦେଇ ସିମେଣ୍ଟ କଂକ୍ରିଟ୍‌ରେ ଆବଦ୍ଧ କରିଛି। ଏହି ଚିତ୍ର ଅନ୍ତର୍ଜାତୀୟ ସ୍ତରରେ ଭାରତର ଛବିକୁ ମଳିନ କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଥିଲେ। ବୁଧବାର ପପ୍ ଷ୍ଟାର ରିହାନାଙ୍କ ପରେ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍ ଓ ପୂର୍ବତନ ପର୍ନ ଷ୍ଟାର ମିଆ ଖଲିଫାଙ୍କ ସମେତ ଅନେକ ସେଲିବ୍ରିଟି ଚାଷୀ ଆନ୍ଦୋଳନ ସମର୍ଥନରେ ଟୁଇଟ୍ କରିଥିଲେ। ଏହାକୁ ନେଇ ଭାରତୀୟ ସେଲିବ୍ରିଟିମାନେ ସେମାନଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଏପରି କି କେତେକ ସରକାର ସପକ୍ଷବାଦୀ ନ୍ୟୁଜ୍ ଚ୍ୟାନେଲ ରିହାନାଙ୍କୁ 'ପର୍ନ ଷ୍ଟାର' କହିବାକୁ ମଧ୍ୟ ପଛାଇ ନ ଥିଲେ। ସେହିପରି ଗ୍ରେଟା ଥନ୍‌ବର୍ଗ ଟୁଇଟ୍ କରିଥିବା ଟୁଲକିଟ୍ ନିର୍ମାତାଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ଦାଏର କରିଛି। ଏହାସତ୍ତ୍ୱେ ଭୟଭୀତ ନ ହୋଇ କୃଷକଙ୍କୁ ସମର୍ଥନ ଜାରି ରଖିବେ ବୋଲି ଗ୍ରେଟା ଟୁଇଟ୍ କରିଛନ୍ତି।

## ସ୍କାନରରେ ରିହାନାଙ୍କ ସୌନ୍ଦର୍ଯ୍ୟ

କୃଷକ ଆନ୍ଦୋଳନକୁ ସମର୍ଥନ କରି କେନ୍ଦ୍ର ସରକାରଙ୍କୁ ହଲାଇ ଦେଇଥିବା ଇଣ୍ଟରନ୍ୟାଶନାଲ ପପ୍ ଷ୍ଟାର ରିହାନାଙ୍କ ସୌନ୍ଦର୍ଯ୍ୟ ଏବେ ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ ଆୟୋଗ (ଏନ୍‌ସିପିସିଆର୍) ସ୍କାନରରେ। ରିହାନାଙ୍କ ବିରୋଧରେ ଅଭିଯୋଗ ହେଲା ସେ ବ୍ୟବହାର କରୁଥିବା ଫେଣ୍ଟି ବ୍ୟୁଟି କସ୍‌ମେଟିକ୍ ବ୍ରାଣ୍ଡ ଯେଉଁ ରକ୍ତ ଅଭ୍ରରେ ତିଆରି ତାହା ବେଆଇନ ଭାବେ ଭାରତୀୟ ଖଣିରୁ ଖନନ କରାଯାଇଛି। ଝାଡ଼ଖଣ୍ଡର ଅଭ୍ର ଖଣିରେ ଖନନ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ଦୟନୀୟ ଅବସ୍ଥାରେ ନିୟୋଜିତ କରାଯାଇଥାଏ। ଏନ୍‌ସିପିସିଆର୍ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ କହିଛନ୍ତି, ଏନ୍‌ଜିଓ ଲିଗାଲ୍ ରାଇଟ୍ସ ଅବ୍‌ଜର୍ଭେଟୋରି (ଏଲ୍‌ଆର୍‌ଓ) ପକ୍ଷରୁ ଶୁକ୍ରବାର ଅଭିଯୋଗ ମିଳିଛି। ଏହାକୁ ଅନୁଧ୍ୟାନ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ରେସ୍‌ପନ୍ସିବଲ ମିକା ଇନିସିଏଟିଭ୍ (ଆର୍‌ଏମ୍‌ଆଇ)ଠାରୁ ସ୍ପଷ୍ଟୀକରଣ ମଗାଯାଇଥିଲା। ତେବେ ଫେଣ୍ଟି ବ୍ୟୁଟିକୁ ଅଭ୍ର ଯୋଗାଉଥିବା ଯୋଗାଣ ଶୃଙ୍ଖଳ ଆର୍‌ଏମ୍‌ଆଇ ନିକଟରେ ପଞ୍ଜୀକୃତ ହୋଇ ନ ଥିବା ନେଇ ଆର୍‌ଏମ୍‌ଆଇ ପକ୍ଷରୁ ଏକ ଇ-ମେଲ୍ ମିଳିଛି।

## ଚୁପ୍ ବସିବିନି: ମୀନା ହାରିସ୍

ଆମେରିକୀୟ ଆଇନଜୀବୀ, ଲେଖିକା ତଥା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍ କୃଷକ ଆନ୍ଦୋଳନକୁ ନେଇ ଭାରତରେ ସମାଲୋଚନା ପରେ ମଧ୍ୟ ଚୁପ୍ ବସିବେ ନାହିଁ ବୋଲି କହିଛନ୍ତି। ଏହି ଅବସରରେ ସେ ବିକ୍ଷୋଭକାରୀମାନଙ୍କ ଏକ ଫଟୋକୁ ଟୁଇଟ୍ କରିଛନ୍ତି। ଅନ୍ୟ ଏକ ଟୁଇଟ୍‌ରେ ମୀନା ଲେଖିଛନ୍ତି, ଡରିଯିବି ନାହିଁ କି ନୀରବ ରହିବି ନାହିଁ।



## ସମର୍ଥନ ଜାରି ରଖିବେ ମିଆ



ସମାଲୋଚନା ଓ ବିରୋଧ ସତ୍ତ୍ୱେ କୃଷକ ଆନ୍ଦୋଳନକୁ ସମର୍ଥନ ଜାରି ରହିବ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ପୂର୍ବତନ ଆଡଲ୍ଟ ଷ୍ଟାର ମିଆ ଖଲିଫା। ୨୭ ବର୍ଷୀୟା ମିଆ ଏକ ନୂଆ ଟୁଇଟ୍ କରିଛନ୍ତି। ଏଥିରେ କେତେଜଣ ବିକ୍ଷୋଭକାରୀ ହାତରେ ପ୍ଲାକାର୍ଡ ଧରିଥିବା ଦେଖାଯାଉଛି। ପ୍ଲାକାର୍ଡରେ ମିଆଙ୍କ ସହ ପପ୍ ଷ୍ଟାର ରିହାନା ଓ ସ୍ୱିଡେନର କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ଫଟୋ ରହିଛି। କ୍ୟାପ୍ସନ ଲେଖିଛନ୍ତି, ବାସ୍ତବରେ ମୁଁ ଏବେ ସଚେତ ହୋଇଛି। ଆପଣମାନେ ଚିନ୍ତା କରିଥିବାରୁ ଧନ୍ୟବାଦ, ଯଦିଓ ତାହା ଅନାବଶ୍ୟକ ଥିଲା। ଏବେ ବି କୃଷକମାନଙ୍କ ସହ ଛିଡ଼ା ହୋଇଛି ବୋଲି ମିଆ କହିଛନ୍ତି।

## ମହାପଞ୍ଚାୟତକୁ ବିପୁଳ ସମର୍ଥନ



ଶାମଲି (ୟୁପି), ୫।୨

ପ୍ରଶାସନର ନିଷିଦ୍ଧାଦେଶକୁ ଭ୍ରୂକ୍ଷେପ ନ କରି ଶୁକ୍ରବାର ଉତ୍ତରପ୍ରଦେଶର ଶାମଲିଠାରେ ହଜାର ହଜାର ଚାଷୀ କିଷାନ ମହାପଞ୍ଚାୟତରେ ଯୋଗଦେଇଛନ୍ତି। ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକଙ୍କ ସମର୍ଥନରେ ଏହି ମହାପଞ୍ଚାୟତର ଆୟୋଜନ କରାଯାଇଥିଲା। ଦୁଇଦିନ ପୂର୍ବରୁ କୋଭିଡ୍ କଟକଣା ଲାଗିଥିବା ଦର୍ଶାଇ ରାଜ୍ୟ ସରକାର ସଭା ପାଇଁ ଅନୁମତି ଦେଇ ନ ଥିଲେ। ବହୁସଂଖ୍ୟାରେ ଚାଷୀ ଚାଲି ଚାଲି କିମ୍ବା ଟ୍ରାକ୍ଟରରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ସରକାର ଯଦି ଚାଷୀଙ୍କ କଥା ନ ଶୁଣୁଛି, ତେବେ ଆସନ୍ତା ବର୍ଷ ନିର୍ବାଚନରେ ଚାଷୀମାନେ ଅନୁରୂପ ପଦକ୍ଷେପ ନେବାକୁ ଆର୍‌ଏଲ୍‌ଡି ନେତା ଜୟନ୍ତ ଚୌଧୁରୀ ଆହ୍ୱାନ ଦେଇଥିଲେ। ହରିୟାଣାର ସିର୍ସାରେ ଶୁକ୍ରବାର ଆୟୋଜିତ ମହାପଞ୍ଚାୟତରେ ଆଇଏନ୍‌ଏଲ୍‌ଡି ନେତା ଅଭୟ ଚୌଟାଲା ଉକ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ।

## 'ଆଇନରେ କଳା କେଉଁଠି କୁହ'

ନୂଆଦିଲ୍ଲୀ, ୫।୨(ପି.ଟି.)



କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର

ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରାଯାଇ ତାହା ସ୍ଥାନରେ ବିସ୍ତୃତ ବିଚାର ବିମର୍ଶ କରି ନୂଆ ଆଇନ ଅଣାଯାଉ ବୋଲି ଶୁକ୍ରବାର ରାଜ୍ୟ ସଭାରେ ଶିବସେନା, ଶିରୋମଣି ଅକାଳୀ ଦଳ, ଏନ୍‌ସିପି, ସମାଜବାଦୀ ପାର୍ଟି ଏବଂ ବାମଦଳଗୁଡ଼ିକ ଦାବି କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା ବେଳେ ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ବର୍ଷିଥିଲେ। ଚାଷୀ ଆନ୍ଦୋଳନକୁ ସରକାର ଜାତୀୟତା ବିରୋଧୀ କହି ଏହାକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ ଚଳାଇଥିବାରୁ ବିରୋଧୀ ଦଳଗୁଡ଼ିକ ଏହାର ସମାଲୋଚନା କରିଥିଲେ। କେହି ସତ କଥା କହିଲେ ତାଙ୍କୁ ଦେଶଦ୍ରୋହୀ କୁହାଯାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଥିବା ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଥିଲେ। ଚାଷୀ ନିଜ ହକ୍ ପାଇଁ ଆନ୍ଦୋଳନ କରୁଥିବାବେଳେ ସେମାନଙ୍କୁ ଜାତୀୟତା ବିରୋଧୀ କିମ୍ବା ଖଲିସ୍ତାନୀ ଭାବେ ନାମିତ କରାଯାଉଛି। ସରକାର ଚାଷୀଙ୍କ ଦାବି ଶୁଣନ୍ତୁ ଓ କୃଷି ଆଇନ ପ୍ରତ୍ୟାହାର କରିନିଅନ୍ତୁ ବୋଲି ଶିବସେନା ଏମ୍‌ପି ଦାବି କରିଥିଲେ।

ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବଢ଼ାଇବା ସହ

### ନୂଆ କୃଷି ଆଇନ ହଟାଯାଉ: ବିରୋଧୀ

ଚାଷୀଙ୍କ ଆୟ ଦୁଇଗୁଣା କରିଥିବା ଦାବି କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ମିଛ ବୋଲି ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ସେ ପୁଞ୍ଜିପତି ମୁନାଫା ଯୋଜନା ଭାବେ ଅଭିହିତ କରିଥିଲେ।

ଅନ୍ୟପକ୍ଷରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, କୃଷି ଆଇନକୁ ବିରୋଧ କରି ଏହାକୁ କଳା ଆଇନ କହୁଥିବା ଲୋକେ ସେଥିରେ କ'ଣ କଳା ରହିଛି, ତାହା କହିବା ପାଇଁ ପ୍ରସ୍ତୁତ ନୁହନ୍ତି। କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନର ନେତାମାନେ ଏହାର ବ୍ୟବସ୍ଥା ଉପରେ ଆଲୋଚନା କରିବା ଉଚିତ। ସମସ୍ୟା ଦର୍ଶାଇଲେ ଏହାର ସମାଧାନ ହୋଇପାରିବ। କିନ୍ତୁ ଆଇନରେ କ'ଣ ସମସ୍ୟା ସେମାନେ ଦେଖାଇ ପାରୁନାହାନ୍ତି ବୋଲି ତୋମାର ରାଜ୍ୟ ସଭାରେ କହିଥିଲେ। ଆନ୍ଦୋଳନ କେବଳ ଗୋଟିଏ ରାଜ୍ୟରେ ସୀମିତ ରହିଛି। ଚାଷୀମାନଙ୍କୁ ଉସୁକାଯାଉଥିବା କୃଷିମନ୍ତ୍ରୀ କହିଥିଲେ। କଂଗ୍ରେସ ପକ୍ଷରୁ ସଦ୍ୟ ପ୍ରକାଶିତ ପୁସ୍ତକକୁ ନେଇ ମନ୍ତ୍ରୀ ସମାଲୋଚନା କରିଥିଲେ। ଚାଷ ପାଇଁ ପାଣି ଦରକାର ଏହା ସମସ୍ତେ ଜାଣନ୍ତି। କେବଳ କଂଗ୍ରେସ ରକ୍ତ ବ୍ୟବହାର କରି ଚାଷ କରିପାରେ ବୋଲି ସେ କହିଥିଲେ। ସରକାର ଆଇନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେବା ଅର୍ଥ ଆଇନ ତ୍ରୁଟିପୂର୍ଣ୍ଣ ନୁହେଁ। କୃଷି ଆଇନକୁ ସମର୍ଥନ କରି ତୋମାର କହିଥିଲେ, ଚାଷୀ ଯେତେବେଳେ ଚାହିଁବେ ଚୁକ୍ତିନାମାରୁ ଓହରିଯାଇପାରିବେ, ଏଥିପାଇଁ କୌଣସି ଜରିମାନା ବ୍ୟବସ୍ଥା ନାହିଁ।

ତାରିଖ ଘୋଷଣା ହୋଇନି, ବିଗୁଲ ବଜାରୁ ତାତି କାହିଁରେ କ'ଣ। ଏପ୍ରିଲ-ମେ'ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଶାସକ ଟିଏମ୍‌ସିର ଉଇକେଟ ନେଇ ରନ୍ ସଂଗ୍ରହରେ ବ୍ୟସ୍ତ ଭାଜପା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିଜୟ ରଥକୁ ରୋକି କ୍ଷମତା ରଥରେ ଚଢ଼ିବା ପାଇଁ ଭାଜପା ଆୟୋଜନ କରିଛି ପରିବର୍ତ୍ତନ ଯାତ୍ରା। ସାମ୍ପ୍ରଦାୟିକ ଉତ୍ତେଜନା ଆଶଙ୍କା ଥିବା ଦର୍ଶାଇ ଭାଜପାର ରଥ ଗଡ଼ିବାକୁ ନ ଦେବା ପାଇଁ କାଲକାଟା ହାଇକୋର୍ଟରେ ଦାଏର ହୋଇଛି ଜନସ୍ୱାର୍ଥ ମାମଲା। ଶେଷ ମୁହୂର୍ତ୍ତରେ ନଦୀୟା ଜିଲା ପ୍ରଶାସନ ପକ୍ଷରୁ ରଥଯାତ୍ରାକୁ ମିଳିଛି ସସର୍ତ୍ତ ଅନୁମତି। ସର୍ବାଧିକ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସମସ୍ତ ୨୯୪ ନିର୍ବାଚନମଣ୍ଡଳୀରେ ରଥ ବୁଲାଇବା ନିମନ୍ତେ ପ୍ରସ୍ତୁତ ହୋଇଛି ରଣନୀତି। ଦଳର ୫ଟି ସାଙ୍ଗଠନିକ ଜୋନ୍‌ରେ ୫ ଯାତ୍ରାର ଆୟୋଜନ କରାଯାଇଛି। ବୈଷ୍ଣବ ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ନବଦ୍ୱୀପରୁ ଭାଜପା ମୁଖିଆ ଜଗତ୍ ପ୍ରକାଶ ନଡ୍ଡା ଶନିବାର ଏହି ମେଗା ଇଭେଣ୍ଟର ଶୁଭାରମ୍ଭ କରିବେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ୧୧ ତାରିଖରେ କୁଚ୍‌ବିହାର ଯାଇ ପରିବର୍ତ୍ତନର ହୁଙ୍କାର ଦେବେ। ଇତିମଧ୍ୟରେ ପଶ୍ଚିମବଙ୍ଗ ଭାଜପା ରାଜ୍ୟରେ ନିରପେକ୍ଷ ଭୋଟ କରାଇବା ପାଇଁ ନିର୍ବାଚନ କମିଶନଙ୍କୁ ଫେରାଦ ହୋଇଛି। ହେଲେ ମମତା କହୁଛନ୍ତି, ନେତା ସିନା ଦଳ ଡେଉଁଛନ୍ତି, ଲୋକେ କିନ୍ତୁ ସବୁବେଳେ ତାଙ୍କ ସହ ଅଛନ୍ତି।

## ପରିବର୍ତ୍ତନ ନା ଧ୍ରୁବୀକରଣ

କୋଲକାତା/ନୂଆଦିଲ୍ଲୀ,୫।୨

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଉତ୍ତେଜନା ସେତିକି ବଢ଼ିବାରେ ଲାଗିଛି। ପରସ୍ପରକୁ କାଦୁଅଫିଙ୍ଗା, ହିଂସା ଓ ବଡ଼ ବ୍ୟବଧାନରେ ବିଜୟୀ ହେବାର ଦାବି ଗୋଳିଆ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଖରେ ଏବେ ୨୨୨ ଆସନ ଥିବାବେଳେ ନିର୍ବାଚନରେ ୨୦୦ରୁ ଅଧିକ ସିଟ୍ ଜିତିବା ନେଇ ଭାଜପା ଦୃଢ଼ୋକ୍ତି ବାଢ଼ିଛି। ତେବେ ଗୈରିକ ଦଳ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଅତିକ୍ରମ କରିପାରିବ ନାହିଁ ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) କହିସାରିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ୨୫ ଦିନିଆ ରଥଯାତ୍ରା ହେବ। ପ୍ରଶାସନଠାରୁ ଅନୁମତି ନେବାକୁ ସରକାର କହିବା ପରେ ରାଜନୀତି ଆରମ୍ଭ ହୋଇଛି। କୋଭିଡ୍-୧୯ ସଙ୍କଟ ବଢ଼ିବା ଓ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ରଥଯାତ୍ରା ବନ୍ଦ ପାଇଁ ଆଇନଜୀବୀ ରାମପ୍ରସାଦ ସର୍କାର କାଲକାଟା ହାଇକୋର୍ଟରେ ଏକ ପିଆଇଏଲ୍ ଦାଏର କରିଥିଲେ, ଯାହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ରେ ହେବ। ଇତିମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭାଜପା ଚିଠି ଲେଖି ଅନୁମତି ମାଗିଥିଲା। ସ୍ଥାନୀୟ ପ୍ରଶାସନର ଅନୁମତି ଲୋଡ଼ିବାକୁ ସରକାର କହିଥିଲେ। ଏହାକୁ ନେଇ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ଜବାବରେ ଶାସକ ତୃଣମୂଳ କଂଗ୍ରେସ ଟୁଇଟ୍ କରିଛି, ରାଜ୍ୟ ସରକାର ଭାଜପା କାର୍ଯ୍ୟକ୍ରମକୁ ଅନୁମତି ପ୍ରଦାନ କରିବାକୁ ମନା କରିନାହାନ୍ତି। ସେମାନେ ମନ୍ଦ ଉଦ୍ଦେଶ୍ୟ ରଖି ଭିତ୍ତିହୀନ ଓ ଅସତ୍ୟ ପ୍ରଚାର କରୁଛନ୍ତି। ଭାଜପା ପରିବର୍ତ୍ତନ ନାମରେ ଭୋଟ ଧ୍ରୁବୀକରଣ ଉଦ୍ୟମ ଚଳାଇଥିବା ଟିଏମ୍‌ସିର ଅନେକ ନେତା କହିଛନ୍ତି।

> ରଥଯାତ୍ରା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିନାହାନ୍ତି। ତେଣୁ ଜିଲା ପ୍ରଶାସନ ଏହାକୁ ରୋକିପାରିବ ନାହିଁ। ଲୋକଙ୍କ ପାଖରେ ପହଞ୍ଚିବା ବିରୋଧୀ ଦଳର ମୌଳିକ ଅଧିକାର।
>
> **-କୈଳାସ ବିଜୟଭର୍ଗୀୟ, ଭାଜପା ସାଧାରଣ ସମ୍ପାଦକ**

### ଭାଜପାର ରଥଯାତ୍ରା ରାଜନୀତି



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୫୬,୨୨,୪୩୪ | ୨୩,୦୦,୧୦୨ | ୭,୭୩,୧୬,୩୨୫ |
| ଭାରତ | ୧,୦୮,୧୪,୬୫୬ | ୧,୫୪,୯୫୪ | ୧,୦୫,୦୮,୭୮୨ |
| ଓଡ଼ିଶା | ୩,୩୫,୪୭୬ | ୧୯୦୮(+୫୩) | ୩,୩୨,୬୧୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ମହିଳାଙ୍କ ବେକ କାଟି ମୁଣ୍ଡ ନେଇଯିବା ଘଟଣା

# ମୁଣ୍ଡ ପାଇଁ ମୁଣ୍ଡବିନ୍ଧା



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।

ଭୁବନେଶ୍ୱର,୫।୨(ବ୍ୟୁରୋ)

### ବାୟୋଟେକ୍ ପାର୍କରେ ତନାଘନା

- ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ଅତିରିକ୍ତ ଡିସିପିଙ୍କ ତଦନ୍ତ
- ଶ୍ରମିକଙ୍କ ପାଖରୁ ଛୁରି ଜବତ
- ସର୍ବସାଧାରଣ ସ୍ଥାନରେ ପୋଷ୍ଟର ଲଗାଇବ ପୋଲିସ

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନାର ଅନ୍ଧାରୁଆ ଦାସପୁର ରାସ୍ତା ପାର୍ଶ୍ୱରୁ ଗୁରୁବାର ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାକୁ ନେଇ ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି। ଅପରାଧୀମାନେ ମୁଣ୍ଡକୁ କାଟି ନେଇଯାଇଥିବାରୁ ମହିଳାଙ୍କ ପରିଚୟ ମିଳିପାରୁନି। ଏଥିସହ ଅଭିଯୁକ୍ତଙ୍କୁ ଧରି ଘଟଣାର ପର୍ଦ୍ଦାଫାଶ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିସ୍ଥଳେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୁଣ୍ଡ ମିଳୁ ନ ଥିବାରୁ ପୋଲିସର ମୁଣ୍ଡବିନ୍ଧା ବଢ଼ିଯାଇଛି। ଘଟଣାପରେ ସନ୍ଧାନୀ କୁକୁର ନିକଟରେ ଥିବା ଓଡିଶା ବାୟୋଟେକ୍ ପାର୍କ ଭିତରକୁ ଯାଇଥିଲା। ତେଣୁ ହତ୍ୟା ଘଟଣାର ଖିଅ ଏହିଠାରେ ଲୁଚି ରହିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ମୁଣ୍ଡ ସହ ହତ୍ୟାକରୀଙ୍କ ସୁରାକ ପାଇବା ପାଇଁ ଶୁକ୍ରବାର ଅତିରିକ୍ତ ଡିସିପିଙ୍କ ସମେତ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପୁଣିଥରେ ଘଟଣାସ୍ଥଳ ସହ ବାୟୋଟେକ୍ ପାର୍କକୁ ଯାଇ ଛାନ୍‌ଭିନ୍ କରିଛନ୍ତି। ପାର୍କରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇଛି। ତେବେ ତଦନ୍ତ ସମୟରେ ସେଠାରେ କାର୍ଯ୍ୟକରୁଥିବା କେତେଜଣ ଶ୍ରମିକ ସନ୍ଦେହ ଘେରକୁ ଆସିବାରୁ ସେମାନେ ରହୁଥିବା ଅସ୍ଥାୟୀ ଘରେ ପୋଲିସ ଯାଞ୍ଚ କରିଥିଲା। ମୃତଦେହ ପଡିଥିବା ସ୍ଥାନରୁ ଜବତ ଛୁରି ଭଳି ଶ୍ରମିକଙ୍କ ଘରୁ ଛୁରି ଥିବା ଦେଖି ପୋଲିସ ତାହାକୁ ଜବତ କରିଛି। ସନ୍ଦେହ ବଢୁଥିବାରୁ ପୋଲିସ ୭ରୁ ୮ଜଣ ଶ୍ରମିକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି।

ଅନ୍ୟପକ୍ଷେ ମୃତ ଯୁବତୀଙ୍କ ପରିଚୟ ତଦନ୍ତ ପାଇଁ ଜରୁରୀ ହୋଇଥିବାରୁ ପୋଲିସ ରାଜ୍ୟର ସମସ୍ତ ଜିଲାକୁ ଯୋଗାଯୋଗ କରିଥିବାବେଳେ ପଡୋଶୀ ରାଜ୍ୟକୁ ମଧ୍ୟ ସୂଚନା ପଠାଇବ। ଇତିମଧ୍ୟରେ ପୁରୀରୁ ୨ଟି ଓ ଭୁବନେଶ୍ୱର ନୟାପଲ୍ଲୀର ଗୋଟିଏ ନିଖୋଜ ରିପୋର୍ଟ ଯାଞ୍ଚ କରାଯାଇଥିଲେ ମଧ୍ୟ ମହିଳାଙ୍କ ସହ ସେପରି କିଛି ସାମଞ୍ଜସ୍ୟ ମିଳିନି। ତେଣୁ ପରିଚୟ ପାଇବା ପାଇଁ ମୃତ ମହିଳା ପିନ୍ଧିଥିବା ଡ୍ରେସ୍ ସହ ପୋଷ୍ଟର ତିଆରି କରାଯାଇ ସର୍ବସାଧାରଣ ସ୍ଥାନରେ ଲଗାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।



### ମହିଳା ଗର୍ଭବତୀ ଥିବା ସୂଚନା

ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଥିବାବେଳେ ଏହା ପଛରେ ଆଉ ଏକ ବଡ କାରଣ ଲୁଚି ରହିଥିବା ଜଣାପଡିଛି। ମହିଳାଙ୍କୁ ହତ୍ୟା କରାଯିବାବେଳକୁ ସେ ଗର୍ଭବତୀ ଥିବା ଡାକ୍ତରୀ ମାଇନାରୁ ଜଣାପଡିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହା ତାଙ୍କ ହତ୍ୟାର କାରଣ ଥିବା ସନ୍ଦେହ କରାଯାଉଛି। ପୋଲିସ ଏଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

### ସନ୍ଦେହ ବଢାଉଛି ସନ୍ଧାନୀ କୁକୁର

ଘଟଣାଦିନ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କାଡ୍ ଓ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଯାଞ୍ଚବେଳେ ସେଠାରୁ ଏକ ଛୁରି, ରକ୍ତ ଲଗା ଗ୍ଲୋଭସ୍ ଓ ମୃତ ମହିଳାଙ୍କ କିଛି ପୋଷାକ ପୋଲିସ ଜବତ କରିଥିଲା। ଉକ୍ତ ଛୁରି ଓ ଗ୍ଲୋଭସ୍‌କୁ ସନ୍ଧାନୀ କୁକୁର ଶୁଙ୍ଘିବା ପରେ କିଛି ଦୂରରେ ଥିବା ଓଡିଶା ବାୟୋଟେକ୍ ପାର୍କ ଆଡକୁ ଧାଇଁଥିଲା। ଏହା ପରିସର ପାଣି ଟାଙ୍କି ନିକଟରେ ଥିବା ଟ୍ୟାପ୍ ପାଖରେ ସନ୍ଧାନୀ କୁକୁର ଦୀର୍ଘ ସମୟ ଧରି ଘୂରି ବୁଲିଥିଲା। ପରେ ମୁଖ୍ୟ ଗେଟ୍ ଆଡକୁ ଯାଇଥିଲା। ସନ୍ଧାନୀ କୁକୁର ଯେଉଁ ବାଟ ଦେଇ ପାର୍କ ଭିତରକୁ ପଶିଥିଲା ସେହିପାର୍ଶ୍ୱ ଜଙ୍ଗଲିଆ ହୋଇଥିବାବେଳେ ପାଚେରି ଦୀର୍ଘଦିନ ହେବ ଭାଙ୍ଗିଯାଇଛି। ହତ୍ୟାକାରୀ ସେହି ବାଟଦେଇ ଭିତରକୁ ପଶି ଧୁଆଧୋଇ ହୋଇ ମୁଖ୍ୟ ଗେଟ୍ ବାଟେ ଭିତରକୁ ପ୍ରବେଶ କରିଥିବା ପୋଲିସ ସନ୍ଦେହ କରି ତଦନ୍ତକୁ ସେହି ଦିଗରେ ତ୍ୱରାନ୍ୱିତ କରୁଛି।

# ଟିକା ନ ନେଲେ ଦରମା କଟିବା ସମ୍ଭାବନା

ଭୁବନେଶ୍ୱର, ୫।୨(ବ୍ୟୁରୋ)

### ଆଜିଠୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକା

- ଫଟୋ ସହ ଟୁଇଟ୍ କରିବେ ବରିଷ୍ଠ ଅଧିକାରୀ
- ଟିକା ନେଲେ, ନିବେଦନ କଲେ ସ୍ୱାସ୍ଥ୍ୟ ସଚିବ

ରାଜ୍ୟରେ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ କରୋନା ଟିକାକରଣ ଚାଲିଛି। ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଟିକା ଦିଆଯାଉଛି। ତେବେ ଅଧିକାଂଶ କୋୱିନ୍ ଆପ୍‌ରେ ପଞ୍ଜୀକରଣ କରି ଆସୁ ନ ଥିବାରୁ ଟିକାଦାନ ହାର ବଢୁନି। କଟକ ସମେତ କେତେକ ଜିଲାରେ ଏହି ହାର ବହୁତ କମ୍ ରହିଛି। ଏହାକୁ ଦୃଷ୍ଟିରେ ରଖି କଟକ ଜିଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟିକା ନ ନେଲେ ଦରମା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଭାବନୀ ଶଙ୍କର ଚୟନୀ ସିଏମ୍‌ସି କମିଶନର, ଏସ୍‌ସିବି ଅଧୀକ୍ଷକ ଓ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି। ତେବେ ଏଯାଏ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏପରି ନିର୍ଦ୍ଦେଶ ହୋଇ ନ ଥିଲେ ମଧ୍ୟ ପ୍ରତି ଜିଲା ପ୍ରଶାସନ ଏପରି ପଦକ୍ଷେପ ନେଇପାରିବେ ବୋଲି କୁହାଯାଇଛି। ଆଗକୁ ଅନ୍ୟସବୁ ଜିଲାରେ ମଧ୍ୟ ଏପରି ଦରମାବନ୍ଦର ପଦକ୍ଷେପ ନିଆଯିବା ସମ୍ଭାବନା ରହିଥିବା ସୂଚନା ମିଳିଛି।

ଏପଟେ ଶନିବାରଠାରୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯିବ। ୩ସପ୍ତାହ ଧରି ଏହି ଟିକାକରଣ ଚାଲିବ। ଏଥିପାଇଁ ତାଲିକା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୋଲିସ ଡିଜି, ଏସ୍‌ପି, ଜିଲାପାଳ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଟିକା ନେବେ। ଏହାଛଡ଼ା ଗୃହ, ନଗର ଉନ୍ନୟନ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ଟିକା ନେବା ପରେ ସେମାନେ ଫଟୋ ସହିତ ଟୁଇଟ୍ କରିବେ। ଏହି ଟିକା ସୁରକ୍ଷିତ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସେମାନେ ଜଣାଇବେ। ଫଳରେ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ଏବଂ ଆତ୍ମବିଶ୍ୱାସ ସୃଷ୍ଟି ହେବ।





ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ଟିକା ନେଉଛନ୍ତି।

ଅପରପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଶୁକ୍ରବାର ଟିକା ନେଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ କରୋନା ଟିକା ନେବାପରେ ମହାପାତ୍ର ପ୍ରତିକ୍ରିୟା ରଖି କହିଛନ୍ତି, କରୋନା ଟିକା ସମ୍ପୂର୍ଣ୍ଣ ନିରାପଦ। ନିଜ ପାଳି ଆସିଲେ ଆଗେଇ ଆସି କରୋନା ଟିକାର ଦୁଇଟି ଯାକ ଡୋଜ୍ ନିଅନ୍ତୁ ଓ କରୋନା ଠାରୁ ଦୂରେଇ ରୁହନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ଆଜିଠୁ ପୋଲିସ ନେବେ କରୋନା ଟିକା

ଭୁବନେଶ୍ୱର,୫।୨(ବ୍ୟୁରୋ)

### ଶୁଭାରମ୍ଭ କରିବେ ଡିଜିପି

କରୋନା ଲଢେଇରେ ନିଜ ଜୀବନକୁ ବାଜି ଲଗାଇ ଆଗ ଧାଡିର ଯୋଦ୍ଧା ସାଜିଥିବା ପୋଲିସଙ୍କୁ ଟିକାକରଣରେ ସାମିଲ କରାଯାଇଛି। ରାଜ୍ୟରେ କାର୍ଯ୍ୟରତ ସମସ୍ତ ପୋଲିସ କର୍ମଚାରୀଙ୍କୁ କରୋନା ଟିକା ଦିଆଯିବ। ଶନିବାର ସକାଳ ୯ଟାରେ କଟକ ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଟିକା ଗ୍ରହଣ କେନ୍ଦ୍ରରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ପ୍ରଥମେ ଟିକା ନେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ପରେ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ କରୋନା ଟିକା ନେବେ। ଏ ନେଇ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଟକ-ଭୁବନେଶ୍ୱର ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ସୂଚନା ଦେଇଛନ୍ତି। ତେବେ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନ ହସ୍ପିଟାଲ, ସପ୍ତମ ବାଟାଲିଅନ ହସ୍ପିଟାଲ ଓ ସିପି ଅଫିସ୍ ପରିସରରେ କରୋନା ଟିକା ଦିଆଯିବ। ପୋଲିସ କମିଶନର ଅଫିସ, ଡିସିପି ଅଫିସ, ସପ୍ତମ ବାଟାଲିଅନ, ଏସ୍‌ଏସ୍ ବାଟାଲିଅନ, ରାଜ୍ୟ ଗୋଇନ୍ଦା ବିଭାଗ, ଏସ୍‌ଓଜି, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଆଦି ୧୯ ପ୍ରତିଷ୍ଠାନର ମୋଟ ୮୯୩୭ କର୍ମଚାରୀଙ୍କୁ ଟିକା ଦିଆଯିବ। ସେହିପରି କଟକରେ ନେତାଜୀ ଇନ୍‌ଡୋର୍ ଷ୍ଟାଡିୟମକୁ ଟିକା ଗ୍ରହଣ କେନ୍ଦ୍ର କରାଯାଇଛି। ରାଜ୍ୟ ପୋଲିସ ସଦର ମହକୁମା, ଡିସିପି କଟକ, କ୍ରାଇମବ୍ରାଞ୍ଚ, ଦୁର୍ନୀତି ନିବାରଣ ବିଭାଗ, ହୋମ୍ ଗାର୍ଡ୍, ଫାୟାର ସର୍ଭିସେସ୍, ଷଷ୍ଠ ବାଟାଲିଅନ ଆଦି ୧୧ଟି ପ୍ରତିଷ୍ଠାନର ୬୮୬୭ ପୋଲିସ କର୍ମଚାରୀ ଓ ହୋମ୍ ଗାର୍ଡଙ୍କୁ ଟିକା ଦିଆଯିବ ବୋଲି କମିଶନର ଷଡଙ୍ଗୀ ସୂଚନା ଦେଇଛନ୍ତି।





E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

SKY AUTOMOBILES
BERHAMPUR: 9778202019.

ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.

ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

LEGEND CARS
JEYPORE: 7894442901.
BHAWANIPATNA: 7894442907.

*Offer includes consumer offer, exchange bonus and corporate offer (wherever applicable) on selected models/variants. Above mentioned savings amount is the value of maximum savings on selected models. Terms and conditions apply. The terms and conditions are subject to change without any prior notice. For more details please contact your nearest ARENA dealership. All offers are brought to you by Maruti Suzuki dealers only. Accessories and features shown in the image may not be the part of standard equipment and may vary according to the variant. Images used are for illustration purpose only. All offer are valid till 28th Feb, 2021.

ଆଜିର ମନ୍ତବ୍ୟ

ଭାରତର ରଣନୈତିକ ସ୍ୱାୟତ୍ତତା ବଜାୟ ରଖିବା ପାଇଁ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣରେ ଆତ୍ମନିର୍ଭରଶୀଳତା ଗୁରୁତ୍ୱପୂର୍ଣ୍ଣ।
-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଶୁଭେଚ୍ଛୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମତେ ନଅଣ୍ଟ ସାଇ ଗୋବର**
**ପଡ଼ିଶା ଘରକୁ ଦିଏ ବଡି ମହୁରା।**

ନିଜକୁ ଅଣ୍ଟୁନି ବୋଲି ଚାରିଆଡୁ ଗୁହ ଗୋବର ଭଳି କିଛି ନ ମାନି ଯାହିତାହି ଯାହା ପାଉଛି ଆଣୁଛି। କିନ୍ତୁ ମୁଁ ବଡ଼ଲୋକ, ଭଲରେ ଚଳୁଛି ଦେଖେଇ ହେବା ପାଇଁ ସାଇ ପଡ଼ିଶାରେ ନ' ଡିଅଣ ଛ' ଭଜା କରି ବାଣ୍ଟିବା କଥା। ଢୁଛାଟାରେ ନିଜର ବଡ଼ଲୋକି ଅନ୍ୟଆଗରେ ଜାହିର କରୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମାଡୁଆ ମହାଦେବ**
**ମାଡ଼ ଖାଇଲେ ବରଦେ।**

ମହାଦେବ କୋପରେ ମଧ ବର ଦିଅନ୍ତି। ଅର୍ଜୁନ ମହାଦେବଙ୍କୁ ପରାସ୍ତ କରି ପାଶୁପତ ଅସ୍ତ୍ର ପାଇଥିଲେ। ବର୍ଷା ହେବା ପାଇଁ ମହାଦେବଙ୍କୁ ନେଇ ଖରାରେ ରଖନ୍ତି। ଖରାଖିଆ ମହାଦେବ ଖରା ଖାଇଲେ ବର୍ଷା ହେବ ବୋଲି ଲୋକକଥା ରହିଛି। ସେହିପରି ମାଡ଼ ବସିଲେ ଚୋର ଠୁ ସବୁ କଥା ବାହାରେ। ଧମକ, ଚମକ ତଥା ଭୟ ଓ ମାଡ଼ ଦ୍ୱାରା ସବୁ କଥା ଆଦାୟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ରେପୋ ରେଟ୍ ...

ବୋଲି କମିଟିର ସମସ୍ତ ସଦସ୍ୟ ଭୋଟ୍ ଦେଇଛନ୍ତି। ସେହିଭଳି ଅର୍ଥ ବ୍ୟବସ୍ଥା ଉପରେ କୋଭିଡ୍-୧୯ ଚାପକୁ କମାଇବା ଏବଂ ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ମୁଦ୍ରାସ୍ଫୀତି ରହିବ ବୋଲି କମିଟି ଆଶାବାଦୀ ରହିଛି। ସେହିଭଳି କ୍ୟାଶ୍ ରିଜର୍ଭ ରେସିଓ (ସିଆର୍‌ଆର୍)କୁ ଆସନ୍ତା ମେ ମାସ ଯାଏ ୩.୫%ରୁ ୪% ବଢ଼ାଯିବ। କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ବ୍ୟାଙ୍କଗୁଡିକର ଅର୍ଥ ଜମା ହେଲେ ଏହାକୁ ଆର୍‌ବିଆଇ ଓପନ ମାର୍କେଟ ଅପରେଶନ (ଓଏମ୍‌ଓ) ଏବଂ ନଗଦ ପଦକ୍ଷେପ ଦିଗରେ ବ୍ୟବହାର କରିପାରିବ।

ସରକାରଙ୍କ ଉଚ୍ଚ ପରିମାଣର ଋଣକୁ ପରିଚାଳନା କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ନୂଆ ପଦକ୍ଷେପ ଗ୍ରହଣ କରିଛି। ଏହାଦ୍ୱାରା ରିଟେଲ ନିବେଶକମାନେ ବର୍ତ୍ତମାନ ସରକାରୀ ପ୍ରତିଭୂତିରେ ନିବେଶ କରିବାର ପ୍ରତ୍ୟକ୍ଷ ବିକଳ୍ପ ଲାଭ କରିପାରିବେ। ଅର୍ଥ ବ୍ୟବସ୍ଥାରେ ଏବେ ସୁଧାର ଆସୁଥିବାରୁ ଅଭିବୃଦ୍ଧି ଅନୁମାନକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆଶାବାଦୀ ରହିଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୦.୫% ରହିବା ନେଇ ଆକଳନ କରାଯାଇଛି। ସରକାରଙ୍କ ଅର୍ଥନୈତିକ ସର୍ଭେରେ କରାଯାଇଥିବା ୧୧% ଅନୁମାନଠାରୁ ଏହା ନିମ୍ନ ବୋଲି ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୭% ଖସିବା ନେଇ ଅନୁମାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ୬ ମାସରେ ମୁଦ୍ରାସ୍ଫୀତି ୫ରୁ ୫.୨% ଏବଂ ତୃତୀୟ ତ୍ରୈମାସରେ ୪.୩%କୁ ଖସିବା ନେଇ ଆକଳନ କରାଯାଇଛି। ଶକ୍ତିକାନ୍ତ ପୁଣି କହିଛନ୍ତି, ଭାକ୍ସିନ ପ୍ରଦାନ ଧାରା ତ୍ୱରାନ୍ୱିତ ହୋଇଥିବା ବେଳେ ଅଭିବୃଦ୍ଧି ଧାରା ଉନ୍ନତ ହେଉଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ଉର୍ଦ୍ଧ୍ୱଗାମୀ ହୋଇ ଚାଲିଛି।

କେନ୍ଦ୍ରୀୟ ବ୍ୟାଙ୍କ କେତେକ ଉନ୍ନତିମୂଳକ ପଦକ୍ଷେପ ହାତକୁ ନେଇଛି। ଏହା ମଧ୍ୟରେ ଏନ୍‌ବିଏଫ୍‌ସିଗୁଡିକୁ ଟିଏଲ୍‌ଟିଆର୍‌ଓ(ଟାର୍ଗେଟେଡ୍ ଲଙ୍ଗ୍‌ଟର୍ମ ରେପୋ ଅପରେଶନ) ଯୋଜନାରେ ସାମିଲ କରାଯାଇଛି। ଏହାଦ୍ୱାରା ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇ ଋଣ ଯୋଗାଣକାରୀଙ୍କୁ ଋଣ ପ୍ରଦାନ କରିବା ଲାଗି ଉତ୍ସାହିତ ହୋଇପାରିବେ। ଏଥିଲାଗି ଉଚ୍ଚ ହାରରେ ସିଆର୍‌ଆର୍ ଆବଶ୍ୟକତା ପଡିବ ନାହିଁ। ଆର୍‌ବିଆଇର ଧାର୍ଯ୍ୟଲକ୍ଷ୍ୟ ପରିସରକୁ ମୁଦ୍ରାସ୍ଫୀତିକୁ ଆଣିବା ଲାଗି ପଦକ୍ଷେପ ନିଆଯାଉଥିବା ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି। ସାଧାରଣ ବଜେଟ ପରେ ଏହା ମୁଦ୍ରାନୀତି କମିଟିର ପ୍ରଥମ ବୈଠକ। ଦେଶର ନୋମିନାଲ ଜିଡିପି ଅଭିବୃଦ୍ଧି ୧୪.୫%କୁ ବୃଦ୍ଧି ଏବଂ ଆସନ୍ତା ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୬.୮% ରହିବା ନେଇ ଆକଳନ କରାଯାଇଛି। ସରକାରଙ୍କ ୧୨ ଲକ୍ଷ କୋଟି ଟଙ୍କାର ଋଣ ଗ୍ରହଣ କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ବ୍ୟାଙ୍କ ପରିଚାଳନା କରିବାକୁ ଥିବାରୁ ଏହାକୁ ନେଇ କୌଣସି ଚିନ୍ତିତ ହେବାର ପ୍ରସଙ୍ଗ ନାହିଁ ବୋଲି ଶକ୍ତିକାନ୍ତ ମତ ରଖିଛନ୍ତି। ଏ କ୍ଷେତ୍ରରେ ସେ ଅଂଶୀଦାରଙ୍କ ସହଯୋଗ ଲୋଡ଼ିଛନ୍ତି।

### କୋଟିଆକୁ ୧୮ ...

ଭାବେ ଗଢ଼ାଯିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଅଞ୍ଚଳକୁ ଗସ୍ତ କରିବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟର ବିକାଶ ଉପରେ ଫୋକସ୍ କରି ମୁଖ୍ୟମନ୍ତ୍ରୀ କହିଲେ, ମାଲକାନଗିରିରୁ ମୟୂରଭଞ୍ଜ, କୋରାପୁଟରୁ କଟକ ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ବିକାଶର ସୁଫଳ ପ୍ରତି ପରିବାର ପାଖରେ ପହଞ୍ଚାଇବା ଏକମାତ୍ର ଲକ୍ଷ୍ୟ। ଓଡ଼ିଶା ଆମର ମା'। ଓଡ଼ିଆ ଆମର ଭାଷା। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମର ବଡ଼ଠାକୁର। ଜଗନ୍ନାଥ ସଂସ୍କୃତି ଆମର ସଂସ୍କୃତି। କୋରାପୁଟକୁ ଆମେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି କହିଥାଉ। ସ୍ୱାଧୀନତା ସଂଗ୍ରାମରେ କୋରାପୁଟର ବଡ଼ ଭୂମିକା ରହିଛି। ଏହି ଅବସରରେ ସେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବିକାଶମୂଳକ କାର୍ଯ୍ୟକ୍ରମ ଯୋଗୁ କୋଟିଆ ପଞ୍ଚାୟତର ଉନ୍ନତି ଘଟିଛି। ଅଞ୍ଚଳବାସୀ ମୌଳିକ ସୁବିଧା ପାଇପାରୁଛନ୍ତି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ୍ ପାଢ଼ୀ ମଧ୍ୟ କୋଟିଆର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଟିଆ ପଞ୍ଚାୟତର ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ଜିଲାର ବିକାଶମୂଳକ କାର୍ଯ୍ୟକ୍ରମର ସୁଫଳ ଲୋକମାନେ କିପରି ପାଉଛନ୍ତି ସେ ବିଷୟରେ ମତାମତ ରଖିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋରାପୁଟ ଜିଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୋଟିଆ ଅଞ୍ଚଳର ବିକାଶ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ଅର୍ଥ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

### ଦଳଦଳ ହେଲେଣି ...

ଦଳ ପାଇଁ ଲାଗୁ ହେଉଛି। ସେହି ଅନୁଯାୟୀ ଦଳଗୁଡ଼ିକ ସେମାନଙ୍କ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସେମାନଙ୍କ ପ୍ରୟୋଜନୀୟ ରିପୋର୍ଟ ଦାଖଲ କରିଥାନ୍ତି।

### ଚକା ଜାମ୍ କରିବେ ...

ଜଣାଇବା ପାଇଁ କୃଷକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଡାକରାକୁ ମଧ୍ୟ ଓଡ଼ିଶାର କୃଷକ ସଂଗଠନଗୁଡ଼ିକ ସମର୍ଥନ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ଓ ଜାତୀୟ ରାଜପଥରେ କୃଷକମାନେ ଆନ୍ଦୋଳନ କରିବେ ବୋଲି ନବ ନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି। ଏହି ଆନ୍ଦୋଳନକୁ ଓଡ଼ିଶା କଂଗ୍ରେସ ମଧ୍ୟ ସମର୍ଥନ କରିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, କୃଷି ଉପରେ ଦେଶର ଶତକଡ଼ା ୭୦ ଭାଗ ଲୋକ ନିର୍ଭର କରୁଛନ୍ତି। ସେମାନଙ୍କର ଦାବି ପାଇଁ କଂଗ୍ରେସ ସମର୍ଥନ ଦେଇ ଆସିଛି। ଶନିବାର ହେବାକୁ ଥିବା ଆନ୍ଦୋଳନକୁ ମଧ୍ୟ କଂଗ୍ରେସ ସମର୍ଥନ କରୁଛି ବୋଲି ସେ କହିଛନ୍ତି। ଚକାଜାମକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ରାଜ୍ୟର ସମସ୍ତ ଆହାର କେନ୍ଦ୍ରକୁ ବନ୍ଦ କରିବାକୁ ଭୁବନେଶ୍ୱର ମହାନଗର ନିଗମ ନିଷ୍ପତ୍ତି ନେଇଛି। ଏ ନେଇ ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାକୁ ବଢାଇ ଦେଇପାରେ। ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କର୍ମକ୍ଷେତ୍ରରେ ସୁପରାମର୍ଶଦାତା ଭାବରେ ଆଦରଣୀୟା ହେବେ।

**ବୃଷ** - କାର୍ଯ୍ୟ ହାସଲ ନିମିତ୍ତ ସମ୍ପର୍କୀୟମାନଙ୍କ ସାହାଯ୍ୟ ପ୍ରାପ୍ତିର ଆଶା ରଖିପାରନ୍ତି। କର୍ମକ୍ଷେତ୍ରରେ ମଧ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ମଙ୍ଗଳ କ୍ଷେତ୍ରସ୍ଥ ଚନ୍ଦ୍ର କାରଣରୁ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ ଓ ଅନୁତାପ କରିପାରନ୍ତି।

**ମିଥୁନ** - ଆଜିର ଷଷ୍ଠଚନ୍ଦ୍ର ଯୋଗୁ ଆନୁଷ୍ଠାନିକ କାର୍ଯ୍ୟ, ପୂର୍ବ ପ୍ରସ୍ତୁତି, ସମ୍ପର୍କୀୟଙ୍କ ମୈତ୍ରୀଭାବ ସୃଷ୍ଟି କରିବ। ଏହା ସଙ୍ଗକୁ ଅର୍ଥନୈତିକ ପ୍ରଗତି କାର୍ଯ୍ୟ କ୍ଷେତ୍ର, ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ ଖୋରାକ ଯୋଗାଇବ। ପୁନର୍ବସୁ ନକ୍ଷତ୍ର ପାଇଁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ନିଜ ଲୋକମାନେ ଈର୍ଷା କରି ପରିସ୍ଥିତିକୁ ଭିନ୍ନ ରୂପ ଦେବେ।

**କର୍କଟ** - ଉନ୍ନତ ଚିନ୍ତା ଓ ଯୋଜନା ସହ ପ୍ରତ୍ୟେକ କାର୍ଯ୍ୟକୁ ସମ୍ମାନର ସହ କରିପାରିବେ। ସ୍ୱାସ୍ଥ୍ୟରେ ଉନ୍ନତି, ଶତ୍ରୁମାନଙ୍କ ଅଧୋଗତି, ବିବାଦର ଅବସାନ, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ। ବୁଧଙ୍କ କୁପ୍ରଭାବରୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** - ଚନ୍ଦ୍ରଙ୍କ ଦୁର୍ବଳତା ମାନସିକ ସ୍ଥିତିକୁ ଅସ୍ଥିର କରାଇଲା ସମୟରେ ଆର୍ଥିକ ପ୍ରଗତିର ସହାୟକ ହେବ। ଆଜିର ଯାତ୍ରା, ବିବାଦ, ଗୃହାରମ୍ଭ ସକାଶେ ଅନୁକୂଳ ରହିବ ନାହିଁ। ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ନିଜେ ଜଳି ଅନ୍ୟକୁ ଆଲୋକ ପ୍ରଦାନ କଲାଭଳି ପରୋପକାରରୁ ପ୍ରଶଂସିତ ହେବେ।

**କନ୍ୟା** - ଆଜି ଧନସ୍ଥାନକୁ ମଙ୍ଗଳ ଦୃଷ୍ଟିରୁ ପାଇଥିବା ଧନ ହରାଇବେ ଏବଂ ଭଲ କଥା କହି ମଧ୍ୟ ସମାଲୋଚିତ ହେବାକୁ ପଡିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ବିଶ୍ୱାସଘାତ କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା** - ଅର୍ଥସମ୍ପର୍କୀୟ ଏବଂ କର୍ମକ୍ଷେତ୍ର ସମ୍ପର୍କୀୟ ସମସ୍ୟା ସମାଧାନରେ ସଫଳ ହେବେ। ଆକସ୍ମିକ ଭାବେ କୌଣସି ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ସକାଳ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** - କର୍ମକ୍ଷେତ୍ରର ପରିସ୍ଥିତି କ୍ରମଶଃ ସୁଧୁରିଯିବ ଏବଂ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ବିଭିନ୍ନ କ୍ଷେତ୍ରରେ ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ଶିକ୍ଷା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** - ପ୍ରତିଟି କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପରିସ୍ଥିତିକୁ ସରଗରମ ରଖିବ। ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ପଡୋଶୀ ସହ ସମ୍ପର୍କ ବୃଦ୍ଧି, ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ମାନସିକ ସ୍ଥିତିକୁ ଭଲ ରଖିବ।

**ମକର** - ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅବଶ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଉତ୍ତରାଷାଢା ନକ୍ଷତ୍ରର ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** - ଆଜି ଶତଭିଷା ନକ୍ଷତ୍ର ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ କରି ପ୍ରଶଂସିତ ହେବେ। ବ୍ୟବସାୟରୁ ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବେ। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ।

**ମୀନ** - ଆଜି ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭକରି ଖୁସି ହେବେ। ରେବତୀ ନକ୍ଷତ୍ର ପରିବାର ମଧ୍ୟରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସାମାଜିକ ସ୍ତରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ।

ଆଜି ମାଘ କୃଷ୍ଣ ନବମୀଯୁକ୍ତ ଦଶମୀ ଶନିବାର, ଫେବୃୟାରୀ ୬ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦.୦୮ମି. ଗତେ ଘ.୦୧.୦୮ମି. ମଧ୍ୟେ, ରାତ୍ରି ଘ.୦୮.୧୦ମି.ଗତେ ଘ.୧୦.୪୪ମି. ମଧ୍ୟେ ଅମୃତବେଳା। ଦିବା ଘ.୦୯.୧୨ମି. ଗତେ ଘ.୧୦.୩୬ମି. ମଧ୍ୟେ ରାହୁକାଳ।

## କଂଗ୍ରେସକୁ ୧୩୯ କୋଟି ଚାନ୍ଦା

■ ସିବଲ ଦେଇଛନ୍ତି ୩ କୋଟି, ସୋନିଆ ୫୦ ହଜାର

ନୂଆଦିଲ୍ଲୀ, ୫।୨

୨୦୧୯-୨୦ରେ କଂଗ୍ରେସ ୧୩୯ କୋଟି ଟଙ୍କା ସଂଗ୍ରହ କରିଛି। ବରିଷ୍ଠ ନେତା କପିଲ ସିବଲ ସର୍ବାଧିକ ୩ କୋଟି ଟଙ୍କା ଦଳକୁ ଦେଇଛନ୍ତି। ପାର୍ଟି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୫୦ ହଜାର ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୫୪ ହଜାର ଟଙ୍କା ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧ ଲକ୍ଷ ୮ ହଜାର ଦେଇଛନ୍ତି। କଂଗ୍ରେସର ଏହି ରିପୋର୍ଟକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ସାର୍ବଜନୀନ କରାଯାଇଛି। ଆଇଟିସି ଓ ସହଯୋଗୀ କମ୍ପାନୀ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ସେହିପରି ପ୍ରୁଡେଣ୍ଟ ନିର୍ବାଚନୀ ଟ୍ରଷ୍ଟ ପକ୍ଷରୁ ଦଳକୁ ୩୧ କୋଟି ଟଙ୍କା ଦାନ କରାଯାଇଛି। ୨୦ ହଜାରରୁ ଅଧିକ ଟଙ୍କା ଦାନର ପରିମାଣ ମୋଟ ୧୩୯ କୋଟି ୧ ଲକ୍ଷ ୬୨ ହଜାର ରହିଥିବା ସୂଚନା ଦିଆଯାଇଛି।

ନିର୍ବାଚନୀ ନିୟମ ଅନୁଯାୟୀ, ରାଜନୈତିକ ଦଳଗୁଡ଼ିକ କୌଣସି ବ୍ୟକ୍ତି, ସଙ୍ଗଠନ, କମ୍ପାନୀ କିମ୍ବା ନିର୍ବାଚନୀ ଟ୍ରଷ୍ଟ ପକ୍ଷରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇଥିଲେ ତାହାର ଏକ ରିପୋର୍ଟ ଦାଖଲ କରିବେ। ଏହି ରିପୋର୍ଟରେ ଆନନ୍ଦ ଶର୍ମା ୫୪ ହଜାର, ଶଶି ଥରୁର ୫୪ ହଜାର, ଗୁଲାମ ନବୀ ଆଜାଦ ୫୪ ହଜାର, ମିଳିନ୍ଦ ଦେଓରା ୧ ଲକ୍ଷ ଏବଂ ରାଜ ବାବର ୧ ଲକ୍ଷ ୮ ହଜାର ଟଙ୍କା ଦେଇଥିବା ଦର୍ଶାଯାଇଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଏ. କେ. ଆଣ୍ଟୋନି, କୁମାରୀ ସେଲଜା, ସ୍ୱର୍ଗତ ଅହମ୍ମଦ ପଟେଲ ପ୍ରମୁଖଙ୍କ ନାଁ ମଧ୍ୟ ଏହି ତାଲିକାରେ ରହିଛି। ଗତ ବର୍ଷ ମାର୍ଚ୍ଚରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ୫୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଗତ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ଏହି ରିପୋର୍ଟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିଲା।


## classifieds Everyday
0674-2580101, 2549302




**SALE**

NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aରେ କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292. D-19864

Bhubaneswar ତ୍ରିଶୂଳିଆଛକରୁ 1କି.ମି., Highcourtରୁ 3କି.ମି. ନନ୍ଦନକାନନରୁ 4କି.ମି. ସ୍ଥିତିବାନ ପ୍ଲଟ୍ sqft. 800/-ରେ ମିଳୁଛି। Immediate possession registration with 30ft. road, electrification. 9437834861. D-19861

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

Gharabari plot sale at near New Bhubaneswar Railway station, well developed and demarcated 1500sqft. 15,00,000/-. 8917596626, 7327881290. D-70170

Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766. D-19562

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932. D-69370

Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511. D-69369

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745. D-70161

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

Plot Sale Kateni, near Vikas Residential School sqft-550. 8260171343. D-19865

6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112. D-70163

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Residential land/ plot immediately sale 2400sft. BDA plot Sum Hospital, 3000sft. Jharpada, 2200sft. Garage Square & 3000sft. Palasuni, Bhubaneswar please Contact: DEEPAK-9937329999. D-69967

ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 700/-ରେ ମିଳୁଛି। 9090963952. D-70153

3BHK duplex at Atala near Hanspal Square handover on December 2021 & yellowzone plot at Ghatikia near Khandagiri Square: 9438419823, 9337086655. D-69683

Ready to move Duplex for sale at DHPL Villa One Kalarahanga. Contact 9937059891. D-19591

Ready to move 1BHK at DHPL Villa One Kalarahanga. Cost 2300000/-, Contact-9937059891. D-19868




For construction only in your plot inside Bhubaneswar area, contact MRC-9937064680. D-27287

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




House rooms for girls hostel purposes for College Institute. 7377774777. D-19863

TOLET COLD STORAGE 15×12×10 Near Rasulgard. Bhubaneswar. 7377774777 D-19862




Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789




New opening Saikrupa Panchakarma and SPA jointpain, fullbody massage, 8984068077. D-65910

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

Get refreshment Body Massage by Expert Therapist. Contact for: 6371537969. D-70516

Swarna SPA newly open positively health benefits with expert therapist. 9556978408. D-70519

Newly open full body massage ladies and gents. 9337349409. D-70423

Only for 300 body massage ladies and gents therapist. 9583808247. D-19824

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520




SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାଲେଶ୍ୱରରେ ହେବ ବଜ୍ରପାତ ଗବେଷଣା କେନ୍ଦ୍ର

#### ବର୍ଷକୁ ଯାଉଛି ୩୦୦ ଜୀବନ

**ଭୁବନେଶ୍ୱର,(ବ୍ୟୁରୋ)/ବାଲେଶ୍ୱର ଅଫିସ, ୫।୨:** ଦେଶର ପ୍ରଥମ ବଜ୍ରପାତ ଗବେଷଣା କେନ୍ଦ୍ର (ଥଣ୍ଡରଷ୍ଟର୍ମ ରିସର୍ଚ୍ଚ ଟେଷ୍ଟ ବେଡ୍) ବାଲେଶ୍ୱରରେ ପ୍ରତିଷ୍ଠା ହେବ। ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ଡାଇରେକ୍ଟର ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ଭୂ-ବିଜ୍ଞାନ ମନ୍ତ୍ରଣାଳୟ କାମ ଆରମ୍ଭ କରିବ ବୋଲି ସେ କହିଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରେ ପ୍ରତ୍ୟେକ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଅଧିକ ମାତ୍ରାରେ ବଜ୍ରପାତ ହୋଇଥାଏ। ଏହାଦ୍ୱାରା ବହୁ ସଂଖ୍ୟାରେ ଧନଜୀବନ ନଷ୍ଟ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଉକ୍ତ ଗବେଷଣା କେନ୍ଦ୍ର କରିବାକୁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଓଡ଼ିଶାରେ ପ୍ରାୟ ୩୦୦ଲୋକ ବଜ୍ରପାତର ଶିକାର ହୋଇଥାନ୍ତି। ଉତ୍ତର ଓଡ଼ିଶା ବଜ୍ରପାତପ୍ରବଣ ଅଞ୍ଚଳ। ବିଶେଷ କରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବଜ୍ରପାତଜନିତ ମୃତାହତଙ୍କ ସଂଖ୍ୟା ଅଧିକ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ବଜ୍ରପାତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ଆଇଏମ୍‌ଡି ପ୍ରସ୍ତାବ ଦେଇଛି। ଆଇଏମ୍‌ଡି, ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ), ଭୂ-ବିଜ୍ଞାନ ମନ୍ତ୍ରଣାଳୟ ସହ ଡିଆର୍‌ଡିଓ ମିଳିତ ଭାବେ ଏଥିପାଇଁ କାମ କରିବେ। ଏହି କେନ୍ଦ୍ରରେ ଅତ୍ୟାଧୁନିକ ପାଣିପାଗ ମାପକ ଯନ୍ତ୍ର ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ରହିବ। କାଳବୈଶାଖୀ କିମ୍ବା ବଜ୍ରପାତ ପୂର୍ବରୁ ଆଗୁଆ ଓ ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ପୂର୍ବାନୁମାନ କରାଯାଇପାରିବ। ଭାରତରେ ପ୍ରଥମଥର ପାଇଁ ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ। ଏହି ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବାକୁ ପ୍ରାୟ ୫ ବର୍ଷ ଲାଗିବ। ବୈଜ୍ଞାନିକମାନଙ୍କର ଏକ ମିଳିତ ଟିମ୍ କାମ କରିବାକୁ ଥିବାବେଳେ ବଜ୍ରପାତ ଯୋଗୁ ଧନଜୀବନ ହାନି ରୋକିବାରେ ଏହା ସହାୟକ ହେବ ବୋଲି ମହାପାତ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବଜ୍ରପାତ ଯୋଗୁ ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୩୨୧୮ ଜଣଙ୍କର ଜୀବନ ଯାଇଛି।

# ଜେଲକୁ ଫେରିଲେ ରାକେଶ

### ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- ଅଭିଯୁକ୍ତଙ୍କ ମୋବାଇଲ ଫୋନର ଡାଟା ରିକଭରି ପାଇଁ ପୋଲିସର ପ୍ରୟାସ
- ଦିନେ ଦୁଇଦିନ ମଧ୍ୟରେ ଖୋଲିବ ମୃତ୍ୟୁ ରହସ୍ୟ: ଏସ୍‌ଡିପିଓ



**ଯାଜପୁର ଅଫିସ/ରସୁଲପୁର/ ଯାଜପୁର ଟାଉନ(ଡି.ଏନ.ଏ.),୫।୨**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ (୨୧)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଦିନକୁ ଦିନ ଭିନ୍ନମୋଡ ନେଉଛି। ଘଟଣାର ୧୦ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୋଲିସ ମୃତ୍ୟୁର କାରଣ ଖୋଜିବାରେ ବିଫଳ ହୋଇଛି। ୩ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଶୁକ୍ରବାର କୁଆଖିଆ ଥାନା ପୋଲିସ ଗିରଫ ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଇଥିଲା। କୋର୍ଟ ରାକେଶଙ୍କୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଯାଜପୁର ଟାଉନ ଉପ କାରାଗାରକୁ ପଠାଇ ଦେଇଛନ୍ତି। ତେବେ ରାକେଶଙ୍କୁ ନେଇ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ତାଙ୍କ ଘରକୁ ଖାନତଲାସି କରିବା ସମୟରେ ତାଙ୍କ ମୋବାଇଲ ଫୋନ ପୋଲିସ ହାତରେ ଲାଗିଛି। ତାହାକୁ ଟ୍ରାକ୍ କରି ଘଟଣାର ରହସ୍ୟ ଖୋଲିବ ବୋଲି ପୋଲିସ ଆଶା ରଖିଛି। ଅନ୍ୟପକ୍ଷରେ ପ୍ରମାଣ ନଷ୍ଟ କରିବାକୁ ଯାଇ ରାକେଶ ମୋବାଇଲରୁ ବହୁ ତଥ୍ୟ ନଷ୍ଟ କରି ଦେଇଥିବା ପୋଲିସ ଆଶଙ୍କା କରୁଛି। ତେଣୁ ମୋବାଇଲର ଡାଟାଗୁଡ଼ିକୁ ରିକୋଭରି ପାଇଁ ଲ୍ୟାବ୍‌କୁ ପଠାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଝରାଫୁଲଙ୍କ ମୋବାଇଲ ଫୋନ ମିଳୁ ନ ଥିବାରୁ ଉଭୟଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ, ଚାଟିଂ, ଭିଡିଓ କଲିଂ, ଫଟୋ ଆଦି ସମ୍ପର୍କରେ ଅବଗତ ହେବା ପାଇଁ ପୋଲିସକୁ ରାକେଶଙ୍କ ମୋବାଇଲ ସହାୟକ ହେବ ବୋଲି କୁହାଯାଉଛି। ଅପରପକ୍ଷରେ ଗ୍ରାଉଣ୍ଡ ତଦନ୍ତ ଶେଷ ହେବା ପରେ ଭିସେରା ରିପୋର୍ଟକୁ ପୋଲିସ ଅପେକ୍ଷା ରହିଛି। ରାକେଶଙ୍କ ସହଯୋଗୀ ଶକ୍ତି ପ୍ରସାଦ ସ୍ୱାଇଁଙ୍କୁ ପୋଲିସ ଧରିବାକୁ ତନାଘନା ଚଳାଇଥିଲେ ହେଁ ତାହା ସଫଳ ହୋଇ ପାରିନାହିଁ। ଏହାଛଡ଼ା ପୋଲିସ ଜେରା ସମୟରେ ରାକେଶ ମିଥ୍ୟା ତଥ୍ୟ ଦେଇଥିବାରୁ ତଦନ୍ତ ବାଟବଣା ହୋଇଥିବା କୁହାଯାଉଛି। ଏପରି କି ଝରାଫୁଲଙ୍କ ଶରୀର ଗୁରୁତର ଆଘାତପ୍ରାପ୍ତ ହୋଇଥିବା ଶବବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଥିବା ଶୁଣିବାକୁ ମିଳିଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ୍ ଏସ୍‌ଡିପିଓ ତଥା ତଦନ୍ତ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଦିନେ ଦୁଇଦିନ ଅପେକ୍ଷା କରନ୍ତୁ, ସମସ୍ତ ରହସ୍ୟ ଖୋଲାଯିବ।

## ୨୦ ଓଏଫ୍‌ଏସ୍ ଅଫିସରଙ୍କୁ ଆଇଏଫ୍‌ଏସ୍ ପାହ୍ୟା

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ରାଜ୍ୟର ମୋଟ ୨୦ଜଣ ଓଏଫ୍‌ଏସ୍ (ଓଡ଼ିଶା ବନ ସେବା) ଅଫିସରଙ୍କୁ ଆଇଏଫ୍‌ଏସ୍ (ଭାରତୀୟ ବନ ସେବା) ପାହ୍ୟାକୁ ପଦୋନ୍ନତି ମିଳିଛି।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ୟୁପିଏସ୍‌ସି ଦ୍ୱାରା ଏହି ପଦୋନ୍ନତି ମିଳିଛି। ଏମାନଙ୍କୁ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ତରଫରୁ କଞ୍ଜରଭେଟର୍ ଅଫ୍ ଫରେଷ୍ଟ ପଦବୀରେ ଅବସ୍ଥାପିତ କରାଯିବ। ତେବେ ପଦୋନ୍ନତି ପାଇଥିବା ୨୦ଜଣଙ୍କ ମଧ୍ୟରୁ ଦୁଇଜଣ ଅବସର ନେଇସାରିଥିବା ଜଣାପଡିଛି।

୨୦୧୫ ତାଲିକାରେ ୧୮ଜଣ ଅଧିକାରୀଙ୍କୁ ପଦୋନ୍ନତି ମିଳିଥିବାବେଳେ ୪ଜଣଙ୍କ ନାମରେ ଅଫିସିଆଲ ପ୍ରୋସିଡିଂ ଥିବାରୁ କ୍ଲିୟରାନ୍ସ ପାଇବା ପର୍ଯ୍ୟନ୍ତ ସେମାନଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯାଇଛି। ଯେଉଁ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର ଆପରାଧିକ କାର୍ଯ୍ୟାନୁଷ୍ଠାନ କିମ୍ବା ଅନୁଶାସନିକ କାର୍ଯ୍ୟାନୁଷ୍ଠାନ ନେଇଥିଲେ, ସେମାନଙ୍କ ପଦୋନ୍ନତି ସ୍ଥଗିତ ରହିଛି। ୨୦୧୬ରେ ପଦୋନ୍ନତି ପାଇଥିବା ଦୁଇଜଣଙ୍କ ନାମରେ ଅଫିସିଆଲ ପ୍ରୋସିଡିଂ ଥିବାରୁ ପଦୋନ୍ନତିକୁ ସ୍ଥଗିତ ରଖାଯାଇଛି। ସେହିପରି ୨୦୧୭ ତାଲିକାରେ ୫ଜଣ ଅଧିକାରୀଙ୍କୁ ପଦୋନ୍ନତି ମିଳିଥିବାବେଳେ ୨୦୧୮ରେ ମାତ୍ର ଜଣେ ଅଧିକାରୀ ପଦୋନ୍ନତି ପାଇଛନ୍ତି। ନୂଆ ପଦୋନ୍ନତି ପାଇଥିବା ଡିଏଫ୍‌ଓଙ୍କ ମଧ୍ୟରେ ଅନୁଗୋଳ ଡିଏଫ୍‌ଓ ପ୍ରସନ୍ନ କୁମାର ବେହେରା, ରାଜନଗର ବନ୍ୟପ୍ରାଣୀ ଡିଏଫ୍‌ଓ ବିକାଶ ରଞ୍ଜନ ଦାସ, ମହାନଦୀ ବନ୍ୟପ୍ରାଣୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପ୍ରମୁଖ ରହିଛନ୍ତି।

## କୁଡ଼ିଆରେ ଜଳିଗଲେ ମହିଳା

- ଥାନାରେ ହତ୍ୟା ଅଭିଯୋଗ
- ସନ୍ଦେହ ଘେରରେ ସ୍ୱାମୀ
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ.ଏ.), ୫।୨**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ପଞ୍ଚାୟତ ଅନ୍ତର୍ଗତ ଚୁନରଗଡ଼ି ଗ୍ରାମର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ କୁଡ଼ିଆରୁ ଶୁକ୍ରବାର ଜବତ କରାଯାଇଛି। ମୃତକ ହେଲେ ରିଙ୍କି ମହାଖୁଡ଼ (୨୬)। ଘଟଣା ପରେ ସ୍ୱାମୀ ନବକିଶୋର କବାଟଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି ମୃତ ମହିଳାଙ୍କ ଘର ଲୋକେ। ପାରିବାରିକ କହଳରୁ ଝିଅକୁ ପୋଡ଼ି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚରେ ଭୁବନ ଥାନା ବଡ଼କାଠିଆ ଗ୍ରାମର ରିଙ୍କିଙ୍କୁ କଙ୍କଡ଼ାହାଡ଼ ଥାନା ଚୁନରଗଡି ଗ୍ରାମର ନବକିଶୋର ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଶିଶୁକନ୍ୟା ଅଛି। ଗୁରୁବାର ବିଳମ୍ବିତ ରାତିରେ ଘର ପାଖକୁ ଲାଗି ରହିଥିବା ଚାଳିଆ ଘରେ ନିଆଁ ଲାଗିଯାଇଥିଲା। ରିଙ୍କି ଉକ୍ତ ଘର ଭିତରେ ରହିଯାଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିବା ନବକିଶୋର କହୁଛନ୍ତି। ତେବେ ନିଆଁ ଲାଗିଥିବା ଚାଳିଆଟି ଛୋଟ। ଏଥିରେ ଫସି ରହି ଜଣଙ୍କ ମୃତ୍ୟୁ ଘଟିବା ସନ୍ଦେହର ବଳୟ ସୃଷ୍ଟି କରିଛି। ମୃତ ରିଙ୍କିଙ୍କ ଭାଇ ଆଦିତ୍ୟ ପ୍ରସାଦ ମହାଖୁଡ଼ ଭଉଣୀଙ୍କୁ ହତ୍ୟା କରାଯାଇଥିବା କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ମେଡିକାଲକୁ ପଠାଯାଇଛି। ଏ ସଂକ୍ରାନ୍ତରେ ନଂ.୧୪/୨୧, ଦଫା ୪୯୮(ଏ), ୩୦୨, ୩୦୪(ବି) ଓ ୨୦୧ରେ ମାମଲା ରୁଜୁ ହୋଇଛି। ଅଟକ ସ୍ୱାମୀଙ୍କୁ ପଚରାଉଚୁରା କରାଯାଉଥିବା ଥାନାଧିକାରୀ ଆଶିଷ କୁମାର ଜେନା ସୂଚନା ଦେଇଛନ୍ତି।

## ମେ' ୩ରୁ ମାଟ୍ରିକ ପରୀକ୍ଷା, ଖୁବ୍‌ଶୀଘ୍ର କାର୍ଯ୍ୟସୂଚୀ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଖୁବ୍‌ଶୀଘ୍ର ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇବ। ତେବେ ମେ' ୩ ରୁ ୧୨ ପର୍ଯ୍ୟନ୍ତ ସଂସ୍କୃତ ମଧ୍ୟମା ପରୀକ୍ଷା ଓ ୧୫ ପର୍ଯ୍ୟନ୍ତ ଓଡ଼ିଶା ମୁକ୍ତ ବିଦ୍ୟାଳୟ ପରୀକ୍ଷା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ନିଜ ସ୍କୁଲ୍‌ରେ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ। ଅନ୍ୟ ସ୍କୁଲ୍‌ର ଶିକ୍ଷକ ପରୀକ୍ଷା ନିରୀକ୍ଷକ ହେବେ। କେବଳ ଏତିକି ନୁହେଁ, ଅଢ଼େଇ ଘଣ୍ଟା ବଦଳରେ ୨ ଘଣ୍ଟା ପରୀକ୍ଷା ଅବଧି ରହିବ।

## ମୁଖ୍ୟ ଶାସନ ସଚିବଙ୍କୁ ଲୋକାୟୁକ୍ତଙ୍କ ରିପୋର୍ଟ ତଲବ

### ୬୯ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

୨୦୧୫ରୁ ୨୦୨୦ ମସିହା ମଧ୍ୟରେ ୬୯ଜଣ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଛି। ଏ ସଂକ୍ରାନ୍ତ ମାମଲାର ତଦନ୍ତ ପ୍ରକ୍ରିୟାକୁ ଓଡ଼ିଶା ସରକାର ଚାପି ରଖିବା ସହ ରିପୋର୍ଟ ପ୍ରଦାନରେ ଅନେକ ଶିଥିଳତା ପ୍ରଦାନ କରିଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ପିଟିଶନ ହୋଇଥିଲା। ଏହାର ଶୁଣାଣି କରି ଲୋକାୟୁକ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏନେଇ ନୋଟିସ କରିବା ସହ ଆସନ୍ତା ମାର୍ଚ୍ଚ ୧୫ ପରବର୍ତ୍ତୀ ଶୁଣାଣିରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସାମାଜିକ ତଥା ସୂଚନା ଅଧିକାର କର୍ମୀ ଜଟଣୀର ପ୍ରଶାନ୍ତ କୁମାର ମହାପାତ୍ର ଲୋକାୟୁକ୍ତଙ୍କ ନିକଟରେ ଏହି ଅଭିଯୋଗ ଆଣିଥିଲେ। ସେ ତାଙ୍କ ପିଟିଶନରେ ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗରୁ ପାଇଥିବା ଏ ସଂକ୍ରାନ୍ତ ତଥ୍ୟକୁ ଉକ୍ତ ପିଟିଶନରେ ସ୍ଥାନିତ କରିଥିଲେ। ତଥ୍ୟ ଅନୁସାରେ ୨୦୧୫ରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ଶତାଧିକ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲେ ମଧ୍ୟ ୬୯ଜଣଙ୍କ ବିରୋଧରେ ମାମଲା କରିବାକୁ ସରକାର ଅନୁମତି ଦେଇନାହାନ୍ତି। ଏହି ସମୟ ମଧ୍ୟରେ ଅନ୍ୟ ୨୭୭ଜଣଙ୍କ ବିରୋଧରେ ଦୁର୍ନୀତି ମାମଲା କରାଯାଇଛି। କିନ୍ତୁ ଉକ୍ତ ୬୯ ଜଣଙ୍କ ବିରୋଧରେ କାହିଁକି ମାମଲା ଦାଏର କରିବାକୁ ସରକାର ଅନୁମତି ଦେଇ ନ ଥିଲେ ଓ ଅନ୍ୟ କେତେକ ମାମଲାର ତଦନ୍ତ ପ୍ରକ୍ରିୟାରେ ଶିଥିଳତା ସଂକ୍ରାନ୍ତରେ ଜବାବ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍‌ରେ ଉଲ୍ଲେଖ ରହିଛି।




# ୧ ବନାମ ୧୭ ଗାଁ

### ଜଙ୍ଗଲ ରାସ୍ତା ପାଇଁ ଗାଁ ନାକାବନ୍ଦୀ



ଗୁଡୁପାଙ୍ଗି ଗାଁକୁ ନାକାବନ୍ଦୀ କରିଥିବା ଲୋକମାନଙ୍କ ସହ ପ୍ରଶାସନର ଆଲୋଚନା।

**ନୟାଗଡ଼ ଅଫିସ,୫।୨**

ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣକୁ ନେଇ ସାଢ଼େ ୩ ବର୍ଷରୁ ଲାଗିରହିଥିବା ବିବାଦ ଗୁରୁବାର ବିଳମ୍ବିତ ରାତିରୁ ଉଗ୍ରରୂପ ନେଇଛି। ନୟାଗଡ ସଦରଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା ଓ ଖଣ୍ଡୁଗାଁ ପଞ୍ଚାୟତର ୧୭ଟି ଗାଁର ଲୋକେ ଗୁଡୁପାଙ୍ଗି-ଦେଉଳି ରାସ୍ତାର ଦେଉଳିଠାରେ ଗଛ, ପଥର ପକାଇ ଗୁରୁବାର ବିଳମ୍ବିତ ରାତିରୁ ଅବରୋଧ କରିଥିଲେ। ଶୁକ୍ରବାର ସେମାନେ ଠେଙ୍ଗା ଏବଂ ଧନୁତୀର ଧରି ରାସ୍ତାକୁ ଜଗି ରହିଥିଲେ। ଫଳରେ ଗୁଡୁପାଙ୍ଗି ଗାଁର ଲୋକେ ନାକାବନ୍ଦୀ ହୋଇ ବାହାରକୁ ଆସି ପାରି ନ ଥିଲେ। ଖବର ପାଇ ନୟାଗଡ଼ ଉପଜିଲାପାଳ, ଡିଏଫଓ, ନୂଆଗାଁ ତହସିଲଦାର, ସଦର ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଛି।

ସୂଚନା ଅନୁସାରେ ମାଳିସାହି ପଞ୍ଚାୟତର ଢିପାମାଳ, ନୂଆସାହି, ରାଜନପଲ୍ଲୀ ଓ ଚକାପଥର ଗାଁରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରନ୍ତି। ଏହି ଗାଁଗୁଡ଼ିକୁ ରାସ୍ତା କରାଯିବା ଦାବି ପରେ ବଳଭଦ୍ରପୁରଠାରୁ ଢିପାମାଳ ୬ କି.ମି. ରାସ୍ତା ନିର୍ମାଣ ପାଇଁ ଡିଆର୍‌ଡିଏ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪.୮୫କୋଟି ଟଙ୍କା ମଞ୍ଜୁର ହୋଇ ରାସ୍ତା କାମ ଆରମ୍ଭ ହୋଇଥିଲା। ଉକ୍ତ ୬ କି.ମି. ରାସ୍ତା ମଧ୍ୟରେ ରହିଛି ଗୁଡୁପାଙ୍ଗି ନିକଟ ଜଙ୍ଗଲର ପାଦଚଲା ରାସ୍ତା। ହେଲେ ଜଙ୍ଗଲ ନଷ୍ଟ ହେବା ଅଭିଯୋଗ କରି ରାସ୍ତାକାମକୁ ଗୁଡୁପାଙ୍ଗିର କେତେଜଣ ବିରୋଧ କରିଥିଲେ। ବିବାଦର ସମାଧାନ ପାଇଁ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ବୈଠକ କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏହି ରାସ୍ତା ବିବାଦ ୨୦୧୭ ଜୁଲାଇରେ ବିସ୍ଫୋରକ ରୂପ ନେଇଥିଲା। ଠିକାଦାର ଓ ଦୁଇ ପୋଲିସ କର୍ମଚାରୀ ସେ ସମୟରେ ଆହତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜଙ୍ଗଲ ପାଦଚଲା ରାସ୍ତାକୁ ବାଦ୍ ଦିଆଯାଇ ଭାୟା ଗୁଡୁପାଙ୍ଗି ଦେଇ ରାସ୍ତା ନିର୍ମାଣ କରାଗଲା। ଏଥିରେ ୧୭ ଗାଁର ଲୋକେ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଉକ୍ତ ଜଙ୍ଗଲ ପାଦଚଲା ରାସ୍ତାରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି। ଗୁରୁବାର ରାତିରେ ରାସ୍ତାରୋକୋ ପରେ ପୁଣି ଉତ୍ତେଜନା ବଢ଼ିଛି।

ଗୁଡୁପାଙ୍ଗି ଗାଁ ସଭାପତି ଅର୍ଜୁନ ନାୟକ କୁହନ୍ତି, ୧୯୮୨ରୁ ପାଳି କରି ଦଧିନଉତି ଜଙ୍ଗଲକୁ ସୁରକ୍ଷା ଦେଇ ଆସିଛୁ। ଜଙ୍ଗଲ ଭିତରେ ନୂଆ ଗଛ ଲଗାଉଛୁ। କିଛି ଲୋକ ଜଙ୍ଗଲ ଭିତରେ ପାଦଚଲା ରାସ୍ତା ଆଗରୁ ରହିଥିଲା କହି ସ୍ଥାୟୀ ରାସ୍ତା ନେବାକୁ ଉଦ୍ୟମ କରୁଛନ୍ତି। ଜଙ୍ଗଲ ଭିତରେ ପାଦଚଲା ରାସ୍ତା ରହୁ ଆମର ଅଭିଯୋଗ ନାହିଁ। କିନ୍ତୁ ସ୍ଥାୟୀ ରାସ୍ତା କରାଗଲେ ପ୍ରାୟ ୨ କି.ମି. ଜଙ୍ଗଲ ଉଜୁଡିବ। କାଠଚୋର ଓ ଦେଶୀ ମଦ ବେପାରୀଙ୍କୁ ଜଙ୍ଗଲ ଲୁଟିବାକୁ ସୁବିଧା ହେବ। ଗୁରୁବାର ବିଳମ୍ବିତ ରାତିରୁ କେତେକ ଗାଁର ଲୋକ ଆମକୁ ନାକାବନ୍ଦୀ କରି ରଖିଛନ୍ତି। ଆମେ ଗାଁ ବାହାରକୁ ଯାଇ ପାରୁନାହୁଁ। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଶୁକ୍ରବାର ଉତ୍ତେଜନା ହଟିଛି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ହେବାର ନିଷ୍ପତ୍ତି ହୋଇଛି। ତେବେ ନାକାବାନ୍ଦୀ ହଟାଯାଇ ନ ଥିବାରୁ ଆମେ ବାହାରକୁ ବାହାରି ପାରୁନାହୁଁ। ତେଣୁ ଆମେ ଜିଲା ପ୍ରଶାସନ ପକ୍ଷରୁ ଡକାଯାଇଥିବା ଆଲୋଚାନକୁ ଯାଇପାରିବୁ ନାହିଁ ବୋଲି ସେ କହିଛନ୍ତି।

ହୀରାଦେଈପୁରର ଦେବ ବରାଡ଼ କୁହନ୍ତି, ଆମ ୩ ପଞ୍ଚାୟତର ୧୭ ଗାଁର ଲୋକ ଗୁଡୁପାଙ୍ଗି ଦେଇ ଯିବୁ ନାହିଁ। ଆମେ ଆମର ପୁରୁଣା ଶର୍ଟକଟ୍ ରାସ୍ତା ଜଙ୍ଗଲ ଭିତର ଦେଇ ଯିବୁ। ଆମ ପାଇଁ ଆମ ରାସ୍ତାକୁ ଖୋଲାଯାଉ। ଆମ ରାସ୍ତାକୁ ପିଚୁ ଅଥବା କଂକ୍ରିଟ କରାଯାଉ। ଶନିବାର ସନ୍ଧ୍ୟା ସୁଦ୍ଧା ରାସ୍ତା ଖୋଲିବାକୁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ତାହା ନ ହେଲେ ଆମେ ପୁଣି ରାସ୍ତାକୁ ଓହ୍ଲାଇବୁ।

ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ସାଟେଲାଇଟ୍ ମ୍ୟାପ୍‌ରେ ଉକ୍ତ ଜଙ୍ଗଲର ପାଦଚଲା ରାସ୍ତା ଅଛି। ତେବେ ପାଦଚଲା ରାସ୍ତାର କିସମ ଜଙ୍ଗଲ ରହିଛି। ନୟାଗଡ଼ ଡିଏଫ୍‌ଓ ଏଚ୍.ଡି. ଧନରାଜ କୁହନ୍ତି, ଜଙ୍ଗଲ ଆଇନ ଆସିବା ପୂର୍ବରୁ ବିବାଦୀୟ ଜମିରେ ପାଦଚଲା ରାସ୍ତା ଅଛି। ଏହି ରାସ୍ତାରେ ଲୋକମାନେ ଯାତାୟାତ କରୁଛନ୍ତି। ବନ ବିଭାଗ ଜଙ୍ଗଲ ଭିତରେ ରାସ୍ତା ଯିବାକୁ ବିରୋଧ କରୁନି। ଯେଉଁ ଅଞ୍ଚଳ ଦେଇ ରାସ୍ତା ଯାଇଛି ସେ ଅଞ୍ଚଳରେ ଗଛ ନାହିଁ। ଆଇନ ଅନୁସାରେ ଦେଖିଲେ ପାଦଚଲା ରାସ୍ତା ପାଇଁ ସମସ୍ୟା ରହିବ ନାହିଁ ବୋଲି ଧନରାଜ କହିଛନ୍ତି।

# ନିର୍ଦ୍ଦେଶକୁ ଅଣଦେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଚିରେ କଠିନ ବର୍ଜ୍ୟ ପରିଚାଳନା ପ୍ରଭାବୀ ଢଙ୍ଗରେ କରାଯାଉନାହିଁ। ବହୁଦିନ ହେବ ଲାଗି ରହିଥିବା ଏଭଳି ଅବ୍ୟବସ୍ଥାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କେରଳର ମୁଖ୍ୟ ଶାସନ ସଚିବ ବିଶ୍ୱାସ ମେହେଟାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୂତ୍ରରୁ ଜଣାପଡିଛି ଯେ,ମେହେଟା ଦାଖଲ କରିଥିବା ସତ୍ୟପାଠ ଉପରେ ଟ୍ରିବ୍ୟୁନାଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଇଛନ୍ତି। ଏ କ୍ଷେତ୍ରରେ ପରିବେଶଗତ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଧମକ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ତାଙ୍କ ସତ୍ୟପାଠ ଦାଖଲ କରିବା ପରେ ବି ବର୍ଜ୍ୟ ପରିଚାଳନାରେ କୌଣସି ଠୋସ୍ ପଦକ୍ଷେପ ନେବା ଦେଖାଯାଇ ନ ଥିଲା, ଯାହାକୁ ନେଇ ଟ୍ରିବ୍ୟୁନାଲ ଦୁଃଖ ପ୍ରକାଶ କରିଛନ୍ତି। ଏପରିକି ଗତ ଦୁଇ ବର୍ଷ ମଧ୍ୟରେ ଅନେକ ନିର୍ଦ୍ଦେଶ ଜାରି କରାଯିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ରିପୋର୍ଟକୁ ଆଧାର କରି ଏନ୍‌ଜିଟି କହିଛନ୍ତି ଯେ,କୋଚି ନଗର ନିଗମ ଅଧିକାରୀମାନେ ଲଗାତର ବେଆଇନ କାର୍ଯ୍ୟ କରୁଥିଲେ ଏବଂ ବାୟୋ ମାଇନିଂର କାର୍ଯ୍ୟ ଏବେ ସୁଦ୍ଧା ବି ଆରମ୍ଭ ହୋଇନାହିଁ। ବର୍ଜ୍ୟ ସଂଗ୍ରହ, ଠୁଳକରିବା, ପୃଥକୀକରଣ ଏବଂ କୋଚିର ବ୍ରହ୍ମପୁରା ଅଞ୍ଚଳରେ ବର୍ଷ ବର୍ଷ ଧରି ଗଦା ହେଉଥିବା ବର୍ଜ୍ୟର ଅପସାରଣ ପାଇଁ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ତାହା ଜାଣିବା ଲାଗି ଏନ୍‌ଜିଟିରେ ଏକ କେସ୍ ଦାୟର ହୋଇଥିଲା। ଟ୍ରିବ୍ୟୁନାଲ ଏହି କେସ୍‌ର ଶୁଣାଣି କରିବା ସମୟରେ ଏହି ନିର୍ଦ୍ଦେଶ ଦେଇଥିଲେ। ଆଶ୍ଚର୍ଯ୍ୟର କଥା, ସେହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ବିପରୀତ ମନ୍ତବ୍ୟ ପ୍ରକାଶ ପାଇଥିଲା। ଗ୍ରୀନ୍ ପ୍ରୋଟୋକଲକୁ ଦୃଢ଼ ଭାବେ ପାଳନ କରାଯାଉଛି ବୋଲି ରାଜ୍ୟ ସରକାର ଦାବି କରିବା ସହ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଗଣତନ୍ତ୍ର ଦିବସରେ ୧୧,୦୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଫିସ୍ ଏବଂ ରାଷ୍ଟ୍ରାୟତ୍ତ ସେକ୍ଟରଗୁଡ଼ିକୁ 'ଗ୍ରୀନ୍'ବୋଲି ଘୋଷଣା କରିଥିଲେ।

### ଏଥର ଅପାରଗଙ୍କ ପାଳି

ଗତବର୍ଷ ବିହାରରେ ଅପାରଗ କର୍ମଚାରୀଙ୍କୁ ଚିହ୍ନଟ କରି ଅବସର ଦେବାକୁ ନୀତୀଶ କୁମାର ସରକାର ଘୋଷଣା କରିଥିଲେ। ଏବେ ଏ କ୍ଷେତ୍ରରେ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ରାଜ୍ୟ ଗୃହ ବିଭାଗ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅମିର ଶୁଭାନିଙ୍କ ନେତୃତ୍ୱରେ ଗଠିତ କମିଟି ଉକ୍ତ ବିଭାଗର ଅଯୋଗ୍ୟ ଗ୍ରୁପ ଏ କର୍ମଚାରୀଙ୍କୁ ଚିହ୍ନଟ କରିବା ପାଇଁ କାର୍ଯ୍ୟ କରିବ। କମିଟିର ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ସ୍ୱତନ୍ତ୍ର ସଚିବ ବିକାଶ ବୈଭବ। ଅଉ ଏକ କମିଟିର ମୁଖ୍ୟ ରହିଛନ୍ତି ଗୃହ ବିଭାଗ ସଚିବ କେ.ସେନ୍ଥିଲ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ସଚିବ ବିମଳେଶ କୁମାର ଝା ସ୍ଥାନ ପାଇଛନ୍ତି। । ଏହି କମିଟିକୁ ଗ୍ରୁପ ବି, ସି ଏବଂ ଡି କର୍ମଚାରମାନଙ୍କ ମଧ୍ୟରେ ରହିଥିବା ନିକମା ବା ଅଯୋଗ୍ୟ କର୍ମଚାରୀଙ୍କୁ ଠାବ କରିବାର ଦାୟିତ୍ୱ ଦିଆଯାଇଛି। ଚିହ୍ନଟ ଅଯୋଗ୍ୟ କର୍ମଚାରୀମାନଙ୍କୁ ଅବସର ଦେବା ପାଇଁ ସରକାରଙ୍କ ପ୍ରସ୍ତାବ ଉପରେ ବିଚାର କରିବା ଲାଗି ଏହି ଦୁଇ କମିଟି ପ୍ରତିବର୍ଷ ଜୁନ ଏବଂ ଡିସେମ୍ବରରେ ବୈଠକ କରିବେ। ପୁନଶ୍ଚ ଗୃହ ବିଭାଗ ସମସ୍ତ ଅଫିସ ଏବଂ ନିର୍ଦ୍ଦେଶାଳୟଗୁଡ଼ିକୁ ସେମାନଙ୍କ ସ୍ତରରେ ଏଭଳି କମିଟି ଗଠନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ୨୦୧୭ରେ ମାଟ୍ରିକ ଓ ଇଣ୍ଟରମିଡିଏଟ ପରୀକ୍ଷାରେ ନୈରାଶ୍ୟଜନକ ଫଳାଫଳ ଆସିବା ପରେ ଅପାରଗ ଶିକ୍ଷା ବିଭାଗର ଅଧିକାରୀ,ସ୍କୁଲ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିଲା ବୋଲି ଜଣାପଡିଛି। ତେବେ ଭାବୁଛନ୍ତି କି ଏଥର କିଛି ନୂଆ କଥା ହେବ?

### ବାବୁ ଫେରିବେ କି

କଶ୍ମୀରରେ ନିରନ୍ତର ଘଟୁଥିବା ମୃତ୍ୟୁର ପ୍ରତିବାଦରେ ଜମ୍ମୁ–କଶ୍ମୀରର ପୂର୍ବତନ ଆଇଏଏସ୍ ଅଧିକାରୀ ଶାହା ଫୈସଲ ଇସ୍ତଫା ଦେଇଥିଲେ। ଏବେ ପୁଣି ପଦକୁ ଫେରିବାକୁ ଇଚ୍ଛା କରୁଥିବା ଜଣାପଡୁଛି। କଶ୍ମୀରବାସୀ ଭାବେ ପ୍ରଥମେ ସିଭିଲ ସର୍ଭିସ ପରୀକ୍ଷାରେ ସେ ଟପ୍ପର ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସମ୍ପର୍କରେ ଫୈସଲଙ୍କ ଟୁଇଟ୍‌ରୁ ତାଙ୍କ ମାନସିକତାରେ କିଛି ପରିବର୍ତ୍ତନ ହୋଇଥିବା କୁହାଯାଉଛି। ଟୁଇଟ୍‌ରେ ଫୈସଲ ପ୍ରଧାନମନ୍ତ୍ରୀଙ୍କ ରେଡିଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ 'ଯୋଗାଯୋଗ ଏକତା ଆଣିପାରିବ...' ବୋଲି ଉଲ୍ଲେଖ କରିଥିଲେ। ଫୈସଲ ସେବାରୁ ଇସ୍ତଫା ଦେବାର ପ୍ରାୟ କିଛି ମାସ ପରେ ଜମ୍ମୁ ଆଣ୍ଡ୍ କଶ୍ମୀର ପିପୁଲ୍ସ ମୁମେଣ୍ଟ ରାଜନୈତିକ ଦଳ ଗଠନ କରିଥିଲେ। ବିଶେଷକରି ନିଜେ ଗଢିଥିବା ଦଳ ଛାଡିଥିବାରୁ ତାଙ୍କ ଯୋଜନାକୁ ନେଇ ଚର୍ଚ୍ଚା ହେଉଛି। ଆଇଏଏସ୍ ଅଧିକାରୀ ଭାବେ ୨୦୧୯ରେ ସେ ଇସ୍ତଫା ଦେଇଥିଲେ। କୌତୂହଳର ବିଷୟ, ତାଙ୍କ ଇସ୍ତଫାକୁ ଏବେ ସୁଦ୍ଧା ସ୍ଥଗିତ ରଖାଯାଇଛି। ସରକାର ଏହାକୁ ଗ୍ରହଣ କରିନାହାନ୍ତି। ସୋସିଆଲ ମିଡ଼ିଆରେ ତାଙ୍କର କେତେକ ପୋଷ୍ଟ ଉପରେ ତଦନ୍ତକୁ ଅଟକାଯାଇଛି। ସରକାର ତାଙ୍କ ଇସ୍ତଫାକୁ ଗ୍ରହଣ କରିନାହାନ୍ତି ମାନେ ଆଇଏଏସ୍‌ରେ ପୁଣି ଯୋଗ ଦେବା ଲାଗି ଫୈସଲଙ୍କ ପଥ ଉନ୍ମୁକ୍ତ ରହିଛି। ବାବୁ ଫେରିବେ କି ନାହିଁ ତାଜା ଖବର ଜାଣିବାକୁ ଏହି ଘଟଣା ଉପରେ ନଜର ରଖ।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | A | D | | | | | 9 | | 5 |
| D | | | | A | | | | | | | B | | | |
| | | | | | 8 | | 9 | | | 3 | 6 | A | E | 0 |
| | | 6 | 5 | | E | C | | | | D | | B | | 2 |
| | | | | 6 | | | E | | 0 | 7 | | | 8 | |
| | | | | | | 0 | | C | | | | E | 9 | |
| | | 8 | | 2 | | | A | 6 | | | 4 | | | |
| | | 0 | | 8 | | | | 9 | A | | | 4 | 5 | C |
| | E | | | | 6 | | 1 | | 8 | | | | | |
| 5 | | | | E | D | | B | | | 6 | | 3 | 1 | |
| | 5 | | 1 | | 4 | | | 2 | | | 9 | | 0 | |
| | | | | | 2 | | | | C | | D | | | 9 |
| | | | | | 9 | | 6 | | | 4 | 7 | 8 | | D |
| | 1 | | | | | | | | 6 | A | 5 | | B | |
| | 7 | | | | | 4 | C | | 3 | B | 2 | | | |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 7 | 1 | 5 | 8 | 2 | B | E | 6 | 3 | C | 0 | 4 | D | 9 |
| E | C | 4 | 3 | 7 | 6 | 1 | 5 | 9 | A | B | D | 0 | 2 | 8 |
| B | 5 | 8 | C | 0 | A | D | 7 | 2 | 6 | 4 | 9 | 1 | 3 | E |
| D | 3 | 0 | E | 4 | 9 | 8 | A | C | 2 | 1 | 5 | 6 | B | 7 |
| 9 | 2 | 6 | B | 1 | D | 3 | 0 | 4 | 7 | 8 | E | 5 | A | C |
| 2 | 1 | D | 6 | C | 0 | 4 | 8 | E | B | 5 | 3 | 7 | 9 | A |
| 7 | A | 5 | 4 | 3 | B | 9 | C | 1 | 0 | D | 8 | E | 6 | 2 |
| 6 | E | 9 | A | D | 1 | 0 | B | 7 | 4 | 2 | C | 3 | 8 | 5 |
| 0 | B | C | 2 | E | 8 | A | 3 | 5 | 9 | 6 | 7 | D | 1 | 4 |
| 8 | 4 | 3 | 7 | 9 | 5 | 2 | 6 | D | E | A | 1 | B | C | 0 |
| 3 | 8 | 2 | D | 5 | E | 7 | 1 | 0 | C | 9 | B | A | 4 | 6 |
| 4 | 6 | E | 1 | B | 7 | C | D | A | 8 | 0 | 2 | 9 | 5 | 3 |
| 5 | D | 7 | 9 | A | C | E | 4 | 8 | 1 | 3 | 6 | 2 | 0 | B |
| 1 | 0 | B | 8 | 2 | 4 | 6 | 9 | 3 | 5 | E | A | C | 7 | D |
| C | 9 | A | 0 | 6 | 3 | 5 | 2 | B | D | 7 | 4 | 8 | E | 1 |

ଗତ କାଲିର ଉତ୍ତର

# ସୁଯୋଗ ହରାନ୍ତୁନି ସରକାର



ବିଚିତ୍ର ବିଶ୍ୱାଳ

ଅନେକ ଘାତ ପ୍ରତିଘାତ ପାର୍ ହୋଇ କୃଷକ ଆନ୍ଦୋଳନ ଦୀର୍ଘ ସତୁରି ଦିନରୁ ଊର୍ଦ୍ଧ୍ୱ କାଳ ଧରି ଜାରି ରହିଛି। ସାଧାରଣତନ୍ତ୍ର ଦିବସ ଦିନ କୃଷକଙ୍କ ଟ୍ରାକ୍ଟର ରାଲିରେ ହିଂସା ଓ ଲାଲକିଲ୍ଲାରେ ଧର୍ମୀୟ ପତାକା ଉଡ଼େଇବା ଆଦି ପ୍ରସଙ୍ଗକୁ ନେଇ ସରକାର କୃଷକ ଆନ୍ଦୋଳନକୁ ଦୋଷ ଦେଉଥିବା ବେଳେ କୃଷକମାନେ ମଧ୍ୟ ଏହା ପଛରେ ସରକାରୀ ଷଡ଼ଯନ୍ତ୍ର ଅଛି ବୋଲି ଅଭିଯୋଗ କରିଆସୁଛନ୍ତି। ଇତିମଧ୍ୟରେ ସରକାରଙ୍କ ସହିତ କୃଷକ ଆନ୍ଦୋଳନର ପ୍ରତିନିଧିଙ୍କର ଦଶ ଥର ଆଲୋଚନା ସରିଯାଇଛି। ସଦ୍ୟ ପ୍ରଣୟନ ହୋଇଥିବା କୃଷି ଆଇନ ତିନୋଟିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାକୁ କୃଷକ ଆନ୍ଦୋଳନ ଦାବି କରୁଥିବା ବେଳେ ସରକାର ଆଇନ ପ୍ରତ୍ୟାହାର ପାଇଁ ରାଜିନାହାନ୍ତି। ସାଂପ୍ରତିକି ସ୍ଥିତିରେ ସରକାର ଅଠର ମାସ ପାଇଁ ଆଇନ ତିନୋଟିକୁ ସ୍ଥଗିତ କରିଛନ୍ତି। ସାଧାରଣତନ୍ତ୍ର ଦିବସରେ ଘଟିଯାଇଥିବା ଘଟଣା ପରେ ଯଦିଓ ପ୍ରଧାନମନ୍ତ୍ରୀ କୃଷକଙ୍କ ସହିତ ଆଲୋଚନା ମାତ୍ର ଗୋଟିଏ ଟେଲିଫୋନ୍ କଲ୍ ଦୂରତାରେ ଅଛି ବୋଲି କହିଛନ୍ତି, କିନ୍ତୁ ଅନ୍ୟପକ୍ଷରେ ସରକାର କୃଷକ ଆନ୍ଦୋଳନ ସ୍ଥଳକୁ ବାହ୍ୟଜଗତଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରୁଛନ୍ତି। ଆନ୍ଦୋଳନ ସ୍ଥଳରେ ବିଜୁଳି, ପାଣି ଓ ନେଟ୍‌ୱର୍କ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିବାର ଦେଖିବାକୁ ମିଳୁଛି। ଏପରି କି ଆନ୍ଦୋଳନକାରୀଙ୍କ ଚତୁଃପାର୍ଶ୍ୱରେ ଦିଲ୍ଲୀ ପୋଲିସ୍ କଣ୍ଟା ବାଡ଼ ଦେଇଥିବାର ମଧ୍ୟ ଟିଭି ପରଦାରେ ଦେଖିବାକୁ ମିଳୁଛି। ସତେ ଯେମିତି ସେମାନେ ଆମ ଦେଶର କୃଷକ ନୁହନ୍ତି, ସେମାନେ ଜଘନ୍ୟ ଆତଙ୍କବାଦୀ!

ଏହା ସ୍ୱୀକାର୍ଯ୍ୟ ଯେ, ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ କୃଷକମାନେ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଥିଲେ। ଏହି ସମୟ ମଧ୍ୟରେ ସରକାର ଯଦି ଚାହିଁଥାନ୍ତେ ଓ ନିଜ ଜିଦ୍‌ରେ ଅଟଳ ରହି ନ ଥାନ୍ତେ, ତେବେ ଶାନ୍ତିପୂର୍ଣ୍ଣ ଭାବେ କୃଷକଙ୍କ ଦାବିର ସମାଧାନ କରାଯାଇପାରିଥାନ୍ତା। କିନ୍ତୁ ସରକାରଙ୍କ କାରବାରରୁ ଜଣାଯାଉଥିଲା ଯେ, ସରକାର ଯେପରି ଆଲୋଚନା ନାମରେ ତାରିଖ ପରେ ତାରିଖ ଗଡ଼େଇ ଚାଲି କୃଷକଙ୍କ ଧୈର୍ଯ୍ୟର ପରୀକ୍ଷା ନେବାକୁ ଚାହୁଁଥିଲେ ; ଯାହାକୁ କୃଷକମାନେ ସଫଳ ହେବାକୁ ଦେଇନାହାନ୍ତି। ସରକାର ଯେତେ ଟାଳଟୁଳ ନୀତି ଆପଣେଇଲେ ମଧ୍ୟ ଓ ଆନ୍ଦୋଳନକାରୀଙ୍କ ଉପରେ ଯେତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହେଁ କୃଷକମାନେ ଅପୂର୍ବ ସାହସ ଓ ନିଷ୍ଠା ଦେଖାଇ ଆନ୍ଦୋଳନ ଜାରି ରଖିଛନ୍ତି। ଧୀରେ ଧୀରେ ଅନ୍ୟ ରାଜ୍ୟଗୁଡ଼ିକରେ ଚାଷୀ ଆନ୍ଦୋଳନ ଦାନା ବାନ୍ଧୁଛି ଓ ହଜାର ହଜାର ସଂଖ୍ୟାରେ ଚାଷୀ ଆନ୍ଦୋଳନରେ ଯୋଗ ଦେଉଛନ୍ତି।

ଗଣତନ୍ତ୍ରରେ ଗଣମାନଙ୍କର ମତକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଦେଖାଯାଉଛି ଯେ, ସରକାର ନିଜ ଜିଦ୍‌ରେ ଅଟଳ ରହି କୃଷକଙ୍କ ମତକୁ ଆଦୌ ବି ଗୁରୁତ୍ୱ ଦେଉନାହାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, କୃଷି ଆଇନ ତିନୋଟି ଲାଗୁ କରିବା ସମୟରେ ସରକାର କାହାରି ବିମତାମତ ଲୋଡ଼ି ନାହାନ୍ତି। କୃଷକ ସଂଗଠନ, କୃଷି ବିଶାରଦ ଓ ଏପରି କି ଲୋକ ସଭାରେ ବି କୃଷି ଆଇନ ତିନୋଟିକୁ ନେଇ ବିଚାର ବିମର୍ଷ ହୋଇନାହିଁ। ଏପରି ପରିସ୍ଥିତିରେ ଯଦି ଆଇନ ତିନୋଟିକୁ ବିରୋଧ କରାଯାଉଛି, ତେବେ ସରକାର ଏହାକୁ ସକାରାତ୍ମକ ଭାବେ ନେଇ କୃଷି ଆଇନ ତିନୋଟିକୁ ଉଚ୍ଛେଦ କରି ସାରା ଦେଶରେ ପୁନଃ ଆଇନ ତିନୋଟି ଉପରେ ବିଚାର ବିମର୍ଷ ପାଇଁ ଆଗେଇ ଆସିବା ଉଚିତ। ଏହାଦ୍ୱାରା ସରକାରଙ୍କୁ ଅପମାନ ହେବା ପରିବର୍ତ୍ତେ ଓଲଟି ମୋଦି ସରକାରଙ୍କର କୃଷକ ସପକ୍ଷବାଦୀ ଚରିତ୍ରର ପରିଚୟ ମିଳିବ। କହିବାକୁ ଗଲେ, ନିଜକୁ ଗଣତନ୍ତ୍ରବାଦୀ ଭାବେ ପ୍ରମାଣ କରିବାକୁ ବର୍ତ୍ତମାନ ମୋଦି ସରକାର ପାଖରେ ଗୋଟିଏ ସୁବର୍ଣ୍ଣ ସୁଯୋଗ ଆସିଛି। ଦୀର୍ଘଦିନ ଧରି ଚାଲୁଥିବା କୃଷକ ଆନ୍ଦୋଳନକୁ ସମ୍ମାନ ଦେଇ ସରକାର ଯଦି ସକାରାତ୍ମକ ମନ ନେଇ ଆଗେଇ ଆସି ଚାଷୀ ଯାହା ଚାହୁଁଛନ୍ତି, ସେହିପରି ଯଦି ଆଇନ ପ୍ରଣୟନ କରିବାକୁ ପୁନଃ ଚେଷ୍ଟା କରନ୍ତେ, ତେବେ ଭାରତୀୟ ରାଜନୀତିରେ ଗୋଟିଏ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରନ୍ତା। ଏହାଦ୍ୱାରା, ଦୀର୍ଘକାଳ ଧରି ଚାଷୀଙ୍କ ସହିତ ଯେପରି ଭାବେ ଐତିହାସିକ ଅନ୍ୟାୟ ହୋଇ ଆସୁଛି ତାହାର ପ୍ରାୟଶ୍ଚିତ୍ତ ହୋଇପାରନ୍ତା ଓ ତାହାର ଶ୍ରେୟ କେବଳ ମୋଦି ସରକାରଙ୍କ ପାଖକୁ ଯାଆନ୍ତା। କିନ୍ତୁ ମୋଦି ସରକାର ନିଜ ଜିଦ୍‌ରେ ଅଟଳ ରହି ଏହି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ ସରକାର ସାରା ଦେଶରେ ଆଇନ ସପକ୍ଷରେ ସଭାକରି ଚାଷୀ ଆନ୍ଦୋଳନକୁ ଭୁଲ୍ ବୋଲି ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ସରକାରଙ୍କୁ କ'ଣ ଲାଭ ମିଳୁଛି କେଜାଣି କିନ୍ତୁ ଏହା ଗଣତନ୍ତ୍ର ପ୍ରତି ଲୋକମାନଙ୍କର ଆସ୍ଥାକୁ ଦୁର୍ବଳ କରୁଛି।

ଏଠାରେ ପ୍ରଶ୍ନ ଉଠୁଛି, ଚାଷୀମାନେ ଯଦି ଏହି ଆଇନ ଚାହୁଁନାହାନ୍ତି, ତେବେ ସରକାର କାହା ସ୍ୱାର୍ଥରେ ଏହି ଆଇନ ପାଇଁ ଜିଦ୍ ଧରିଛନ୍ତି! ଏପରି କି ପ୍ରବଳ ବିରୋଧ ସତ୍ତ୍ୱେ ବି ସରକାର ଚାଷୀଙ୍କ କଥାକୁ କାନ ଦେଉନାହାନ୍ତି କାହିଁକି? ସରକାର କହୁଛନ୍ତି, ଏହି ଆଇନ ଦ୍ୱାରା 'ସର୍ବନିମ୍ନ ସହାୟକ ରାଶି' ପ୍ରଦାନ ଉଚ୍ଛେଦ ହେବ ନାହିଁ। ମଣ୍ଡି ବ୍ୟବସ୍ଥା ବି ପୂର୍ବପରି ରହିବ। ଯଦି ସର୍ବନିମ୍ନ ସହାୟକ ରାଶି ପୂର୍ବବତ୍ ରହିବ ଓ ମଣ୍ଡି ବ୍ୟବସ୍ଥା ବି ବଳବତ୍ତର ରହିବ, ତେବେ ପୁଣି ଏହି ଆଇନର ଆବଶ୍ୟକତା କ'ଣ! ଏସବୁ ତ ପୂର୍ବରୁ ଅଛି। ସରକାର କହୁଛନ୍ତି, ଏଗୁଡ଼ିକ ସହିତ ଖୋଲା ବଜାରରେ ବି ଚାଷୀମାନେ ତାଙ୍କ ଉତ୍ପାଦ ବିକ୍ରି କରିପାରିବେ। ଅର୍ଥାତ୍ କମ୍ପାନୀଗୁଡ଼ିକୁ ବି ଚାଷୀଙ୍କଠାରୁ ତାଙ୍କ ଉତ୍ପାଦ କିଣିବାକୁ ଅନୁମତି ମିଳିବ। ଏହା ବୁଝିବା କଷ୍ଟକର ନୁହେଁ ଯେ, କମ୍ପାନୀଗୁଡ଼ିକ ନିଶ୍ଚିତ ଭାବେ ନିଜର ଲାଭ ପାଇଁ ବେପାର କରିବେ, ଚାଷୀଙ୍କ ଲାଭ ପାଇଁ ନୁହେଁ। ଏଥିରୁ ବୁଝାପଡୁଛି ଯେ, କେବଳ କମ୍ପାନୀଗଡ଼ିକୁ କୃଷିଜାତ ଦ୍ରବ୍ୟର କିଣାବିକା କ୍ଷେତ୍ରକୁ ପ୍ରବେଶ କରାଇବା ପାଇଁ ସରକାରଙ୍କ କୃଷି ଆଇନ ନାଁରେ ଏତେ ଫନ୍ଦି ଫିକର।

ଜନ ଆନ୍ଦୋଳନ ଗଣତନ୍ତ୍ରର ଆତ୍ମାକୁ ମଜଭୁତ କରିଥାଏ। ଆମ ଗଣତନ୍ତ୍ରକୁ ମଜଭୁତ କରିବାର ଓ ସାରା ବିଶ୍ୱରେ ଆମ ଗଣତନ୍ତ୍ରର ଧ୍ୱଜା ଉଡ଼େଇବାର କୃଷକ ଆନ୍ଦୋଳନ ନାମରେ ଏକ ସୁଯୋଗ ଏବେ ମୋଦି ସରକାର ସାମ୍ନାରେ ଉଭା ହୋଇଛି। ଏହାକୁ ଏଡ଼ାଇ ନ ଯାଇ ଓ ନିଜ ଜିଦ୍‌ରେ ଅଟଳ ନ ରହି ସରକାର ଆନ୍ଦୋଳନର ଦାବିକୁ ବିଚାରକୁ ନେଇ ଲୋକମାନଙ୍କୁ ଗଣତନ୍ତ୍ରର ଅସଲ ଲାଭ ଦେବା ଉଚିତ। ଏହା ସରକାର ଓ ଆମ ଗଣତନ୍ତ୍ର ଉଭୟ ପାଇଁ ମଙ୍ଗଳଦାୟକ ସାବ୍ୟସ୍ତ ହେବ। ଆଇନ ତିନୋଟି ପାଇଁ ସରକାର ଅଯଥାରେ ଜିଦି ନ କରି କୃଷକଙ୍କ ଦାବିକୁ ଶୁଣିଲେ ଆମ ଗଣତନ୍ତ୍ର ଆହୁରି ପରିପକ୍ୱ ହୁଅନ୍ତା। ଅନ୍ନଦାତା ଓ ଭୋଟ୍‌ଦାତା କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନଙ୍କ ଦାବି ମୁତାବକ ମୋଦି ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥାକୁ ଦୁର୍ବଳ ନ କରି ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ପ୍ରଯତ୍ନ କରିବା ଉଚିତ ଓ ଏଥିପାଇଁ ଦୃଢ଼ ଆଇନ ଆଣିବା ଉଚିତ। ଲୋକମାନଙ୍କର ପ୍ରତିନିଧି ଭାବେ ଏମ୍‌ପିମାନେ ଲୋକ ସଭାରେ ଆଇନ ପାସ୍ କରେଇଥାନ୍ତି। ସେହି ଲୋକମାନଙ୍କ ଦାବି ମୁତାବକ ଆଇନ ଉଚ୍ଛେଦ ହେବା କିଛି ଅପମାନର ବିଷୟ ନୁହେଁ। ଓଲଟି ଏହା ଲୋକମାନଙ୍କ ପାଇଁ ସମ୍ମାନର ବିଷୟ ହେବ ; ଯାହା ଲୋକ ପ୍ରତିନିଧିମାନଙ୍କର ଦାୟିତ୍ୱ ହେବା ଉଚିତ। ଏହାଦ୍ୱାରା ସରକାରଙ୍କର ସମ୍ମାନ ତଳେ ପଡ଼ିଯିବ ନାହିଁ। ବରଂ ସରକାରରେ ଜନଭାଗୀଦାରିତା ବଢ଼ିବ ଓ ଏହା ସରକାରଙ୍କ ଜନବାଦୀ ଚରିତ୍ରକୁ ଉଜ୍ଜୀବିତ କରିବ। ଏହା ଅନ୍ତତଃ ପକ୍ଷେ ଦୁର୍ବଳ ହୋଇ ଆସୁଥିବା ଆମ ଗଣତନ୍ତ୍ର ପାଇଁ ମହୌଷଧି ସଦୃଶ ହେବ। ସଂପ୍ରତି ମୋଦି ସରକାର ଏହାର ଗୁରୁତ୍ୱକୁ ବୁଝିବା ଆଶା କରାଯାଏ। ଦୀର୍ଘଦିନ ହେବ ଆଲୋଚନା ନାଁରେ ତାରିଖ ପରେ ତାରିଖ ଗଡ଼ା ନୀତିରେ ସରକାର ପୂର୍ଣ୍ଣଚ୍ଛେଦ ପକେଇ ଅନ୍ନଦାତା ତଥା ଭୋଟଦାତା ତଥା ମାଲିକମାନଙ୍କ କଥାକୁ ମାନିନେବା ସବୁଠୁ ବଡ଼ ଓ କୃଷକମାନଙ୍କ ପାଇଁ ଐତିହାସିକ ପଦକ୍ଷେପ ହେବ। ଏହାଦ୍ୱାରା ବାସ୍ତବ ଅର୍ଥରେ ଗଣତନ୍ତ୍ର ମଜଭୁତ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ–୯୪୩୮୪୬୮୪୭୪

# ଦୁଃସାହସର ମୂଳଉତ୍ସ



ଡ. ଚିନ୍ତାମଣି ପଣ୍ଡା

ଐତିହାସିକଙ୍କ ମତରେ ସନାତନ ହିନ୍ଦୁଧର୍ମ ସର୍ବପୁରାତନ ତଥା ଏକ ଉଦାରବାଦୀ ଚିନ୍ତାଧାରା ଉପରେ ପର୍ଯ୍ୟବସିତ। ଏହା ସହନଶୀଳତା ତଥା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଶିକ୍ଷା ଦିଏ। ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ କି ଅସୂୟାଭାବରେ ଏଥିରେ ସ୍ଥାନ ନାହିଁ। ବିଧର୍ମୀମାନଙ୍କର ବାରମ୍ବାର ଆକ୍ରମଣ ଓ ଲୁଣ୍ଠନ ସତ୍ତ୍ୱେ ବି ବିଶ୍ୱରେ ଏହାର ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରହିଛି। ପ୍ରସିଦ୍ଧ ସୋମନାଥ ମନ୍ଦିରକୁ ୧୭ଥର ଲୁଣ୍ଠନ କରି, ଜଗନ୍ନାଥ ମନ୍ଦିର ଉପରେ ବାରମ୍ବାର ଆକ୍ରମଣ କରି ଏହାର ସତ୍ତା ବିଲୋପ ପାଇଁ ଅତୀତରେ ଅନେକ ଉଦ୍ୟମ ହୋଇଛି। ଏ ଧର୍ମରେ ଦୀକ୍ଷିତ କରାଇବାକୁ କେହି କାହାକୁ ଆର୍ଥିକ ପ୍ରଲୋଭନ ଦେଖାଏନା କିମ୍ବା ବ୍ୟୟବହୁଳ ପ୍ରଚାର ପ୍ରସାର କରାଇ କାହାକୁ ଆକର୍ଷିତ କରେନା। ଏହି ନରମପନ୍ଥୀ, ସହିଷ୍ଣୁ ମାନସିକତା ହେତୁରୁ ଯୁଗେ ଯୁଗେ ଏହାର ଦେବଦେବୀମାନଙ୍କୁ ବ୍ୟଙ୍ଗ ବିଦ୍ରୂପ କରିବାକୁ ଅନେକେ ଆଗେଇ ଆସିଛନ୍ତି। ଏମ୍‌ଏଫ୍ ହୁସେନ ମା' ପାର୍ବତୀଙ୍କର ଅପର୍ଣ୍ଣା ନାମକୁ ବିକୃତ ବ୍ୟାଖ୍ୟା କରି କାନ୍‌ଭାସ୍‌ରେ ବସ୍ତ୍ରହୀନ ଦେବୀ ମୂର୍ତ୍ତି ଚିତ୍ରକର କରିବାବେଳେ ତ୍ରେତୟା ଯୁଗରେ ଅତ୍ରୀ ମୁନିଙ୍କର ସ୍ତ୍ରୀ ଅନସୂୟାଙ୍କର ସୀତାକୁ ପ୍ରଦତ୍ତ ଅମ୍ଳାନ ବସ୍ତ୍ର ଯାହା କି ୧୪ ବର୍ଷ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଥିଲା, ସେ ବିଷୟରେ ତାଙ୍କର କିଛି ଧାରଣା ନ ଥିଲା। ଏହି ମାନସିକତା ଦେଖିବାକୁ ମିଳିଲା'ତାଣ୍ଡବ' ଧାରାବାହିକରେ। ଏହାର ପ୍ରଯୋଜକଙ୍କଠାରୁ ଆରମ୍ଭ କରି କଳାକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ ଧର୍ମୀୟ ବିଶ୍ୱାସକୁ ଏପରି ବ୍ୟଙ୍ଗ ବିଦ୍ରୂପ କରି ଚିତ୍ରଣ କରିବାକୁ ଏତେ ସାହସ ଜୁଟାଇଲେ କେଉଁଠୁ। ମଙ୍ଗଳମୟ ଶିବଙ୍କୁ ହିନ୍ଦୁମାନେ 'ଭୋଳାନାଥ' ରୂପେ ପୂଜା କରନ୍ତି, ଏଥିପାଇଁ ଯେ ଶିବଙ୍କ ପ୍ରତି ଅସୂୟା ମନୋଭାବ ପୋଷଣ କରୁଥିବା ବ୍ୟକ୍ତିଙ୍କର ମଧ୍ୟ ସେ ମନୋଭୀଷ୍ଟସିଦ୍ଧ କରିଥାନ୍ତି।

ସଂସ୍କୃତରୁ ଏହାର ପ୍ରମାଣ ମିଳେ। ଅନାଦରେଣ ଶାଠ୍ୟେନ ପରିହାସେନ ମାୟୟା ଶିବ ଭକ୍ତିରତଶ୍ଚୈତ୍‌ସ୍ୟା ଦନ୍ତଜୋଽ ପିବମୁଚ୍ୟତେ ଅର୍ଥାତ୍ ଶିବଙ୍କ ପରିହାସକାରୀ ମଧ୍ୟ ତାଙ୍କର କରୁଣା ଲାଭ କରିଥାନ୍ତି ଯେହେତୁ ସେ ଆଶୁତୋଷ। ଏହି ଦୃଷ୍ଟିଭଙ୍ଗୀ କେବଳ ହିନ୍ଦୁଧର୍ମରେ ହିଁ ଥାଏ, ଯାହା ଏକ ଉଦାରବାଦୀ ଚିନ୍ତାଧାରାର ପ୍ରତୀକ, କିନ୍ତୁ ଆଶ୍ଚର୍ଯ୍ୟର କଥା ଅନ୍ୟ କୌଣସି ଧର୍ମ ଅପେକ୍ଷା କେବଳ ହିନ୍ଦୁ ଧର୍ମରେ ଦେବଦେବୀଙ୍କୁ ବ୍ୟଙ୍ଗ ବିଦ୍ରୂପ କରିବା, ଅରୁଚିକର ଚିତ୍ରଣ କରିବା ଦେଶ ଭିତରେ ଓ ଦେଶ ବାହାରେ ଦେଖାଯାଏ। ଆମ ମତରେ ଏହାର ଦୁଇଟି ଉଦ୍ଦେଶ୍ୟ ଥାଇପାରେ। ପ୍ରଥମଟି ହେଲା ନିଜର ବ୍ୟବସାୟିକ ଫାଇଦା ପାଇଁ ବିଜ୍ଞାପନ କିମ୍ବା ଜନମାନସରେ ଚର୍ଚ୍ଚିତ ହେବା ପାଇଁ ସ୍ୱ ବିଜ୍ଞାପନ। ଉଦାହରଣସ୍ୱରୂପ ମହମ୍ମଦ ଜାଭେଦ୍ ହବିବ୍ ନିଜ ସେଲୁନ୍‌ର ବିଜ୍ଞାପନରେ ହିନ୍ଦୁ ଦେବଦେବୀଙ୍କର ବ୍ୟଙ୍ଗାତ୍ମକ ବ୍ୟବହାର ତଥା ଆମେରିକୀୟ କମ୍ପାନୀର ଚପଲ ବିଜ୍ଞାପନରେ ଦେବଦେବୀଙ୍କର ଚିତ୍ର ରହିବା ସେମାନଙ୍କର ଆର୍ଥିକ ଫାଇଦା ପାଇଁ ଉଦ୍ଦିଷ୍ଟ ଥାଇପାରେ। କିନ୍ତୁ ଏହା ବିରୁଦ୍ଧରେ ସ୍ୱର ଉଠିଲାପରେ କ୍ଷମା ମାଗି ପ୍ରତ୍ୟାହାର କରିନେବା ଏକ ଔପଚାରିକତା। ନିଜର ଆତ୍ମବଡ଼ିମା ବିଜ୍ଞାପନ କରିବାକୁ ଯାଇ କିମ୍ବା ବହୁ ଚର୍ଚ୍ଚିତ ହେବାର ଆଶା ରଖି ହାସ୍ୟ ଅଭିନେତା ମୁନାୱାର ଫାରୁକୀ ହିନ୍ଦୁ ଦେବଦେବୀଙ୍କୁ ଅପଶବ୍ଦରେ ପରିହାସ କରି ଦର୍ଶକଙ୍କ ମଧ୍ୟରେ ହାସରୋଳ ସୃଷ୍ଟି କରିବାରେ ଯେଉଁ ମାନସିକତା ଶାନ୍ତି ଦଳର ନେତା ମହମ୍ମଦ ସକିଲ୍ ଠିକ୍ ସେଇ ଚିନ୍ତାଧାରାରେ ଅପମାନସୂଚକ ମନ୍ତବ୍ୟ ଦେଇ ଚର୍ଚ୍ଚାର ପରିଧିକୁ ଆସିଛନ୍ତି। ଏପରି କି ଆଲ୍ଲାହାବାଦ ନିବାସୀ ହୀରଖାଁ ନାମ୍ନୀ ମହିଳା ମଧ୍ୟ ୟୁଟ୍ୟୁବ୍‌ରେ ଛୋଟ ଛୋଟ ଦୃଶ୍ୟ ଉପସ୍ଥାପନା କରି ଦେବଦେବୀଙ୍କୁ ବିଦ୍ରୂପ କରିବାକୁ ପଛାଇ ନାହାନ୍ତି। ନିଜକୁ ପ୍ରତିଷ୍ଠିତ କରିବା ଆଶାରେ ତେବେ ଏସବୁ ପାଇଁ ସାହସ ଜୁଟାନ୍ତି କିପରି? ଏ ପ୍ରକାରର ଦୁଃସାହସିକ ପଦକ୍ଷେପ ନିଶ୍ଚିତ ଭାବରେ ଚମକପ୍ରଦ। କିନ୍ତୁ ଏହା ବିରୋଧରେ ସ୍ୱର ଉତ୍ତୋଳନକାରୀଙ୍କୁ ଆମେ ସାମ୍ପ୍ରଦାୟିକର ରଙ୍ଗ ବୋଲି ଧର୍ମନିରପେକ୍ଷତାର ବଳୟ ଭିତରୁ ଶୂନ୍ୟକୁ ଫିଙ୍ଗିଦେଉ। କାରଣ ଆମେ ଉଦାର, ଏହାର କାରଣ ଖୋଜିଲେ ଆମେ ନିଜେ ନିଜକୁ ଦାୟୀ କରିବା, ଶିବଭକ୍ତ ବୋଲାଉଥିବା ଆମର କାଉଡିଆମାନେ ଯେପରି ଢଙ୍ଗରେ ପାଣି ଭାର ନେଇ ରାସ୍ତା ସାରା ଗଣେଶ ଡାଡି ପାର୍ କରେଗା ବୋଲି ରଡି ଛାଡୁଥାନ୍ତି ଏହା କମ୍ ଅପମାନ ସୂଚକ ନୁହେଁ। ଏଥକୁ ଆମ ସମାଜ ଶିକ୍ଷା ମନ୍ଦିରର ପୂଜାରୀଗଣ ଯେତେବେଳେ ଦାବି ହାସଲ ପାଇଁ ରାଜରାସ୍ତାରେ ଫଟୋ ରଖି ଗଣେଶ କି ସରସ୍ୱତୀଙ୍କର ପଞ୍ଚୋପଚାର ପୂଜା କରନ୍ତି କିମ୍ବା ମହିଳାମାନେ ରାଜରାସ୍ତାରେ ମାଣ ବସେଇ ଲକ୍ଷ୍ମୀପୁରାଣକୁ ଉଚ୍ଚସ୍ୱରରେ ଗାୟନ କରନ୍ତି ଏହା ଆମ ଧର୍ମ ଧାରଣା ତଥା ହିନ୍ଦୁରୀତି ନୀତି ପ୍ରତି କୌଣସି ମାତ୍ରାରେ କମ୍ ବିଦ୍ରୂପାତ୍ମକ ନୁହେଁ। ଏଥିରେ କେତେ ଭକ୍ତି ଆଉ କେତେ ସ୍ୱ ବିଜ୍ଞାପନ ଅନୁରକ୍ତି ଥାଏ ତାହା ସ୍ପଷ୍ଟ ବାରି ହୋଇପଡ଼େ। ଆମେ ବି ଦେବଦେବୀଙ୍କୁ ଅସମ୍ମାନିତ କରିବାକୁ ସାହସ ଜୁଟାଇଲୁ କେମିତି। ନିଜ ମାତାପିତାଙ୍କୁ ନିଜ ଘରେ ଅସମ୍ମାନିତ କଲେ ଦାଣ୍ଡରେ ତାଙ୍କୁ କିଏ ବା କାହିଁକି ସମ୍ମାନ କରନ୍ତା? ଆମେ ପର୍ବ ପାଳନ ନାଁରେ ଭକ୍ତସାଜି ଗଣେଶ, ସରସ୍ୱତୀ, ଦୁର୍ଗା, ଲକ୍ଷ୍ମୀଙ୍କର ସାମ୍ପ୍ରତିକ ଘଟଣାବଳୀ ଉପରେ ଆଧାରିତ ବିକୃତ ମୂର୍ତ୍ତିମାନ ଗଢୁ ଏବଂ ଏହାକୁ ପ୍ରଜ୍ଞାପନ ମେଢ଼ରେ ବସାଇ ସାହି, ଗଳିରେ ଶୋଭାଯାତ୍ରାରେ ଯାଉ। ଜନଗହଳିକୁ ଆକର୍ଷିତ କରିବା ପାଇଁ ଦେବଦେବୀଙ୍କ ବେଶ ପରିପାଟୀକୁ ଅତ୍ୟାଧୁନିକ ଛାପରେ ଚିତ୍ରଣ କରିବା ପାଇଁ ପ୍ରତିଯୋଗିତା ଚାଲେ। ଏହି ମାନସିକତା ଅନ୍ୟମାନଙ୍କୁ ଆମ ଦେବଦେବୀଙ୍କୁ ବେସମ୍ମାନ କରିବାକୁ ପ୍ରେରିତ କରିବ ନାହିଁ କି? ଯଦି ପ୍ରଭୁ ଜଗନ୍ନାଥଙ୍କ ରତ୍ନ ସିଂହାସନ ତଳେ ଆମେ ହାତାହାତି ହୋଇ ରକ୍ତ ଛିଟା ପକାଉ, ସେବା ପୂଜା ବନ୍ଦ ରଖି ମନ୍ଦିରରେ ତାଲା ପକାଇ ଦେଉ ତେବେ ଏସବୁ ବିଶୃଙ୍ଖଳାର ଜନକ ଆମେ ନୋହୁଁ କି? ଆମର ଏପରି ଆଚରଣ ଅନ୍ୟମାନଙ୍କୁ କ'ଣ ପ୍ରୋତ୍ସାହିତ କରୁ ନ ଥିବ। ଅତଏବ ମୂଳ ଉତ୍ସକୁ ନ ଧରି ଖାଲି ଦୁଷ୍କର୍ମକାରୀଙ୍କୁ ପ୍ରତିକ୍ରିୟାଶୀଳ ହୋଇ ପ୍ରତିରୋଧ କରିବା ସମାଧାନର ପନ୍ଥା ନୁହେଁ। ବ୍ୟଙ୍ଗ ବିଦ୍ରୂପରେ ଧର୍ମର କାୟାକଳ୍ପ ବଦଳିବା ଅସମ୍ଭବ।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ– ୯୪୩୭୦୧୮୫୧୭୫

## ଏଇ ଭାରତରେ

ଅନ୍ଧବିଶ୍ୱାସ ଦୂର ଲାଗି ମଧ୍ୟପ୍ରଦେଶର ଗଙ୍ଗା ରାଜପୁତଙ୍କ ପ୍ରଚେଷ୍ଟା ଉଦାହରଣ ସୃଷ୍ଟି କରିଛି। ଗଙ୍ଗା ରୁହନ୍ତି ବୁନ୍ଦେଲଖଣ୍ଡର ଚୌଧୁରୀ ଖେର ଗାଁରେ। ୧୨ ବର୍ଷ ପୂର୍ବେ ସେ ଏହି ଗାଁକୁ ବୋହୂ ହୋଇ ଆସିଥିଲେ। ସେ ଗାଁ ମହିଳାମାନଙ୍କୁ ଏକାଠି କରି ଅନ୍ଧବିଶ୍ୱାସ ସହ ଜଡିତ ହଜାର ବର୍ଷର ପୁରୁଣା ବାବା ହ୍ରଦର ପୁନରୁଦ୍ଧାର କରିପାରିଛନ୍ତି। ୧୨ ଏକର ପରିମିତ ଏହି ହ୍ରଦ ଗାଁର ଏକମାତ୍ର ଜଳ ଉତ୍ସ। ହ୍ରଦର ପଥର ପାଚେରି ଭାଙ୍ଗିଯାଇ ବର୍ଷାପାଣି ନିକଟସ୍ଥ ବାକିରି ନଦୀକୁ ବୋହିଯାଉଥିବାରୁ ପ୍ରାୟ ୩୫ ବର୍ଷ ହେବ ଏହା ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଥିଲା। ଏହାର ପାଚେରି ନିର୍ମାଣ କରିବାକୁ ଯିଏ ଉଦ୍ୟମ କରନ୍ତି ତାଙ୍କ ପରିବାରର କ୍ଷତି ହୁଏ ବୋଲି ସେଠାରେ ଅନ୍ଧବିଶ୍ୱାସ ରହିଥିଲା। ଏଣୁ ଏହାକୁ କେହି ହେଲେ ନିର୍ମାଣ କରୁ ନ ଥିଲେ। ଏପରି କି ଥରେ ଜଣେ ସରପଞ୍ଚ ଏହାକୁ ନିର୍ମାଣ କରିବାକୁ ଚେଷ୍ଟା କରି ତାଙ୍କ ପିଲାକୁ ହରାଇଥିଲେ ବୋଲି କୁହାଯାଉଥିଲା। ସ୍ଥାନୀୟ ଦେବତା ଗୌରବାବାଙ୍କ କୋପରୁ ଏହା ହେଉଥିବାର ଗ୍ରାମବାସୀଙ୍କ ଧାରଣା ରହିଥିଲା। ତେବେ ଗଙ୍ଗାଙ୍କ ନେତୃତ୍ୱରେ ଗାଁର ମହିଳାମାନେ ଏକାଠି ହୋଇ ଅନ୍ଧବିଶ୍ୱାସ ଦୂର କରିବା ସହ ୮ମାସ ମଧ୍ୟରେ ହ୍ରଦର ପୁନରୁଦ୍ଧାର କରିଛନ୍ତି। ଏବେ ଏହା ୨୦୦୦ ଲୋକଙ୍କ ଜଳ ସମସ୍ୟା ଦୂର କରିପାରିଛି। ଭୂତଳ ଜଳସ୍ତର ବଢ଼ିବା ଯୋଗୁ ଲୋକମାନେ ନଳକୂପ ଖୋଳୁଛନ୍ତି। ଚାଷ ପାଇଁ ପର୍ଯ୍ୟାପ୍ତ ପାଣି ମିଳୁଛି। ସେହି ହ୍ରଦରେ ମହିଳାମାନେ ମାଛ ଚାଷ ଆରମ୍ଭ କରିଛନ୍ତି। ସେମାନଙ୍କୁ ପରମାର୍ଥ ସମାଜ ସେବୀ ସଂସ୍ଥା ନାମକ ଏନ୍‌ଜିଓ ସହଯୋଗ କରୁଛି ବୋଲି କହନ୍ତି ୩୦ ବର୍ଷୀୟା ଗଙ୍ଗା।

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୬

- କଲମ୍ବିଆର ଏକ ମାଲବାହୀ ବିମାନ ପାରାଗୁଏର ରାଜଧାନୀର ଜନଗହଳି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଦ୍ୱାରା ୨୨ ଜଣଙ୍କ ମୃତ୍ୟୁ।
- ପଶୁପାଳନ ବିଭାଗରେ ଘଟିଥିବା ଏକାଧିକ କୋଟି ଟଙ୍କା ଦୁର୍ନୀତିରେ ଅଭିଯୁକ୍ତ କର୍ମଚାରୀ ଓ ଅଫିସରମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ନିର୍ଦ୍ଦେଶ ଦେଇଛନ୍ତି।
- ତିଗିରିଆ ବ୍ଲକ୍‌ରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୧୨ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରେଭେନ୍‌ଶା ରେଡିଓ କ'ଣ ବନ୍ଦ ହୋଇଯିବ

ମହାଶୟ,

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ରେଭେନ୍ସା ରେଡିଓ ବନ୍ଦ ହେବାକୁ ବସିଲାଣି। ବିଗତ ଛଅ ବର୍ଷରେ ଦୁଇଥର ଟଙ୍କା ଖର୍ଚ୍ଚ ହେଲାଣି। ରେଭେନ୍‌ଶା କର୍ତ୍ତୃପକ୍ଷ ରେଡିଓକୁ ଚାଲୁ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଅବହେଳା ଯୋଗୁ ସମସ୍ତ ଟଙ୍କା ପାଣିରେ ପଡୁଛି। ଏମ୍‌ଏଚ୍‌ଜେଡ୍ ୯୦.୪ରେ କଟକବାସୀ ଶୁଣିପାରୁନାହାନ୍ତି ରେଭେନ୍‌ଶା ରେଡିଓର ସ୍ୱର। ଏଥିଯୋଗୁ ରାଜ୍ୟର ପ୍ରଥମ କ୍ୟାମ୍ପସ କମ୍ୟୁନିଟି ରେଡିଓ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ଆଶଙ୍କା ଉପୁଜିଛି। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟ, ମନୋରଞ୍ଜନ, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଲକ୍ଷ୍ୟ ରଖି ୨୦୧୪ ଏପ୍ରିଲ ୧୪ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। କୌଣସି ଶିକ୍ଷାନୁଷ୍ଠାନରେ କମ୍ୟୁନିଟି ରେଡିଓ ଚାଲୁ କରାଯିବା ପ୍ରଥମ ଘଟଣା ଥିଲା। ୮ରୁ ୧୦ କିମି ପରିଧି ମଧ୍ୟରେ ଏହି ରେଡିଓକୁ ଶ୍ରୋତାମାନେ ଶୁଣିପାରୁଥିଲେ। ଗୋଟିଏ ବର୍ଷ ଠିକ୍ ଭାବେ ଚାଲିବା ପରେ ବୈଷୟିକ ତ୍ରୁଟି ଯୋଗୁ ଏହା ବନ୍ଦ ହୋଇଯାଇଥିଲା। ତେବେ ପରେ ଏହି ରେଡିଓ ଷ୍ଟେସନକୁ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ରୀଛାତ୍ରମାନେ ପ୍ରାକ୍ଟିକାଲ ପାଇଁ ବ୍ୟବହାର କରିଥିଲେ। ମାତ୍ର ବଜ୍ରପାତରେ ରେଡିଓର ଆଣ୍ଟିନା ନଷ୍ଟ ହୋଇଯାଇଥିବାରୁ କୌଣସି କାର୍ଯ୍ୟକ୍ରମ ପ୍ରସାରିତ ହୋଇପାରି ନ ଥିଲା। ୨୦୧୯ରେ ଏହାକୁ ପୁନରୁଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ବିଶ୍ୱବିଦ୍ୟାଳୟର କିଛି ପ୍ରାଧ୍ୟାପକ। ୫୦ ୱାଟର ଟ୍ରାନ୍ସମିଟର ଲଗାଯାଇଥିବା ବେଳେ ପ୍ରସାରଣର ପରିଧି ୨୦ କିମିକୁ ବୃଦ୍ଧି କରାଯାଇଥିଲା। ହେଲେ କିଛି ଦିନ ପରେ ଏସବୁ ବନ୍ଦ ହୋଇଯାଇଥିଲା। ତେଣୁ ରେଭେନ୍‌ଶା ରେଡିଓର କାର୍ଯ୍ୟକ୍ରମ ଶ୍ରୋତାଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସରକାର ଓ ପ୍ରଶାସନ ଏ ଦିଗକୁ ଦୃଷ୍ଟିରେ ଦିଅନ୍ତୁ।

–ଡା. ଦିଲ୍ଲୀପ କୁମାର ମହାରଣା, ଶିଖରପୁର ଉପରସାହି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜମି ପାଇଁ ବୃଦ୍ଧଙ୍କ ଜୀବନ ନେଲେ ବୃଦ୍ଧ

ଯାଜପୁର ଅଫିସ/ସୁକିନ୍ଦା, ୫।୨(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ରାଜଗୋଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଦେଢ଼ଗୁଣ୍ଠ ଜମି ବିବାଦରୁ ଜଣେ ବୃଦ୍ଧଙ୍କ ଠେଙ୍ଗାମାଡ଼ରେ ଅନ୍ୟ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶିଶିର ନାଟିଆ(୮୦)। ଏହି ଘଟଣାର ଅଭିଯୁକ୍ତ ମିଞ୍ଜା ଖିଲାର(୮୫)ଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ହତ୍ୟାକାଣ୍ଡ ପରେ ମିଞ୍ଜା ଗ୍ରାମ ନିକଟ ଜଙ୍ଗଲରେ ଲୁଚି ରହିଥିଲେ। ଖବର ପାଇ ସୁକିନ୍ଦା ଥାନା ଭାରପ୍ରାପ୍ତ ଅଧିକାରୀ ଶିବ ଚରଣ ବେହେରା ସଦଳବଳ ଯାଇ ମିଞ୍ଜାଙ୍କୁ ଗିରଫ କରିଥିଲେ। ଆଇପିସି ଦଫା ୩୦୨ ଅନୁଯାୟୀ ୩୨/୨୧ନମ୍ବରରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ମିଞ୍ଜା ଏବଂ ଶିଶିରଙ୍କ ମଧ୍ୟରେ ଜମିବାଡି ବିବାଦ ରହି ଆସିଥିଲା। ଦେଢ଼ଗୁଣ୍ଠ ଜମି କିଣିବା ନିମନ୍ତେ ମିଞ୍ଜା ଜଣେ ଜମି ମାଲିକଙ୍କୁ ଅଗ୍ରିମ ଟଙ୍କା ଦେଇଥିବାବେଳେ କିଛି ଅଧିକ ଅର୍ଥ ଦେଇ ଉକ୍ତ ଜମିକୁ ଶିଶିର କିଣିଥିଲେ। ତେଣୁ ବାରମ୍ବାର ଗଣ୍ଡଗୋଳ ହେବା ସହ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଜମି ବିବାଦକୁ ନେଇ ଉଭୟଙ୍କ ନାମରେ ୧୦୭ ମାମଲା ମଧ୍ୟ ରୁଜୁ ହୋଇଥିଲା। କିଛି ମାସ ଧରି ଉଭୟେ ଗଣ୍ଡଗୋଳରୁ ନିବୃତ୍ତ ଥିଲେ। କିନ୍ତୁ ଗୁରୁବାର ରାତିରେ ଶିଶିର ଗାଁ ପୋଖରୀକୁ ଶୌଚ ହେବା ନିମନ୍ତେ ଯାଇଥିବାବେଳେ ମିଞ୍ଜା ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ପହଞ୍ଚି ଶିଶିରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଳିଙ୍ଗନଗରସ୍ଥିତ ଟାଟା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ନେଇଛି ୧୪୦ ହଜାର କୋଟି, ଦେଇଛି ୧୪ ହଜାର କୋଟି

## ରେଳ ବଜେଟକୁ ନେଇ ମୁହାଁମୁହିଁ
### ରାଜ୍ୟ ଭାଜପାଠାରୁ ଜବାବ ମାଗିଲା ବିଜେଡି

ଭୁବନେଶ୍ୱର,୫।୨(ବ୍ୟୁରୋ)

୨୦୨୧-୨୨ ଆର୍ଥିକବର୍ଷ ପାଇଁ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର ଆଣିଥିବା ରେଳ ବଜେଟରେ ଓଡ଼ିଶା ପ୍ରତି ହୋଇଥିବା ଅଣଦେଖାକୁ ନେଇ ବିଜେଡି ଭାଜପାକୁ ଜୋରଦାର ସମାଲୋଚନା କରିଛି। ଏ ନେଇ ଭାଜପାର ରାଜ୍ୟ ନେତୃତ୍ୱଙ୍କୁ ଜବାବ ତଲବ କରିଛି। ଶୁକ୍ରବାର ୩ ପୃଷ୍ଠା ସମ୍ବଳିତ ପ୍ରେସ୍ ଇସ୍ତାହାର ଜାରି କରି ବିଜେଡି ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ହୋଇଥିବା ଅଣଦେଖାକୁ ଜୋରଦାର ଉଠାଇଛି।

ବିଜେଡି ଅଭିଯୋଗ କରିଛି ଯେ ୨୦୨୧-୨୨ ରେଳ ବଜେଟ ଓଡ଼ିଶାକୁ ନ୍ୟାୟ ଦେଇପାରିନାହିଁ। ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସହଯୋଗ ସତ୍ତ୍ୱେ ରେଳ ବଜେଟରେ କେନ୍ଦ୍ର ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରିଛନ୍ତି। ସ୍ୱାଧୀନତା ପରେ ଓଡ଼ିଶା ଲାଗି କେବଳ ୬ଟି ନୂଆ ରେଳ ଲାଇନ ପାଇଁ ବ୍ୟବସ୍ଥା କରାଯାଇଛି। କଟକ-ପାରାଦୀପ ୮୩ କି.ମି., ତାଳଚେର-ସମ୍ବଲପୁର ୧୭୪ କି.ମି., କୋରାପୁଟ-ରାୟଗଡା ୧୬୪ କି.ମି., ଦୈତାରୀ-ବାଂଶପାଣି ୧୫୫କି.ମି., ଲିଙ୍ଗରାଜ-ଜୁନାଗଡ ୫୬ କି.ମି. ଏବଂ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ଯାହା ଆଂଶିକ ଭାବେ (୩୦%) କାର୍ଯ୍ୟ ସମ୍ପନ୍ନ ହୋଇଛି। ବ୍ରିଟିଶ ଅମଳରେ ଖଣିଜାତ ଦ୍ରବ୍ୟକୁ ଚୋରି କରିବା ପାଇଁ ରେଳ ଲାଇନର ବ୍ୟବହାର କରାଯାଉଥିଲା। ଦୁଃଖର କଥା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏବେକାର କେନ୍ଦ୍ର ସରକାର ସେଇଆ ହିଁ କରୁଛନ୍ତି। ଇସ୍ପାତ ଓ ଶକ୍ତି କ୍ଷେତ୍ର ପାଇଁ ଯଦି ଓଡ଼ିଶାଠାରୁ କୋଇଲା ନ ଯାଆନ୍ତା,



ଖବରଦାତା ସମ୍ମିଳନୀରେ ସୁଲତା ଦେଓ, ଲେନିନ ମହାନ୍ତି, ଶ୍ରୀମୟୀ ମିଶ୍ର।

ତାହାହେଲେ ବାହାରୁ ଆମଦାନୀ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଅନ୍ତା। ରୟାଲ୍‌ଟି ଦୂରର କଥା ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ଦିଆଯାଉନାହିଁ। ଓଡ଼ିଶାବାସୀଙ୍କ କୋଇଲା ବାହାର ରାଜ୍ୟକୁ ପଠାଯିବ। ଓଡ଼ିଶାବାସୀ ଧୂଳିଧୂଆଁର ଶିକାର ହେବେ। କୋଇଲା, ଆଇରନ, ବକ୍ସାଇଟ, ଆଲୁମିନିୟମ କ୍ଷେତ୍ରରେ ବ୍ରିଟିଶ ସରକାରର ଲୁଣ୍ଠନ ମାନସିକତା ଥିଲା। ସ୍ୱାଧୀନତା ପରେ ମଧ ସେଇ ମାନସିକତାର ଝଲକ ଦେଖିବାକୁ ମିଳୁଛି ବୋଲି ବିଜେଡି ଅଭିଯୋଗ କରିଛି।

ପ୍ରତ୍ୟେକ ବର୍ଷ ଭାରତୀୟ ରେଳ ଓଡ଼ିଶାରୁ ୨୦,୦୦୦ କୋଟିର ରାଜସ୍ୱ ଆଦାୟ କରିଥାଏ । ଯଦି ୭ ବର୍ଷର ହିସାବ କରାଯାଏ ତେବେ ରେଳବାଇ ୧୪୦,୦୦୦ କୋଟି ରାଜସ୍ୱ ନେଇ ସାରିଛି। ଏହି ସମୟରେ ଓଡ଼ିଶାକୁ ମିଳିଛି ମାତ୍ର ୧୪,୦୦୦ କୋଟି। ଭାଜପାର ରାଜ୍ୟ ଏବଂ କେନ୍ଦ୍ରୀୟ ନେତୃତ୍ୱମାନେ ଏହାର ଜବାବ ଦିଅନ୍ତୁ ବୋଲି ବିଜେଡି ପ୍ରଶ୍ନ କରିଛି। ସେହିପରି ରେଲୱେ ସାନ୍ଦ୍ରତାରେ ପଶ୍ଚିମବଙ୍ଗରେ ୧୦୦୦ ବର୍ଗ କି.ମି.ରେ ୪୨ କି.ମି.ର ରେଲୱେ ଲାଇନ ବ୍ୟବସ୍ଥା ହୋଇଥିବା ବେଳେ ବିହାରରେ ୩୫କି.ମି. ହୋଇଛି। ପରିତାପର ବିଷୟ ଯେ, ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଓଡ଼ିଶାର ରେଳ ସାନ୍ଦ୍ରତା ୧୫ କି.ମିରେ ସୀମିତ ରହିଛି। ଗତ ୭ ବର୍ଷ ଭିତରେ ମାତ୍ର ଗୋଟିଏ ଜିଲାକୁ ନୂଆ ରେଳ ଲାଇନ ଛୁଇଁପାରିଛି। ଯଦି ଏହି ହିସାବରେ ରେଳ ଲାଇନ ବିଛା ଯାଏ ତେବେ ରେଳ ଲାଇନ ନ ଥିବା ୬ଟି ଜିଲାକୁ ପାଖାପାଖି ୪୨ ବର୍ଷ ଲାଗିବ ବୋଲି ଅନୁମାନ କରାଯାଇପାରେ। ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳ ଲାଇନ ଘୋଷଣା ହୋଇଥିଲା। ରାଜ୍ୟ ସରକାର ସମସ୍ତ ପ୍ରକାର ଆର୍ଥିକ ସହାୟତା ଓ ଜମି ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ହେଲେ ଆଜି ପର୍ଯ୍ୟନ୍ତ ଏହି ପ୍ରକଳ୍ପରେ କୌଣସି ଅଗ୍ରଗତି ଦେଖାଯାଇ ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ଉପରେ ଉତ୍ତର ଦେବେ କି ବୋଲି ବିଜେଡି ପ୍ରଶ୍ନ କରିଛି।

୫୯୦ କୋଟି ଟଙ୍କାରୁ ୭୦୦ କୋଟି ଟଙ୍କାର ରେଳବାଇ ବଜେଟ୍ ଓଡିଶାର ଆବଶ୍ୟକତା ନାହିଁ। ଓଡ଼ିଶାର ଅବଦାନକୁ ନ ଭୁଲି ଯାଇ କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କ ହକ୍‌କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

## କୋଟିଆ ସମସ୍ୟା ଚିନ୍ତାର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୫।୨(ବ୍ୟୁରୋ)

କୋରାପୁଟ ଜିଲା ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ର ସରକାର ଅଧିକାର ସାବ୍ୟସ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ଦଳମତ ନିର୍ବିଶେଷରେ ସମସ୍ତ ଓଡ଼ିଶାବାସୀ ଏକ ହୋଇ ଏହି ସମସ୍ୟାର ସମାଧାନ ବାହାର କରିବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର ଟୁଇଟ୍‌କରି କହିଛନ୍ତି, କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ସରକାର ପଞ୍ଚାୟତ ନିର୍ବାଚନକରି ଓଡ଼ିଶାର ଅନେକ ଗାଁ ଏବଂ ପଞ୍ଚାୟତ ଉପରେ ଅଧିକାର ଜାହିର କରିବା ଚିନ୍ତାର ବିଷୟ। ଏହି ଘଟଣାକୁ ନେଇ ଓଡ଼ିଶାର ଗଣମାଧ୍ୟମ, ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନଗୁଡିକ ଉଦ୍‌ବେଗ ପ୍ରକାଶ କରୁଛନ୍ତି। କୋଟିଆ ଅଞ୍ଚଳକୁ ନେଇ ଆନ୍ଧ୍ର ସହ ଆମର ବିବାଦ ଦୀର୍ଘ ବର୍ଷ ଧରି ଲାଗି ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହେବା ଚିନ୍ତାର ବିଷୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଆ ପାଇଁ କିଛି ଯୋଜନାର ଶୁଭାରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର କୋଟିଆ ଯାଇ ଏହାକୁ ଆଦର୍ଶ ପଞ୍ଚାୟତ କରିବେ ବୋଲି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କହିଛନ୍ତି। ବୋଧହୁଏ କୋଟିଆ ପ୍ରସଙ୍ଗକୁ ଯେତେ ଗୁରୁତ୍ୱର ସହ ନେବା କଥା, ତାହା ଆମେ କରିବାରେ ସଫଳ ହୋଇନାହୁଁ। ଏହି ଅଞ୍ଚଳର ବିକାଶ ତଥା ସ୍ଥାନୀୟ ଭଉଣୀ ଭାଇଙ୍କୁ ଭାବଗତ ଭାବେ ଯୋଡ଼ି ରଖିବାକୁ ଯେତିକି ଗୁରୁତ୍ୱ ଦେବା କଥା ଆମେ ଦେଇନାହୁଁ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

## ନିମ୍ବଗଛରେ ପିଟି ହେଲା ଇନୋଭା
# ଡାବୁଗାଁ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କ ସମେତ ୩ ମୃତ

ଦେଓଗାଁ, ୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ଦେଓଗାଁ ଶିଶୁମନ୍ଦିର ନିକଟରେ ଶୁକ୍ରବାର ଭୋର ୪ଟାରେ ଏକ ଇନୋଭା କାର ନିମ୍ବ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନେ ହେଲେ ନବରଙ୍ଗପୁର ଡାବୁଗାଁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରାକେଶ ହେମ୍ବ୍ରମ(୪୬), ରାମେଶ୍ୱର ମାଦଲା(୭୨) ଓ ସତ୍ୟଜିତ ମାଦଲା(୩୭) ବୋଲି ଜଣାପଡିଛି। ଆହତ ହୋଇଥିବା କାର ଡ୍ରାଇଭର ଭୀମ ହରିଜନ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।



ଦୁର୍ଘଟଣାଗ୍ରସ୍ତ ଇନୋଭା।

ମିଳିଥିବା ସୂଚନା ଅନୁଯାୟୀ, ବ୍ୟାଙ୍କ ଶାଖା ପରିଚାଳକ ରାକେଶ, ଡାବୁଗାଁ ଅଞ୍ଚଳର ଖବରଦାତା ସତ୍ୟଜିତ୍ ଓ ତାଙ୍କ ବାପା ରାମେଶ୍ୱର ନବରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଇନୋଭା ( ନଂ. ଓଡି ୦୨କ୍ୟୁ ୨୦୭୯) କାରରେ ଆସୁଥିବା ବେଳେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ନିମ୍ବଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କାର ଡ୍ରାଇଭର ଓ ରାମେଶ୍ୱର ଗୁରୁତର ହୋଇଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବୁର୍ଲା ପଠାଇଥିବା ବେଳେ ବାଟରେ ରାମେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। କାରର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ବଲାଙ୍ଗୀର ଭୀମଭୋଇ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଇନୋଭାକୁ ପୋଲିସ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି।

## ନାବାଳକଙ୍କୁ ୨୯ହଜାର ଜରିମାନା

ସମ୍ବଲପୁର,୫।୨(ବ୍ୟୁରୋ): ସମ୍ବଲପୁର ଆର୍‌ଟିଓ ପକ୍ଷରୁ ଶୁକ୍ରବାର ଯାଞ୍ଚ ସମୟରେ ଜଣେ ନାବାଳକ ବାଇକ୍ ଚାଳକ ଧରାପଡିଛନ୍ତି। ତାଙ୍କ ନାମରେ ୨୯ ହଜାର ଟଙ୍କାର ଚାଲାଣ କଟାଯାଇଛି। ଶାସନ ଥାନା ତବଲା ନିକଟରେ ଏମ୍‌ଭିଆଇ ପକ୍ଷରୁ ଯାଞ୍ଚ କରାଯାଉଥିଲା। ୩ ଜଣ ନାବାଳକ ବାଇକ୍ (ଓଡି୧୫ଏଲ-୨୦୪୯)ରେ ଯାଉଥିବା ସମୟରେ ଧରାପଡ଼ିଥିଲେ। ଯାଞ୍ଚ ପରେ ସମସ୍ତେ ନାବଳକ ବୋଲି ଜଣାପଡିଥିଲା। ବାଇକ୍‌ରେ ଦୁଇ ଜଣରୁ ଊର୍ଦ୍ଧ୍ୱ ବସିବା ପାଇଁ ୧ ହଜାର, ବିନା ଇନ୍‌ସ୍ୟୁରାନ୍ସ ପାଇଁ ୨ ହଜାର, ବିନା ହେଲ୍‌ମେଟ ପାଇଁ ୧ ହଜାର ଓ ନାବାଳକ ହୋଇଥିବାରୁ ୨୫ ହଜାର ମୋଟ ୨୯ ହଜାର ଟଙ୍କାର ଚାଲାଣ କଟାଯାଇଛି। ବାଇକ୍ ମାଲିକ ଖୁଲିଆ ଗ୍ରାମର ଜମନ୍ତ ହାତୀଙ୍କ ନାମରେ ଏହି ଚାଲାଣ କଟାଯାଇଛି। ଆର୍‌ଟିଓ ତ୍ରିଲୋଚନ ପାତ୍ର କହିଛନ୍ତି, ଯାଞ୍ଚ ସମୟରେ ନାବାଳକମାନେ ଧରାପଡ଼ିଥିଲେ। ବାଇକ୍ ଚାଳକ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର ବୋଲି କହିଥିଲେ। ବାଇକ୍‌ର ବୀମା ମଧ ନ ଥିଲା। ତେଣୁ ଚାଲାଣ କଟାଯାଇଛି।

**JOB VACANCY**
Sales Executive and Accountant with Tally Knowledge (Experience of 3 - 5 years). Required for Company HIGHWAY TRADING PVT. LTD., Bhubaneswar.
9437006047

**LEPRA SOCIETY** requires Programme Manager and One Female ORW for Target Intervention (IDU) Project, Bhubaneswar. Master in Social Science for PM & 8th Standard for ORW (2 Yrs. of experience). Salary Rs.15,000/- for PM and Rs.7,500/- for ORW. Apply to hrd@leprahealthinaction.in within 7 days. For detail visit www.leprasociety.org.

**GURU NANAK ENGLISH MEDIUM PUBLIC SCHOOL-II**
Sangalai Sasan (Near Uttara Chhawk), Affiliated to CBSE
REQUIRES
TGT in English, Hindi, Maths, Science, S.St., Computer, P.E.T., Music & Dance, Art, Special Educator, NTT & Primary Teachers, Librarian and Computer Teacher.
Send resume with photo to
The Principal, GNEMPS-II, Sangalai Sasan, Pipili, Puri
Email:gnps2bbsr@gmail.com, Ph.-0674-2395854 / 2959509

**LCJ SILVER**
LALCHAND JEWELLERS REQUIRED
1. SALES CONSULTANT : 7 Nos.
2. SALES SUPERVISOR : 3 Nos.
For the Bhubaneswar Store. Minimum Qualification +3 & 2 Yrs. Jewellery Experience must. Send resume at:
Indramani_r@yahoo.com Or Call: 0674-2534625, 2536666

**URGENT REQUIREMENT**
VERIFICATION EXECUTIVE
All Odisha
Fixed salary + incentives.
Contact: swastikmis1@gmail.com
Call: 9776970264 9337540924

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ଼, ମୁମ୍ବାଇ**
www.rbi.org.in
ବିଜ୍ଞାପନ ସଂଖ୍ୟା ୧/୨୦୨୦-୨୧
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| ୧ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ସାଧାରଣ (General)-ପ୍ୟାନେଲ ବର୍ଷ ୨୦୨୧ | ୨୭୦ |
| ୨ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ଡିଇପିଆର୍ (DEPR)*-ପ୍ୟାନେଲ ବର୍ଷ ୨୦୨୧ | ୨୯ |
| ୩ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ଡିଏସ୍‌ଆଇଏମ୍ (DSIM) @-ପ୍ୟାନେଲ ବର୍ଷ ୨୦୨୧ | ୨୩ |

* ଆର୍ଥିକନୀତି ଓ ଅନୁସନ୍ଧାନ ବିଭାଗ (Department of Economic and Policy Research) @ ସାଂଖ୍ୟିକୀ ଓ ସୂଚନା ପ୍ରବନ୍ଧ ବିଭାଗ (Department of Statistics and Information Management)
୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଜାନୁଆରୀ ୨୮, ୨୦୨୧ରେ ପ୍ରକାଶିତ ଓ ଏମ୍ପ୍ଲୟମେଣ୍ଟ ନିଉଜ୍ / ରୋଜଗାର ସମାଚାରର ଫେବୃଆରୀ ୦୬, ୨୦୨୧/ ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ - ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ (fees) / ସୂଚନା ଦେୟ ପ୍ରଦାନ ନିମନ୍ତେ | ଜାନୁଆରୀ ୨୮, ୨୦୨୧ ରୁ ଫେବୃଆରୀ ୧୫, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ସାଧାରଣ (General) – ପ୍ରଥମ ପର୍ଯ୍ୟାୟ (Phase-I) ଏବଂ ଡିଇପିଆର୍ (DEPR) / ଡିଏସ୍‌ଆଇଏମ୍ (DSIM) ପ୍ରଥମ ପେପର (Paper-I) ପରୀକ୍ଷା | ମାର୍ଚ୍ଚ ୦୬, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ଡିଇପିଆର୍ (DEPR) / ଡିଏସ୍‌ଆଇଏମ୍ (DSIM) ଦ୍ୱିତୀୟ ପେପର (Paper-II) ଏବଂ ତୃତୀୟ ପେପର (Paper-III) ପରୀକ୍ଷା | ମାର୍ଚ୍ଚ ୩୧, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ସାଧାରଣ (General) - ଦ୍ୱିତୀୟ ପର୍ଯ୍ୟାୟ (Phase-II) ପରୀକ୍ଷା | ଏପ୍ରିଲ ୦୧, ୨୦୨୧ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

**WANTED**
Urgently required Office and Field Staff. Salary will be no bar for right candidates.
Contact: 7275784432, 9140062536, 7704809001

**REQUIRED URGENTLY** for Techinical and Non-Technical Candidate 43nos for OPERATION & MAINTAINANCE in Steel and Power plant.
Salary : Rs 11,750/- ରୁ Rs 83,500/-
Mr. Ashok Kumar Pal (HR Admin.)
Email : ceylonplants9@gmail.com
WhatsApp : 9937286953

**WANTED**
SPPL REAL ESTATE
Companyର ଖୋର୍ଦ୍ଧା ଶାଖା ଅଫିସ୍ ପାଇଁ ଅଭିଜ୍ଞ Marketing ପୁଅ/ଝିଅ ତୁରନ୍ତ ଆବଶ୍ୟକ।
9090963952

Reputed Hotel in Solapur, Maharashtra needs staff for the job of a **North Indian & Chinese Cook, Waiter & Housekeeping**. Attractive salary, accommodation & food provided.
Ct +91 7721880555

# ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣଙ୍କ ପରଲୋକ

କଣିହାଁ,୫।୨(ଡି.ଏନ.ଏ.)

ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପୁରୋଧା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୩ ବର୍ଷ ହୋଇଥିଲା। ଅଳ୍ପଦିନ ତଳେ ସେ ଅସୁସ୍ଥ ହୋଇପଡ଼ିବା ସହ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଜିଲା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ତାଙ୍କ ପରିବାର ସଦସ୍ୟଙ୍କୁ ଫୋନ କରି ଶୋକବ୍ୟକ୍ତ କରିଥିବାବେଳେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ରବି ନାରାୟଣ ପାଣି, ଭାଜପା ନେତା କାଳନ୍ଦୀ ସାମଲ, କଣିହାଁ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା ମଧ୍ୟ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶନିବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ୧୯୧୮ ଫେବୃୟାରୀ ୨୦ରେ ଜନ୍ମିତ ବିଚ୍ଛନ୍ଦ ଚରଣ ଯୁବରାଜ ଉଚ୍ଚ ବିଦ୍ୟାଳୟରୁ ୧୯୩୮ରେ ମାଟ୍ରିକ୍ ପାସ୍ କରିବା ପରେ ରାଜା ଶାସନ ଏବଂ ବ୍ରିଟିଶ୍ ମାନଙ୍କ ଅତ୍ୟାଚାରରୁ ପ୍ରଜାମାନଙ୍କୁ ମୁକ୍ତ କରିବା ପାଇଁ ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ସହ ପ୍ରଜା ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୪୪ ରୁ ୧୯୪୬ ପର୍ଯ୍ୟନ୍ତ ସେ କାରାବରଣ କରିଥିଲେ। କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ୩ଥର ଦାୟିତ୍ୱ ତୁଲାଇଥିଲେ। କୃଷି ଓ କୃଷକଙ୍କ ସହ ଶିକ୍ଷାର ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ।



ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନ।

# ୬ ଜିଲାର ପୌରପାଳିକା, ଏନ୍‌ଏସିରେ ଯୋଜନାର ସମୀକ୍ଷା

ଭୁବନେଶ୍ୱର(ବ୍ୟୁରୋ)/ଯାଜପୁର ରୋଡ,୫।୨(ଡି.ଏନ.ଏ.)

- ଅବହେଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ
- ପରିମଳ ଓ ଜାଗା ମିଶନ ଉପରେ ଗୁରୁତ୍ୱ

ସହରାଞ୍ଚଳରେ ପରିମଳ ଓ ଜାଗା ମିଶନ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପରାମର୍ଶ ଦେଇଛନ୍ତି। କର୍ତ୍ତବ୍ୟରେ ଅବହେଳା, ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ କଲେ ସମ୍ପୃକ୍ତ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ବ୍ୟାସନଗରଠାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲାର ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ (ଏନଏସି)ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏଥିରେ ପରିମଳ, ଜାଗା ମିଶନ, ମାଇକ୍ରୋ କମ୍ପୋଷ୍ଟିଂ, ସାମଗ୍ରୀ ଅସୁଲି, ପାନୀୟ ଜଳ ଯୋଗାଣ, ସ୍ମାର୍ଟ ଷ୍ଟିଲ୍ ଲାଇଟ, ଜୀବିକା ମିଶନ ପ୍ରମୁଖ ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏହାସହ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇ ପୌର ପରିଷଦଗୁଡିକ ନିଜର ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ ଏବଂ ବିନିଯୋଗ ପତ୍ର ଦାଖଲ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ଅତିରିକ୍ତ ସଚିବ କଲ୍ୟାଣ କୁମାର ରଥ, ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ର ଓ ଉପଶାସନ ସଚିବ ସାରଦା ପ୍ରସାଦ ପଣ୍ଡାଙ୍କ ସମେତ ୬ ଜିଲାର ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**MINISTRY OF SOCIAL JUSTICE & EMPOWERMENT, GOVT. OF INDIA**
**OLATPUR, P.O.- BAIROI, DIST.- CUTTACK - 754010, ODISHA**
Ref. No. AD 6B 35/01/2021 Date: 03.02.2021

**RECRUITMENT NOTICE**

Applications are invited from the eligible candidates for the following posts for CRC, Imphal.

| Sl. No. | Name of the Post | No. of Post | Age | Consolidate Salary per month (Rs.) |
|---|---|---|---|---|
| 1. | Director (Consultant) | 01 | 50 | 80,000/- |
| 2. | Assistant Professor (Medical P&R) (Consultant) | 01 | 45 | 70,000/- |
| 3. | Assistant Professor (Speech Pathology) (Consultant) | 01 | 45 | 65,000/- |
| 4. | Assistant Professor (Cinical Psychology) (Consultant) | 01 | 45 | 65,000/- |
| 5. | Assistant Professor (Special Education) (Consultant) | 01 | 45 | 65,000/- |
| 6. | Lecturer (Physiotherapy) (Consultant) | 01 | 35 | 55,000/- |
| 7. | Lecturer (Occupational Therapy) (Consultant) | 01 | 35 | 55,000/- |
| 8. | Administrative Officer (Consultant) | 01 | 40 | 45,000/- |
| 9. | Rehabilitation Officer (Social Work & Placement) (Consultant) | 01 | 35 | 45,000/- |
| 10. | Prosthetist & Orthotist (Consultant) | 01 | 40 | 40,000/- |
| 11. | Accountant (Consultant) | 01 | 35 | 40,000/- |
| 12. | Special Educators/Orientation Mobility Instructor (Consultant) | 02 | 35 | 40,000/- 40,000/- |
| 13. | Vocational Instructor (Consultant) | 01 | 30 | 40,000/- |
| 14. | Assistant (Consultant) | 01 | 30 | 40,000/- |
| 15. | Clinical Assistant (Consultant) | 02 | 30 | 40,000/- 40,000/- |
| 16. | Workshop Supervisor-cum-Store Keeper (Consultant) | 01 | 30 | 30,000/- |
| 17. | Clerk (Consultant) | 01 | 30 | 22,000/- |

Last date for receipt of completed applications is **05.04.2021**. Late recevied applications and applications received in other format will be summarily rejected. For all other details, terms and conditions, please log on to website: **www.svnirtar.nic.in & crcguwahati.com**.

Sd./- DIRECTOR (OFFG.)

**ଜି.ଉଦୟଗିରିରେ ଅସହ୍ୟ ଶୀତ**

ଜି.ଉଦୟଗିରି,୫ା୨(ଡି.ଏନ.ଏ.): ଜି.ଉଦୟଗିରିରେଗତ ଏକ ସପ୍ତାହ ହେଲା ଶୀତ ଲହରୀ ଜାରି ରହିଛି। ଗୁରୁବାର ସର୍ବନିମ୍ନ ତାପମାତ୍ରା ୪.୫ ଡିଗ୍ରୀ ରହିଥିବା କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର କହିଛନ୍ତି । ପ୍ରବଳ ଶୀତ ଯୋଗୁ ଜଙ୍ଗଲୀ ସାମଗ୍ରୀ ବିକାଳି, ଛୋଟ ପରିବା ଚାଷୀ, ବ୍ୟବସାୟୀମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଗୋରୁଙ୍କ ଦେହର ତାପମାତ୍ରା କମିଯିବା ଫଳରେ ସେମାନେ ଅସୁସ୍ଥ ହେଉଛନ୍ତି ବୋଲି ଗୋପାଳକ ରାମହରି ପଣ୍ଡା କହିଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- କିଷାନ୍ ମୋର୍ଚ୍ଚା, ଅଖିଳ ଭାରତ କିଷାନ ସଂଘ ପକ୍ଷରୁ ଚକାଜାମ୍ ସ୍ଥାନ: ଲାଞ୍ଜିପଲୀ। ସମୟ- ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ ଅପହରଣ ଉଦ୍ୟମ, ୨ ଅଟକ

ଗଞ୍ଜାମ,୫ା୨(ଡି.ଏନ.ଏ.)-ଶିଶୁକନ୍ୟା ଅପହରଣ ଉଦ୍ୟମ ନେଇ ରମ୍ଭା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଏ ନେଇ ରମ୍ଭା ସହରାଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ପୋଲିସ ପୁରୁଷୋତ୍ତମପୁର ଅଞ୍ଚଳର ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ଶିଶୁକନ୍ୟା ଅପହରଣ ସମ୍ପର୍କରେ ବିଶେଷ କିଛି କହିବାକୁ ସେ ମନା କରିଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଭଞ୍ଜନଗର,୫ା୨(ଡି.ଏନ.ଏ.):** ଭଞ୍ଜନଗର ଦୁର୍ଗାପ୍ରସାଦ ମୁଖ୍ୟରାସ୍ତାର ଗଣ୍ଡିଶୁଳା ଛକ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ବାଇକ୍‌କୁ ଧକ୍କା ଦେଇ ଯାତ୍ରୀବାହୀ ବସ୍ ଚାଲିଯାଇଥିଲା। ଫଳରେ ବାଇକ୍‌ରେ ବସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ବେଲଗୁଣ୍ଠାର ମଙ୍ଗୁଲୁ ପାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ନିଆଯାଇଛି। ଆହତ ଯୁବକଙ୍କ ଚେତା ଫେରି ନଥିବାରୁ ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ଭଞ୍ଜନଗର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସେହିଭଳି ଗମ୍ଭାରୀଗୋଚ୍ଛା ନିକଟରେ ଏକ ବାଇକ୍ ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଲଣ୍ଡେଇସାହିର ୨ ଯୁବକ ଆହତ ହୋଇଛନ୍ତି।

### ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ସଂଘର ଦାବିପତ୍ର

**ବ୍ରହ୍ମପୁର ଅଫିସ,୫ା୨:** ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ୩ ହଜାର ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ଠିକା କର୍ମଚାରୀଙ୍କ ମୁଖ୍ୟ ଦାବିଗୁଡ଼ିକୁ ଅଣଦେଖା କରାଯାଉଛି। ଦାବି ପୂରଣ ନ ହେବା ଯାଏ ଗ୍ରାମୀଣ ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ କର୍ମଚାରୀମାନେ କୋଭିଡ୍ ଟିକାକରଣ କାର୍ଯ୍ୟରେ ସହଯୋଗ କରିବେନି ବୋଲି ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କହିଛି। ଶୁକ୍ରବାର ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଡିପିଏଚ୍‌ଓ ଡା.ଜଗଦୀଶ ପଟ୍ଟନାୟକଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ନନ୍ ମେଡ଼ିକୋ ପବ୍ଲିକ୍ ହେଲ୍‌ଥ୍ ମ୍ୟାନେଜ୍‌ମେଣ୍ଟ୍ କ୍ୟାଡ଼ର ସୃଷ୍ଟି କରି ସ୍ଥାୟୀ ନିଯୁକ୍ତି, ସ୍ଥାୟୀ ନିଯୁକ୍ତ ପର୍ଯ୍ୟନ୍ତ ଦରମାରେ ଥିବା ଅସଙ୍ଗତ ଦୂର କରି ସପ୍ତମ ବେତନ ଆଧାରରେ ଦରମା ଓ ଭତ୍ତା ପ୍ରଦାନ, ସମସ୍ତଙ୍କ ପାଇଁ ସାମଜିକ ସୁରକ୍ଷା ସ୍ୱରୁପ କର୍ମଚାରୀ ଭବିଷ୍ୟନିଧି ଲାଗୁ ଆଦି ଦାବି ପୂରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଗଣେଶ ନାହାକ, ଉପସଭାପତି ଶୁଭେନ୍ଦୁ କୁମାର ଦାଶ, ସମ୍ପାଦକ ମନୋରଞ୍ଜନ ମହାପାତ୍ର, ରାମ ଚନ୍ଦ୍ର ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ବଟି ପାଇଁ ବ୍ୟବସାୟୀଙ୍କୁ ହତ୍ୟା ଧମକ

ଦିଗପହଣ୍ଡି,୫ା୨(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ଲକ୍ଷେ ଟଙ୍କା ବଟି ଦାବି କରି ଜଣେ ବ୍ୟବସାୟୀଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ବ୍ୟବସାୟୀ ଜଗନ୍ନାଥ ଡାକୁଆଙ୍କ ଏତଲାକୁ ଭିତ୍ତି କରି ଦିଗପହଣ୍ଡି ପୋଲିସ ନଂ.୩୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋକର୍ଣ୍ଣପୁର ଗାଁର ଜଗନ୍ନାଥ ଏକ ଅଣ ବ୍ୟାଙ୍କିଙ୍ଗ ଚିଟ ଫଣ୍ଡ ସଂସ୍ଥାର ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ସମୟରେ ଜମାକାରୀ ଓ ଋଣ ଗ୍ରହିତା ମାନଙ୍କଠାରୁ କିସ୍ତି ଅନୁଯାୟୀ ଅର୍ଥରାଶି ଆଦାୟ କରିବା ସହ ଅନ୍ୟ ସମୟରେ ବିସ୍କୁଟ ସମେତ ବିଭିନ୍ନ ଖାଦ୍ୟ ପଦାର୍ଥ ସାମଗ୍ରୀ ବ୍ୟବସାୟ କରୁଛନ୍ତି। ଗତ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ ଟାରେ ତାଙ୍କ ମୋବାଇଲ ଫୋନ୍‌କୁ ଅନ୍ୟ ୨ଟି ନଂ.ରୁ କଲ ଆସିଥିଲେ। ଲକ୍ଷେ ଟଙ୍କା ବଟି ଦେବାକୁ କୌଣସି ଦୁର୍ବୃତ୍ତ ଫୋନ୍‌ରେ କହିବା ସହ ଟଙ୍କା ନ ଦେଲେ ଗୁଳି କରି ହତ୍ୟା କରିବାକୁ ଧମକ ଦେଇଥିବା ନେଇ ଜଗନ୍ନାଥ ସୁରକ୍ଷା ପାଇଁ ଥାନାରେ ଏତଲା ଦେଇଛନ୍ତି।

# ଋଷିକୁଲ୍ୟା ସହ ସଂଯୋଗୀକରଣ ହୋଇନି ବଂଶଧାରା

ବ୍ରହ୍ମପୁର ଅଫିସ,୫ା୨

- ଦୁଇ ନଦୀ ମିଶ୍ରଣ ପାଇଁ ସର୍ଭେ କାର୍ଯ୍ୟ ଶିଳାନ୍ୟାସରେ ସୀମିତ
- ଅଟକି ଯାଇଛି ମହାନଦୀ-ଋଷିକୁଲ୍ୟା ସଂଯୋଗୀକରଣ ଯୋଜନା

ଋଷିକୁଲ୍ୟା ଋଷିକୁଲ୍ୟା ସହିତ ବଂଶଧାରା ନଦୀ ସଂଯୋଗୀକରଣ ପ୍ରସ୍ତାବରେ ଅଟକି ଯାଇଛି। ଏହାର ସର୍ଭେ ପାଇଁ ହୋଇଥିବା ଶିଳାନ୍ୟାସର ଦେଢ଼ ଦଶନ୍ଧି ବିତିଛି। ଯୋଜନା କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଋଷିକୁଲ୍ୟା ଓ ମହାନଦୀ ସଂଯୋଗୀକରଣ ମଧ୍ୟ ହୋଇପାରିନାହିଁ। ଦକ୍ଷିଣାଞ୍ଚଳରେ ଏହି ଦୁଇ ଯୋଜନା ଜରୁରୀ ହୋଇପଡ଼ିଛି। ରାଜ୍ୟ ସରକାର ଏହା କାର୍ଯ୍ୟକାରୀ କରିବା ଲାଗି ବିଭିନ୍ନ ମହଲରୁ ଦାବି କରାଯାଇଛି।

ବଂଶଧାରା ଓ ଋଷିକୁଲ୍ୟା ନଦୀ ସଂଯୋଗୀକରଣ ନିମନ୍ତେ ୧୯୮୫ ମସିହାରେ ତତ୍‌କାଳୀନ କଂଗ୍ରେସ ସରକାର ଅମଳରେ ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ପ୍ରସଙ୍ଗ ଉଠାଇଥିଲେ। ସେତେବେଳେ ସେ ଉପବାଚସ୍ପତି ଥିଲେ। ସରକାରରେ ଚାପ ପକାଇ ମଧ୍ୟ ବିଫଳ ହୋଇଥିଲେ। ବଂଶଧାରା ଓ ଋଷିକୁଲ୍ୟା ସଂଯୋଗୀକରଣ ଦ୍ୱାରା ବନ୍ୟା ଜଳ ନିୟନ୍ତ୍ରଣ ସାଙ୍ଗକୁ ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର ଅର୍ଦ୍ଧେକ ଅଞ୍ଚଳରେ କୃଷି କାର୍ଯ୍ୟକ୍ରମ ନିମନ୍ତେ ସେଚ ବ୍ୟବସ୍ଥାର ସମ୍ପ୍ରସାରଣ ହୋଇପାରିବ ଏବଂ ପାନୀୟ ଜଳ ସମସ୍ୟା ସମାଧାନରେ ସହାୟକ ହେବ। ବଂଶଧାରା ନଦୀରେ କେନାଲ ଖନନ କରାଯାଇ ଗଜପତି ଜିଲାର ଅଡ଼ବା ପର୍ଯ୍ୟନ୍ତ ପାଣି ଆସିବା ଓ ସେଠାରେ ଥିବା ପଦ୍ମା ନଦୀରେ ସଂଯୋଗ କରାଯିବ। ତାହା ଋଷିକୁଲ୍ୟା ସହିତ ମିଶାଇ ଦେବାକୁ ଦ୍ୟାନ ସାମନ୍ତରା ସେତେବେଳେ ପ୍ରସ୍ତାବ ଦେଇଥିଲେ। ଏହାର ୩୫ ବର୍ଷ ପୂରିବା ପରେ ବି ତାହା ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ। ୧୯୯୫ରେ ଚିନ୍ତାମଣି ବିଧାନସଭା ବାଚସ୍ପତି ହୋଇ ମଧ୍ୟ ସେହି ଯୋଜନା ପ୍ରତି ତତ୍ପର ହୋଇ ନ ଥିଲେ। ଆଲୋଚନା ପ୍ରସଙ୍ଗରେ ଏହି ଦୁଇ ନଦୀ ମିଶ୍ରଣ ପାଇଁ ନବୀନ ସରକାର ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି।

କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ନିକଟରୁ ବଂଶଧାରା ପ୍ରବାହିତ ହେଉଛି। ଅବିଭକ୍ତ କୋରାପୁଟ ଜିଲାକୁ ଲମ୍ବିଛି। ଗଜପତି ଜିଲାର ମହେନ୍ଦ୍ରତନୟା ହେଉଛି ବଂଶଧାରାର ଉପନଦୀ। ମହେନ୍ଦ୍ର ତନୟା ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ମଧ୍ୟ ପ୍ରବାହିତ ହେଉଛି। ମୂଳ ପ୍ରସ୍ତାବର ଦୁଇ ଦଶନ୍ଧି ପରେ ୨୦୦୫ ମସିହାରେ ଦ୍ୱିତୀୟ ପାଳି ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳ ସମ୍ପଦ ବିଭାଗ ନିଜ ପାଖରେ ରଖିଥିଲେ। ସେତେବେଳେ ଜୟପୁର ବିଧାୟକ ରବି ନାରାୟଣ ନନ୍ଦ ସେହି ବିଭାଗର ରାଷ୍ଟ୍ର ମନ୍ତ୍ରୀ ଥିଲେ। ବଂଶଧାରା ଓ ଋଷିକୁଲ୍ୟା ସଂଯୋଗୀକରଣ ନିମନ୍ତେ ଆଗ୍ରହୀ ହୋଇଥିଲେ। ରାୟଗଡ଼ା ଜିଲାର ଗୁଡ଼ାରି ନିକଟରେ ନଦୀ ସଂଯୋଗୀକରଣ ନିମନ୍ତେ ସର୍ଭେ ଡିଭିଜନ ପ୍ରତିଷ୍ଠା ଲାଗି ସେ ଶିଳାନ୍ୟାସ କରିଥିଲେ। ଫଳରେ ଏହା କାର୍ଯ୍ୟକାରୀ ହେବାର ଲୋକେ ଆଶା ପ୍ରକଟ କରିଥିଲେ। କୌଣସି କାରଣରୁ ତାହା ବନ୍ଦ ହୋଇଗଲା ଏବଂ ଯୋଜନା କେବଳ ସର୍ଭେ ପାଇଁ ଶିଳାନ୍ୟାସରେ ରହିଯାଇଛି। ଜୟପୁରରେ ଥିବା ପୂର୍ବତନ ମନ୍ତ୍ରୀ ନନ୍ଦଙ୍କ ସହ ଯୋଗାଯୋଗ ବେଳେ ଶିଳାନ୍ୟାସକୁ ସ୍ୱୀକାର କରିଛନ୍ତି ଏବଂ ସେ କ୍ଷମତାରେ ନ ଥିବାରୁ ଏହାର କାରଣ ନେଇ ଜାଣିନଥିବା ସୂଚାଇଛନ୍ତି।

ସେହିପରି ଋଷିକୁଲ୍ୟା ସହିତ ମହାନଦୀ ସଂଯୋଗୀକରଣ ନିମନ୍ତେ ୨୦୦୦ ମସିହାରେ ବିଧାନସଭା ଉପବାଚସ୍ପତି ହୋଇଥିବା ରାମଚନ୍ଦ୍ର ପଣ୍ଡା ସ୍ୱର ଉତ୍ତୋଳନ କରିଥିଲେ। ଗ୍ରୀଷ୍ମ ଓ ଶୀତ ଋତୁରେ ଋଷିକୁଲ୍ୟା ଶୁଷ୍କ ହୋଇଯାଉଥିବାରୁ ଏହାକୁ ଚିରସ୍ରୋତା କରିବା ପାଇଁ ନଦୀ ସଂଯୋଗୀକରଣ ଉପରେ ପଣ୍ଡା ଗୁରୁତ୍ୱ ଦେଇଥିଲେ। ବିଧାନସଭାରେ ଏହି ପ୍ରସଙ୍ଗ ଉଠିଥିଲା ଏବଂ ତତ୍‌କାଳୀନ ଜଳ ସମ୍ପଦ ମନ୍ତ୍ରୀ ମଙ୍ଗଳା କିଷାନ ସପକ୍ଷରେ ଉତ୍ତର ଦେଇଥିଲେ। ଏହି ସଂଯୋଗୀକରଣ ପାଇଁ ପୂର୍ବତନ ଉପବାଚସ୍ପତି ପଣ୍ଡା ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଦୃଷ୍ଟିକୁ ମଧ୍ୟ ନେଇଥିଲେ। ୨୦୦୭ରେ ଏହି ଦାବି ନେଇ ପଣ୍ଡା ଛତ୍ରପୁରରେ ବିଶାଳ କୃଷକ ସମାବେଶ କରାଇଥିଲେ। ଋଷିକୁଲ୍ୟା ଓ ମହାନଦୀ ସଂଯୋଗୀକରଣ ଡ଼ୋରି ବାନ୍ଧି ଦିଆଯାଇଛି। ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକର ସମୂହ ସ୍ୱାର୍ଥ ନିମନ୍ତେ ରାଜ୍ୟ ସରକାର ଋଷିକୁଲ୍ୟା-ବଂଶଧାରା ଓ ମହାନଦୀ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ କରିବା ଜରୁରୀ ହୋଇପଡ଼ିଛି।

## ଜିଲାପାଳଙ୍କ ଶିଳ୍ପାଞ୍ଚଳ ଓଭରବ୍ରିଜ୍ କାର୍ଯ୍ୟ ତଦାରଖ



ପ୍ରଶାସନିକ ଅଧିକାରୀମାନେ ତଦାରଖ କରୁଛନ୍ତି।

ବ୍ରହ୍ମପୁର ଅଫିସ,୫ା୨

ଇଞ୍ଜିନିୟରିଂ ସ୍କୁଲ ନିକଟରୁ ଶିଳ୍ପାଞ୍ଚଳ ଛକ ଯାଏ ନିର୍ମିତ ରେଲୱେ ଓଭରବ୍ରିଜ୍‌ରୁ ଆଙ୍କୁଲି ଜାତୀୟ ରାଜପଥ ୧୬କୁ ସଂଯୋଗ ହୋଇଥିବା ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି ହୋଇଆସୁଥିଲା। ଶୁକ୍ରବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓଭରବ୍ରିଜ୍ କାର୍ଯ୍ୟ ତଦାରଖ କରିବା ସହ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ସମୀକ୍ଷା କରିଛନ୍ତି। ବ୍ରିଜ୍‌ର ପ୍ରଶସ୍ତିକରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ବେଳେ ଏହା କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ବ୍ରହ୍ମପୁର ଉପଜିଲାପାଳ ଭି. କ୍ରୀର୍ତ୍ତିଭାଷନ୍ ଓ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ପ୍ରଦୀପଙ୍କୁ ଏମ୍‌କେସିଜିରେ ଚିକିତ୍ସା ପାଇଁ ପିଟିଶନ

ବ୍ରହ୍ମପୁର ଅଫିସ,୫ା୨

**ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ମାମଲା**

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୁରୁବାର ଝାରପଡ଼ା ଜେଲରୁ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଥିଲା। ଗୋଳନ୍ଥରା ଥାନାରେ ତାଙ୍କ ନାଁରେ ରୁଜୁ ହୋଇଥିବା ତିନୋଟି ଠକେଇ ମାମଲାରେ ତାଙ୍କୁ ଜଡ଼ିତ କରାଗଲା ବୋଲି ଏସ୍‌ଡିଜେଏମ ଜଣାଇବା ପରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ନିଆଯାଇଥିଲା। ବିଧାୟକ ପ୍ରଦୀପଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ରହିଥିବା ବେଳେ ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିବାକୁ ଶୁକ୍ରବାର ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଏସ୍‌ଡିଜେଏମ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ଅନ୍ୟପକ୍ଷରେ ବିଧାୟକ ଓ ସାଂସଦଙ୍କ ନାଁରେ ଥିବା ମାମଲା ଗୁଡିକର ପରିଚାଳନା ପାଇଁ ଜିଲା କୋର୍ଟରେ ଥିବା ଏଡିଜେ-୩ କୋର୍ଟକୁ ଡେଜିଗିନେଟଡ଼ କୋର୍ଟ ଭାବେ ଘୋଷଣା କରାଯାଇଛି। ତେଣୁ ଏସଡ଼ିଜେଏମ ଗୋପାଳପୁର ବିଧାୟକଙ୍କ ନାମରେ ରହିଥିବା ମାମଲାର ପରିଚାଳନା କରିବାର କ୍ଷମତା ନାହିଁ ବୋଲି ଓକିଲ ଦୀପକ ଆଉ ଏକ ପିଟିଶନ ଦାଖଲ କରିଥିବା କହିଛନ୍ତି। ଏସଡ଼ିଜେଏମ ଏହି ଦୁଇ ଗୋଟି ପିଟିଶନର କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି।

ସୂଚନାଯୋଗ୍ୟ, ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ହୋଇଥିବା ଠକେଇ ଘଟଣାରେ ପୂର୍ବରୁ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ପରେ ଗୋଳନ୍ଥରା ଥାନାରେ ତାଙ୍କ ନାଁରେ ଟାଟା ମୋଟର୍ସରେ ନିଯୁକ୍ତି ଦେବା କହି ଟଙ୍କା ଠକେଇ ନେଇ ୩ ଅଭିଯୋଗ ହୋଇଥିଲା। ପୋଲିସ ପୃଥକ ୩ ମାମଲା ରୁଜୁ କରି କୋର୍ଟକୁ ରିମାଣ୍ଡ ରିପୋର୍ଟ ଦେଇଥିଲା। କୋର୍ଟ ଏହି ୩ ମାମଲାରେ ପ୍ରଦୀପଙ୍କୁ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ସହଯୋଗ କରିବେନି ଏନ୍‌ଏଚ୍‌ଏମ୍ ଠିକା କର୍ମଚାରୀ

ଫୁଲବାଣୀ ଅଫିସ, ୫ା୨





ଏନ୍‌ଏଚ୍‌ଏମ୍ କର୍ମଚାରୀ ଧାରଣାରେ ବସିଛନ୍ତି।

ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ୩ହଜାର ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ଠିକା କର୍ମଚାରୀଙ୍କ ଦାବି ସମୂହକୁ ନେଇ ଶୁକ୍ରବାର ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କନ୍ଧମାଳ ଶାଖା ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଦାବି ପୂରଣ ହେଉ ନ ଥିବାରୁ ଆଗାମୀ ଦିନରେ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମରେ ସହଯୋଗ କରିବେନି ବୋଲି ସରକାର ଏବଂ ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ରାଜ୍ୟ, ଜିଲା ଏବଂ ବ୍ଲକସ୍ତରୀୟ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ୟୁନିଟରେ କାର୍ଯ୍ୟରତ ୩ ହଜାର ଠିକା ମ୍ୟାନେଜରିଆଲ କର୍ମଚାରୀ ଗତ ୨୬ରେ ମିଶନ ନିର୍ଦ୍ଦେଶକ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କୁ ଦାବି ସମ୍ପର୍କରେ ଅବଗତ କରିଥିଲେ। ହେଲେ

**କୋଭିଡ୍ ଟିକାକରଣ**

ଏ ଯାଏ ସେ ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ। ନନ୍ ମେଡିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜମେଣ୍ଟ କ୍ୟାଡର ସୃଷ୍ଟି କରି ସେହି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ଦରମାରେ ଥିବା ଅସଂଗତି ଦୂରକରି ସପ୍ତମ ବେତନ ଆଧାରରେ ଦରମା ଓ ଭତ୍ତା ପ୍ରଦାନ, ସମସ୍ତଙ୍କ ପାଇଁ ସାମାଜିକ ସୁରକ୍ଷା ସ୍ୱରୂପ କର୍ମଚାରୀ ଭବିଷ୍ୟନିଧି ବ୍ୟବସ୍ଥା ଲାଗୁ କରିବା, ସମସ୍ତ କର୍ମଚାରୀ ଓ ତାଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା ଏବଂ ଗୋଷ୍ଠି ବୀମା ବ୍ୟବସ୍ଥା କରିବା, କୋଭିଡ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାରୁ ଅଧିକ ଏକ ମାସର ଦରମା ପ୍ରୋତ୍ସାହନ ଆକାରରେ ପ୍ରଦାନ କରିବା ଆଦି ସଂଘ ଦାବି କରି ଆସୁଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନାହିଁ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

## ନବବଧୂଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବୁଗୁଡ଼ା,୫ା୨(ଡି.ଏନ.ଏ.)

ବୁଗୁଡ଼ା ଥାନା କୁଶପଲ୍ଲୀ ଗ୍ରାମରେ ନବ ବଧୂଙ୍କୁ ବିଷ ଦେଇ ହତ୍ୟା କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ମହିଳାଙ୍କ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜିତେନ୍ଦ୍ର ବିଷୋୟୀ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୪୫/୨୧ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗତ ଡିସେମ୍ବର ୯ ତାରିଖରେ କୁଶପଲ୍ଲୀ ଗ୍ରାମର ଗୌରାଙ୍ଗ ବିଷୋୟୀଙ୍କ ପୁଅ ଜିତେନ୍ଦ୍ରଙ୍କ ସହ ଗାଙ୍ଗପୁର ଥାନା ବଡବୋରସିଂ ଗ୍ରାମର ପ୍ରମିଳା ପୋଲେଇଙ୍କ ଝିଅ ପ୍ରିୟଙ୍କାଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବିଭିନ୍ନ ପ୍ରକାର ଯୌତୁକ ଦିଆଯାଇଥିଲା। ଅଧିକ ଯୌତୁକ ଦାବି କରି ବୋହୂକୁ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିଲା। କୌଣସି କାରଣରୁ ଗତ ୧ ତାରିଖ ରାତିରେ ବିଷ ପ୍ରକ୍ରିୟା ଯୋଗୁ ପ୍ରିୟଙ୍କା ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ମା' ପ୍ରମିଳା ପୋଲେଇ ଝିଅକୁ ଶାଶୁଘର ଲୋକେ ବିଷ ଦେଇ ମାରି ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ।

## ଆଇଟିଆଇ ପରିଦର୍ଶନ କଲେ ଝାଡ଼ଖଣ୍ଡ ଟିମ୍



ଟିମ୍ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ବ୍ରହ୍ମପୁର ଅଫିସ,୫ା୨

ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚିର ୩ ଜଣିଆ ଟିମ ଶୁକ୍ରବାର ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ କରିଛନ୍ତି। ସେମାନେ ଆଇଟିଆଇର ବିଭିନ୍ନ ଟ୍ରେଡ, ସ୍କ୍ରାପ୍ ମ୍ୟୁଜିୟମ୍, ସ୍କ୍ରାପ୍ ପାର୍କ, କୋଭିଡ୍ ଇନୋଭେସନ୍ ସେଣ୍ଟର ଆଦି ବୁଲି ଦେଖିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏଭଳି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଟାଟା ଷ୍ଟିଲ ଏନଟିଟିଏଫ ଜାମସେଦପୁରର ବ୍ରିଜକିଶୋର ସିଂ, ତୋମାର ଇନ୍‌ଷ୍ଟିଚ୍ୟୁଟ୍‌ର ଅଧକ୍ଷ ବିଶାଲ୍ ଆନନ୍ଦ, ଜାମସେଦପୁରର ଆଇଏସ୍‌ଏସ୍‌ଡିଏସ୍ ଅଧକ୍ଷ କେ.ଡ଼ି.ପଣ୍ଡିତ, ବ୍ରହ୍ମପୁର ଆଇଟିଆଇର ଅଧକ୍ଷ ଡ଼. ରଜିତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ତହସିଲଦାରଙ୍କୁ ଘେରିଲେ କାର୍ତ୍ତୀକଢ଼ୀବାସୀ

ଗଞ୍ଜାମ,୫ା୨(ଡି.ଏନ.ଏ.)



ତହସିଲଦାରଙ୍କୁ ଘେରାଉ କରିଛନ୍ତି ମହିଳା ଓ ପୁରୁଷ।

କୋଠ ଟଙ୍କାକୁ ନେଇ ରମ୍ଭା ଥାନା କାର୍ତ୍ତୀକଢ଼ୀ ଗ୍ରାମରେ ଗତ କିଛି ମାସ ହେବ ଅଶାନ୍ତି ଲାଗି ରହିଛି। ଗତ ୩୦ ତାରିଖରେ ସେହି ଗ୍ରାମର କେତେକ ବ୍ୟକ୍ତି ଗ୍ରାମର ଭଦ୍ରବ୍ୟକ୍ତି ଓ ସରପଞ୍ଚ ନିରଞ୍ଜନ ରେଡ୍ଡୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗ୍ରାମବାସୀ ଉକ୍ତ ବ୍ୟକ୍ତିଙ୍କ ଘର ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଶୁକ୍ରବାର ଗଞ୍ଜାମ ତହସିଲଦାର ଅରୁଣ ନାୟକ ଗାଁରେ ପହଞ୍ଚି ସରପଞ୍ଚଙ୍କୁ ତାଲା ଖୋଲିବା ପାଇଁ କହିଥିଲେ। ଗ୍ରାମବାସୀ ତାଲା ପକାଇଛନ୍ତି ମୁଁ କାହିଁକି ଖୋଲିବି ବୋଲି ସରପଞ୍ଚ କହିବା ପରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତହସିଲଦାରଙ୍କୁ ଘେରି ଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଗୁଣ୍ଡାମାନଙ୍କୁ ଆଣି ଗାଁର ଝିଅ, ବୋହୂମାନଙ୍କୁ ବଳାତ୍କାର କରିବାକୁ ଧମକ ଦେଉଥିବା ବେଳେ ଆମେ କାହିଁକି ତାଲା ଖୋଲିବୁ ବୋଲି ଗ୍ରାମବାସୀ ଜିଦ କରିଥିଲେ। ଫଳରେ କୌଣସି ଉପାୟ ନ ପାଇ ତହସିଲଦାର ଫେରିଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ଏନେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସରପଞ୍ଚ କହିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ଫୋନ ଯୋଗେ ପଚାରିବାରୁ କିଛି କହିବାକୁ ମନା କରିଥିଲେ।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ବିଦ୍ୟାର୍ଥୀଙ୍କ ସଫଳତା



ଉପସ୍ଥିତ ଛାତ୍ରୀଛାତ୍ର, ଆଚାର୍ଯ୍ୟା ଓ ଆଚାର୍ଯ୍ୟ।

ବ୍ରହ୍ମପୁର ଅଫିସ,୫ା୨

ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରତ୍ୟୁଷା ପାଢ଼ୀ, ଦକ୍ଷିତା ମହାପାତ୍ର, ବୈଶାଖୀ ଦେବୀ ଓ ୫ମ ଶ୍ରେଣୀରେ ହରିପ୍ରିୟା ସାହୁ, ଅର୍ପିତା ଆଚାର୍ଯ୍ୟ, ପ୍ରୀତିରାଣୀ ଭୂୟାଁ ଓ ସୌମ୍ୟରଞ୍ଜନ ପାଣିଗ୍ରାହୀ କୃତିତ୍ୱ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ୩ ଦଶନ୍ଧି ଧରି ଏହି ଅନୁଷ୍ଠାନ ଭଲ ପ୍ରଦର୍ଶନ କରିଆସୁଛି। ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ତ୍ୟାଗ, ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକଙ୍କ ସହଯୋଗ ଏବଂ ଭଗବାନ ନୀଳକଣ୍ଠେଶ୍ୱରଙ୍କ କୃପାରୁ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରୁଛନ୍ତି ବୋଲି ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି କହିଛନ୍ତି । ଛାତ୍ରୀଛାତ୍ରଙ୍କୁ ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବିନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତି ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ, ବି. ଗଜପତି ରାଓ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକଙ୍କ ତରଫରୁ ଶୁଭେଚ୍ଛା ଜଣାଯାଇଛି।

## ସାମନ୍ତରାପୁରରେ ହେଲା ଧାନକିଣା

ଛତ୍ରପୁର,୫।୨(ଡି.ଏନ.ଏ)



ଧାନ କିଣା ଶୁଭାରମ୍ଭ କରାଯାଉଛି।

ଗଞ୍ଜାମ ଜିଲାରେ ଗତ ଡିସେମ୍ବର ୧୬ରୁ ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ସାମନ୍ତରାପୁରରେ ପଞ୍ଜୀକରଣରେ ତ୍ରୁଟି ଯୋଗୁ ଚାଷୀ ଧାନ ବିକ୍ରି କରିପାରୁ ନ ଥିଲେ। ଦୀର୍ଘ ୫୦ ଦିନ ପରେ ଶୁକ୍ରବାର ଏଠାରେ ଧାନକିଣା ଆରମ୍ଭ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସରପଞ୍ଚ ଧବଳେଶ୍ୱର ପ୍ରଧାନ, ସମିତିସଭ୍ୟ ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସାମନ୍ତରାପୁରସ୍ଥିତ ରାଧାକୃଷ୍ଣ ସୋସାଇଟି ସେକ୍ରେଟାରୀଙ୍କୁ ମୃତ୍ୟୁ ହୋଇଥିଲା। ଏହାପରେ ଅନଲାଇନ୍‌ରେ ହୋଇଥିବା ଚାଷୀ ପଞ୍ଜୀକରଣରେ ତ୍ରୁଟି ହୋଇଥିଲା। ସେତେବେଳେ ଥିବା ସୋସାଇଟିର ଡାଟା ଏଣ୍ଟ୍ରି ଅପରେଟରଙ୍କ ଅବହେଳା ଲାଗି ତାଲିକାରେ ତ୍ରୁଟି ହୋଇଥିବା କୁହାଯାଇଥିଲା। ଫଳରେ ଚାଷୀଙ୍କ ଠାରୁ ଧାନକିଣା ଯାଇପାରୁ ନ ଥିଲା। ଏ ସମ୍ପର୍କରେ ବାରମ୍ବାର ଜିଲାପାଳଙ୍କଠାରୁ ଆରମ୍ଭ କରି ଛତ୍ରପୁର ଏଆରସିଏସଙ୍କୁ ଜଣାଇଥିଲେ ମଧ୍ୟ ତତ୍କାଳ ପଦକ୍ଷେପ ନିଆଯାଇ ନ ଥିଲା। ପରେ ଛତ୍ରପୁର ଏଆରସିଏସଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଡାଟା ଏଣ୍ଟ୍ରି ଅପରେଟରଙ୍କୁ

**ଚାଷୀ ତାଲିକାରେ ତ୍ରୁଟି ଯୋଗୁ ଆରମ୍ଭ ହୋଇ ନଥିଲା**

କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏବେ ସୋସାଇଟି ଅଧୀନରେ ଥିବା ଭିକାରୀପଲ୍ଲୀ ପଞ୍ଚାୟତର ସାମନ୍ତରାପୁର, ଭିକାରୀପଲ୍ଲୀ, କେଉଟପଲ୍ଲୀ, ଗୋଲାପଲ୍ଲୀ, ବ୍ରାହ୍ମଣିଆପଲ୍ଲୀ, ଦନେଇ ବ୍ରହ୍ମପୁର ଏବଂ ସୁନ୍ଦରପୁର ପଞ୍ଚାୟତର ଶିଖରପଲ୍ଲୀ ଗାଁର ଚାଷୀମାନଙ୍କଠାରୁ ଧାନ କିଣିବାକୁ ରାଧାକୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୩୭ ଜଣ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ୍ ଆସିଛି ଏବଂ ତାଙ୍କ ଠାରୁ ୨ ହଜାର ୫୮୫ କୁଇଣ୍ଟାଲ ଧାନ କିଣିବା ଟାର୍ଗେଟ ଅଛି। ଶୁକ୍ରବାର ପ୍ରଥମ ଦିନ ୫୦ କୁଇଣ୍ଟାଲ ଧାନ କିଣାଯାଇଛି। ରାଧାକୃଷ୍ଣ ସ୍ୱୟଂ ସହାୟିକ ଗୋଷ୍ଠୀର ସଭାନେତ୍ରୀ ଶୈଳବାଳା ରଥ, ସମ୍ପାଦିକା ଲକ୍ଷ୍ମୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।

**ତୈଳ ଦର ବୃଦ୍ଧି, କୃଷି ଆଇନ ବିରୋଧରେ ବିକ୍ଷୋଭ**

**କଟକ ଅଫିସ:** ତୈଳ ଦର ବୃଦ୍ଧି ଓ କୃଷି ଆଇନକୁ ବିରୋଧ କରି କଟକ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ କଲେଜ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ବାହାରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଦୀପକ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଶିବ ଅଗ୍ରୱାଲ, ସଦାଶିବ ବାରିକ, ଶୋହନ ରାଜ ରାଉତ, ଆଶୁତୋଷ ରାଉତ, ପ୍ରଦୀପ ସୁନ୍ଦର ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୋବାଇଲ ରିଚାର୍ଜ ନାଁରେ ଠକେଇ

**କଟକ ସଦର,୫।୨(ଡି.ଏନ.ଏ.):** କଟକ ସଦର ଥାନା ଅଧୀନ ୪୨ମୌଜା ଦ୍ୱିବାଟ ଅଞ୍ଚଳରେ ଏକ ସଂସ୍ଥା ୯୯୯ ଟଙ୍କାରେ ବର୍ଷକ ପାଇଁ ଅସୀମିତ କଲ୍ ଓ ଇଣ୍ଟରନେଟ୍ ସେବା ଦେବାର ପ୍ରତିଶ୍ରୁତି ଦେଇ ବ୍ୟବସାୟ ଚଳାଇଥିଲା। ପରବର୍ତ୍ତୀ ସମୟରେ ମୋବାଇଲ ଉପଭୋକ୍ତାମାନେ ଏହି ସୁବିଧା ପାଇ ନ ଥିଲେ। ରିଚାର୍ଜର କିଛିମାସ ପରେ ମୋବାଇଲ ସଂଯୋଗ ଆପେ ଆପେ କଟି ଯାଉଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ୪୨ ମୌଜା ଅଞ୍ଚଳର କେତେଜଣ ବ୍ୟକ୍ତି କଟକ ଡିସିପି ପ୍ରତୀକ୍ ସିଂଙ୍କୁ ଭେଟିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ପୋଲିସ ଅଭିଯୋଗପତ୍ରକୁ ଏତଲା ଭାବେ ଗ୍ରହଣ କରିବା ସହ ଏକ ମାମଲା(ନଂ.୮୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏଜେଣ୍ଟଙ୍କ ମାଧ୍ୟମରେ ବହୁ ଟଙ୍କା ସଂଗ୍ରହ କରି ଅଫିସ ବନ୍ଦ ପରେ ଫେରାର ହୋଇଯାଇଥିବା ଜଣାପଡିଛି।

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ଚୌଦ୍ୱାର,୫।୨(ଡି.ଏନ.ଏ.):** ଟିପିଏମ୍ ଫାଣ୍ଡି ନୁଆପାଟଣା ମଧୁସେତୁ ଉପରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ଥାନା ପରମହଂସ ଗ୍ରାମର ସିନା ଦାସ(୩୫)। ସେ କୌଣସି କାମରେ ବାଇକ୍ ଯୋଗେ ଢେଙ୍କାନାଳରୁ କଟକ ଅଭିମୁଖେ ଯାଉଥିବାବେଳେ ପଛରୁ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପିପିଲି,୫।୨(ଡି.ଏନ୍.ଏ./ସ୍ୱ.ପ୍ର.):** ବ୍ରାଉନସୁଗାର କାରବାର ଅଭିଯୋଗରେ ପିପିଲି ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲଣ କରିଛି। ସେ ହେଲେ ଭବାନୀପୁରର କାଳନ୍ଦୀ ବଇଠାରୁ। ତାଙ୍କ ନିକଟରୁ ୬ଗ୍ରାମ ବ୍ରାଉନସୁଗାର ସହ ଏକ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ପିପିଲି ଥାନା ନିକଟ ଭବାନୀପୁର ଦେବିଗଳିରେ ଅଭିଯୁକ୍ତ ଓ ତାଙ୍କ ଭାଇ ବ୍ରାଉନସୁଗାର ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି, ଏସ୍ଆଇ ସନ୍ଦୀପ ଦାସ, ଏଏସ୍ଆଇ ପ୍ରକାଶ ମଲ୍ଲିକ ଏବଂ ଶାନ୍ତନୁ ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଗୁରୁବାର ରାତିରେ ଅଭୁଯୁକ୍ତଦ୍ୱୟ ଘରେ ଥିବା ବେଳେ ଚଢ଼ାଉ କରାଯାଇଥିଲା। କାଳନ୍ଦୀଙ୍କୁ ପୋଲିସ ଧରିଥିବା ବେଳେ ତାଙ୍କ ଭାଇ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୫୫/୨୧) ରୁଜୁ ହୋଇଛି।

### ସରକାରଙ୍କ ସହ ୬୬୨ କଲେଜ ସଂଘର ଆଲୋଚନା

**ଭୁବନେଶ୍ୱର, ୫।୨(ବ୍ୟୁରୋ):** ବିଭିନ୍ନ ଅସଙ୍ଗତି ଦୂର କରିବା ପାଇଁ ଶୁକ୍ରବାର କୃଷି ଭବନଠାରେ ସରକାରଙ୍କ ସହ ଆଲୋଚନା କରିଛନ୍ତି ୬୬୨ କଲେଜ ସଂଘ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଶାସ୍ୱତ ମିଶ୍ର, ଅତିରିକ୍ତ ସଚିବ ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିବାବେଳେ ସଂଘ ପକ୍ଷରୁ ସଭାପତି ଗୋଲକ ନାୟକ, ସହସମ୍ପାଦକ ସତାପ ଉଦ୍ଦିନ ଅହମ୍ମଦ, ଗଗନ ବେଉରା ପ୍ରମୁଖ ଆଲୋଚନା କରିଥିଲେ। ସଂଘର ପ୍ରମୁଖ ଦାବି ଯଥା - ବାଦ୍ ପଡ଼ିଥିବା ରାତ୍ରୀ ଜଗୁଆଳ, ଲେଡି ଆଟେଣ୍ଡାଣ୍ଟ, ଲାଇବ୍ରେରୀ ଆଟେଣ୍ଡାଣ୍ଟ, ଦ୍ୱିତୀୟ କିରାଣି, ତୃତୀୟ ପିଅନ ନିଯୁକ୍ତି ଆଦି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଦାବିର ଯଥାର୍ଥତାକୁ ଉପଲବ୍ଧ କରି ମନ୍ତ୍ରୀ ଅତିଶୀଘ୍ର ଏଗୁଡ଼ିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଗୋଲକ ନାୟକ କହିଛନ୍ତି। ସେହିପରି ସପ୍ତମ ବେତନ କମିଶନ ଲାଗୁ, ଚାକିରୀ ସର୍ତ୍ତାବଳୀ କାର୍ଯ୍ୟକାରୀ କରିବା ଉପରେ ସଂଘ ମତ ରଖିଥିଲା। ଏହା ଉପରେ ବିଚାରବିମର୍ଶ ପରେ କାର୍ଯ୍ୟକାରୀ କରିବା ପାଇଁ ମଧ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

# ତାଳଗଛ କାଟି ନେଉଛନ୍ତି ତାମିଲ ବେପାରୀ

- ହିନ୍ଦୋଳରେ ଶିବିର ପକାଇ ଚାଲାଣ କରାଯାଉଛି
- ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର, ୫।୨(ବ୍ୟୁରୋ)**



ଓଡ଼ିଶାରୁ ବେଆଇନ ଭାବେ ତାଳଗଛ କଟାଯାଇ ତାମିଲନାଡୁକୁ ଚାଲାଣ ହେଉଛି। ତାମିଲନାଡୁରେ ଘର ତିଆରିରେ ତାଳ ଗଛ ଅଧିକ ବ୍ୟବହାର ହେଉଛି। ତେଣୁ ସେଠାକାର ବେପାରୀମାନେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ଜମିରେ ଥିବା ତାଳ ଗଛ କାଟି ନେଉଛନ୍ତି। ଏଭଳି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍ଓ) ଅଧ୍ୟକ୍ଷ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି। ତୁରନ୍ତ ଏହା ବନ୍ଦ କରିବା ପାଇଁ ସେ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି।

ବିଶ୍ୱଜିତ୍ ତାଙ୍କ ଚିଠିଲେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ବଜ୍ରପାତ ମୃତ୍ୟୁସଂଖ୍ୟା ଅଧିକ। ବଜ୍ରପାତ ରୋକିବାରେ ତାଳଗଛ ସହାୟତା କରେ। ସମ୍ପ୍ରତି ତାମିଲନାଡୁରେ ଗୃହ ନିର୍ମାଣ ପାଇଁ ତାଳକାଠ ଉପରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ତାମିଲନାଡୁର ଅନେକ ବେପାରୀ ଆସି ଓଡ଼ିଶାର ବ୍ୟାପକ ଅଞ୍ଚଳରୁ ତାଳଗଛ କାଟି ନେଉଛନ୍ତି। ତାଳଗଛ କାଟିବା ପରେ ସେମାନେ ଏହାକୁ କରତରେ ଚିରି ଟ୍ରକରେ ତାମିଲନାଡୁ ପଠାଇ ଦେଉଛନ୍ତି। ଏବେ ଏପରି ବେପାରୀମାନେ ଢେଙ୍କାନାଳ ହିନ୍ଦୋଳ ଅଞ୍ଚଳରେ ଶିବିର ପକାଇଥିବା ସେ ଜଣାଇଛନ୍ତି। ସେ ଆହୁରି ମଧ ଲେଖିଛନ୍ତି ଯେ, ଓଡ଼ିଶାର ଲୋକମାନେ ଗୃହନିର୍ମାଣ ପାଇଁ ସାଧାରଣତଃ ତାଳକାଠ ବ୍ୟବହାର କରନ୍ତି ନାହିଁ। ଫଳରେ ରାଜ୍ୟରେ ଏବେ ବି ବହୁ ତାଳଗଛ ରହିଛି। ତାଳକୁ ହାତୀମାନେ ନିଜର ଖାଦ୍ୟ ଭାବେ ବ୍ୟବହାର କରନ୍ତି। ସାଧାରଣତଃ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହାତୀମାନେ ପାଚିଲା ତାଳକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ହିନ୍ଦୋଳ ଅଞ୍ଚଳରେ ଖାଦ୍ୟାଭାବ ଯୋଗୁ ହାତୀ ଓ ମଣିଷ ଲଢ଼େଇ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏବେ ତାଳଗଛ ସବୁ ସଫା ହୋଇଗଲେ ହାତୀଙ୍କ ପାଇଁ ଖାଦ୍ୟାଭାବ ସମସ୍ୟା ଅଧିକ ଗୁରୁତର ହେବ। ସେହିଭଳି ବଜ୍ରପାତ ଜନିତ ମୃତ୍ୟୁ ବୃଦ୍ଧିର ଆଶଙ୍କା ରହିଥିବାରୁ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ବିଶ୍ୱଜିତ୍ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।



କୋଭିଡ୍ କଟକଣା କୋହଳ ହେବା ପରେ ପୁରୀ ବେଳାଭୂମି ପୁଣି ଚଳଚଞ୍ଚଳ ହୋଇଉଠିଛି।

# ମୁଖ୍ୟ ଅଭିଯୁକ୍ତ ସୁରେଶଙ୍କୁ ଧରିଲା ପୋଲିସ

**ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା**

- ନୟାଗଡ଼ସ୍ଥିତ ନିଜ ଘରେ ଲୁଚିଥିଲେ
- ଉଠାଇ ଆଣି ଜେରା କରୁଛି ପୋଲିସ ଟିମ୍

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତାଲିମ କେନ୍ଦ୍ରରେ ଯୌନଶୋଷଣ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ତାଲିମକେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା ଧରାପଡ଼ିଛନ୍ତି। ଦୀର୍ଘଦିନ ଧରି ଫେରାର ଥିବା ସୁରେଶଙ୍କୁ ଶେଷରେ ପୋଲିସ କାବୁ କରିବାରେ ସଫଳ ହୋଇଛି। ସୁରେଶ ନୟାଗଡସ୍ଥିତ ନିଜ ଘରେ ଆତ୍ମଗୋପନ କରିଥିବାବେଳେ ପୋଲିସ ଟିମ୍ ତାଙ୍କୁ ସେଠାରୁ ଉଠାଇ ଆଣିଥିବା ସୂଚନା ମିଳିଛି। କିଛିଦିନ ତଳେ ପୋଲିସ ସୁରେଶଙ୍କ ସହଯୋଗୀ ତଥା ଉକ୍ତ ତାଲିମକେନ୍ଦ୍ରରେ ଟେଲରିଂ ପ୍ରଶିକ୍ଷିକା ମଧୁମଞ୍ଜରୀ ଧଳ(୩୭)ଙ୍କୁ ଗିରଫ କରିଥିଲା। ମଧୁ ମଞ୍ଜରୀ ସୁରେଶଙ୍କ ସମସ୍ତ ଅଫିସିଆଲ୍ ଓ ନନ୍‌ଅଫିସିଆଲ୍ କଥା ବୁଝୁଥିଲେ। ମଧୁମଞ୍ଜରୀ ସୁରେଶଙ୍କ ସହ ରାତି କଟାଇବା ପାଇଁ ତାଲିମ କେନ୍ଦ୍ରରୁ ଝିଅ ଯୋଗାଡ କରୁଥିଲେ। ଏପରିକି ତାଲିମ କେନ୍ଦ୍ରକୁ ଆସୁଥିବା ଅତିଥି ଓ ସୁରେଶଙ୍କ ସହ ରାତି କାଟିବାକୁ ଯୁବତୀଙ୍କୁ ଟଙ୍କା ଲୋଭ ଦେଖାଉଥିଲେ। ରାତିକ ପାଇଁ ୫ ହଜାର ଟଙ୍କା ଯାଚୁଥିଲେ। ରାଜି ନ ହେଲେ ତାଲିମକେନ୍ଦ୍ରରୁ ବାହାର କରିଦିଆଯିବା ସହ ମାନସିକ ଅତ୍ୟାଚାର ଦିଆଯାଉଥିଲା। ଏନେଇ ତାଲିମ କେନ୍ଦ୍ରର ଜଣେ ଯୁବତୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଉକ୍ତ ତାଲିମ କେନ୍ଦ୍ରଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥରେ ଚାଲୁଥିବାବେଳେ ଭିନ୍ନକ୍ଷମଙ୍କ ପାଇଁ କମ୍ପ୍ୟୁଟର, ସିଲେଇ ଏବଂ ବିୟୁଟି ପାର୍ଲର ତାଲିମ ପ୍ରଦାନର ବ୍ୟବସ୍ଥା ରହିଛି। ତେବେ ସଂସ୍ଥାର ମୁଖ୍ୟ ସୁରେଶ ସରକାରୀ ଅର୍ଥ ହଡ଼ପ କରିବା ସହ କାର୍ଯ୍ୟ ତଦାରଖ କରିବାକୁ ଆସୁଥିବା ବାବୁଙ୍କୁ ଖୁସି କରିବାକୁ ବାହାରୁ କଲଗର୍ଲ ଯୋଗାଇ ଦେଉଥିବା ନେଇ ସଂସ୍ଥାରେ ଥିବା କିଛି ଭିନ୍ନକ୍ଷମ



ଯୁବତୀ ମୁହଁ ଖୋଲିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,ଏଠାରେ ବାହାରୁ ଯୁବତୀଙ୍କୁ ଅଣାଯାଇ ଅଫିସରମାନଙ୍କୁ ଖୁସି କରାଯାଏ। ବାହାରୁ ନ ମିଳିଲେ, ଟ୍ରେନିଂ ନେଉଥିବା ଭିନ୍ନକ୍ଷମ ଯୁବତୀ ଓ ଅଫିସ୍‌ର ମହିଳା କର୍ମଚାରୀଙ୍କୁ ରାତି କାଟିବାକୁ ବାଧ କରାଯାଏ। ଭିନ୍ନକ୍ଷମ ଯୁବତୀଙ୍କୁ ନିଯୁକ୍ତି ଦେବା ନାଁରେ ଏଠାରେ ମଧ ଯୌନ ଶୋଷଣ କରାଯାଇଥାଏ। ଗତ ନଭେମ୍ବର ୨୩ରେ ଉକ୍ତ ସଂସ୍ଥାର ଜଣେ କର୍ମଚାରୀ ସୁରେଶଙ୍କ ନାମରେ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଂସ୍ଥାରେ ବିୟୁଟି ପାର୍ଲର ଇନଷ୍ଟ୍ରକ୍ଟର ପଦ ଖାଲି ଅଛି କହି ସୁରେଶ ତାଙ୍କୁ ଚାକିରିରେ ରଖିଥିଲେ। ଦରମା ନ ଦେଇ ସୁରେଶ ତାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲେ ମଧ ଦୀର୍ଘଦିନ ବିତିଯିବା ପରେ ମଧ ଚୁପ୍ ବସିଥିଲା। କିଛିଦିନ ତଳେ ଏକ ଭିଡିଓ ଭାଇରାଲ ହେବା ପରେ ଭିନ୍ନକ୍ଷମ କମିଶନ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କମିଶନରେଟ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତକୁ ଜୋର୍‌ଦାର କରିଥିଲା।

# ସୁନନ୍ଦନାଙ୍କୁ ଲିଟିଲ କୁଇନ ଅଫ୍ ଇଣ୍ଡିଆ ଟାଇଟଲ୍




ସୁନନ୍ଦନା ରାଉତରାୟଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ପୁଣି ଜାତୀୟସ୍ତରୀୟ ବିୟୁଟି ପିଜାଣ୍ଟରେ ଚମକିଛନ୍ତି କୁନି ଓଡ଼ିଆ ଝିଅ। ଭୁବନେଶ୍ୱର ବାପୁଜୀ ନଗରରେ ରହୁଥିବା ୮ବର୍ଷୀୟା ସୁନନ୍ଦନା ରାଉତରାୟ ଲିଟିଲ କିଙ୍ଗ୍ ଆଣ୍ଡ କୁଇନ୍ ଅଫ୍ ଇଣ୍ଡିଆ ବିୟୁଟି ପିଜାଣ୍ଟ ୨୦୨୦-୨୧ରେ ଭାଗ ନେଇ ଟାଇଟଲ୍ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଅହମ୍ମଦାବାଦର ଡି. ଫକସ୍ ଏଣ୍ଟରଟେନମେଣ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଅନ୍ୟପକ୍ଷରେ ସୁନନ୍ଦନା ଚଳିତବର୍ଷ ଇଣ୍ଟନ୍ୟାଶନାଲ ପିଜାଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଭୁବନେଶ୍ୱର ଆଡ଼ଭୋକେଟ୍ ସୁମନ ରାଉତରାୟ ଓ ଶ୍ରୀୟାସ୍ମିତା ରାଉତରାୟଙ୍କ ଏକମାତ୍ର କନ୍ୟା।

# ୟଙ୍ଗ୍ ଜିନିୟସ୍ ଶୋ'ରେ ନଜର ଆସିବେ ଓଡ଼ିଶା ଝିଅ ଶ୍ରୀନିକା

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ୟଙ୍ଗ୍ ଜିନିୟସ୍ ଶୋ'ରେ ନଜର ଆସିବେ ଓଡ଼ିଶା ଝିଅ ଶ୍ରୀନିକା ପୁରୋହିତ। ୬ ତାରିଖରେ ନ୍ୟୁଜ୍୧୮ ନେଟ୍‌ୱର୍କରେ ପ୍ରସାରିତ ହେଉଥିବା ବାଏଜୁସ୍ ୟଙ୍ଗ୍ ଜିନିୟସର ଚତୁର୍ଥ ଏପିସୋଡ୍‌ରେ ଶ୍ରୀନିକାଙ୍କୁ ଦେଖିବାକୁ ମିଳିବ। ଶ୍ରୀନିକାଙ୍କ ସହିତ ପ୍ରଖ୍ୟାତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଡ. ମଲ୍ଲିକା ସାରାଭାଇ ଓ ବଲିଉଡ଼ ଅଭିନେତା ରାଜ କୁମାର ରାଓ ଏକ ରୋମାଞ୍ଚଭରା ବାର୍ତ୍ତାଳାପ କରିବେ। ୭ ତାରିଖରେ ମଧ ଏହାର ରିପିଟ୍ ଟେଲିକାଷ୍ଟ ହେବ। ବାଙ୍ଗାଲୋରରେ ରହୁଥିବା ୧୦ ବର୍ଷିୟା ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀନିକାଙ୍କ ଘର ସମ୍ବଲପୁର ଜିଲାରେ। ସେ ନିଜ ନୃତ୍ୟର ଯାଦୁରେ କେବଳ ଓଡ଼ିଶା ନୁହେଁ, ସାରା ଦେଶ ପାଇଁ ଗୌରବ ଆଣିଛନ୍ତି। ମାତ୍ର ୩ ବର୍ଷ ବୟସରେ ଶ୍ରୀନିକାଙ୍କୁ ବିସ୍ମୟ ବାଳିକା ଆଖ୍ୟା ଦିଆଯାଇଥିଲା। ସେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ ସମେତ ସିଙ୍ଗାପୁର, ଜାପାନ, ୟୁନାଇଟେଡ୍ ଷ୍ଟେଟ୍ ଅଫ୍ ଆମେରିକାରେ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ଭଲପାଇବା ସାଉଣ୍ଟିଛନ୍ତି।

ୟଙ୍ଗ୍ ଜିନିୟସ୍‌ର ଆଗାମୀ ଏପିସୋଡ୍‌ରେ ଶ୍ରୀନିକାଙ୍କୁ ଭେଟିବାକୁ ଯାଉଥିବା ବଲିଉଡ଼ ଅଭିନେତା ରାଜ କୁମାର ରାଓ ତାଙ୍କ ଅନ୍-ଷ୍ଟେଜ କାହାଣୀ ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତାଙ୍କୁ ଓଡ଼ିଶା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ହୋଷ୍ଟ ଆନନ୍ଦ ନରସିଂହ୍ମା ଡ୍ୟାନ୍ସକୁ ନେଇ ଯେତେବେଳେ ତାଙ୍କର ଆଗ୍ରହ ସମ୍ପର୍କରେ ପଚାରିଥିଲେ ସେତେବେଳେ ଶ୍ରୀନିକା କହିଥିଲେ, 'ମୋର ମା' ଜଣେ ନୃତ୍ୟଶିଳ୍ପୀ। ସେ ପରଫରମାନ୍ସ କରିବା ପରେ ମୁଁ ସାଧାରଣ ଭାବେ ଷ୍ଟେଜ୍‌କୁ ଦଉଡୁଥିଲି। ଷ୍ଟେଜ୍‌ରେ ମୁଁ ମୁକ୍ତ ଅନୁଭବ କରେ, କେବେ ବି ନର୍ଭସ ଲାଗେନି। ଷ୍ଟେଜ୍‌କୁ ବହୁତ ଭଲପାଏ ଓ ନିଜ ଖେଳପଡ଼ିଆ ବୋଲି ଭାବେ। ଶ୍ରୀନିକାଙ୍କ କାହାଣୀ ଶୁଣିବା ପରେ ଅଭିନେତା ରାଜ କୁମାର ରାଓ କହିଥିଲେ, ପ୍ରଥମ ଷ୍ଟେଜ୍‌ରେ ମୁଁ ନର୍ଭସ ଥିଲି। ଆମ ବିଦ୍ୟାଳୟରେ ଏକ ଡ୍ୟାନ୍ସ ପରଫରମାନ୍ସ ଥିଲା। ସିନିୟର ଝିଅମାନେ ପରଫର୍ମ କରୁଥିଲେ। ମୋତେ କେବଳ ଷ୍ଟେଜ୍ ଉପରେ ଭଗବାନ ରାମଙ୍କ ରୂପେ ବସିବାର ଥିଲା। କିନ୍ତୁ ମୋ ଗୋଡ଼ ଭୟରେ ଥରୁଥିଲା ବୋଲି ସେ କହିଛନ୍ତି।



# ଇନ୍‌ଷ୍ଟାଗ୍ରାମ ଲାଇଭ ଶୋ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଲେ

**ସାରାଂଶଙ୍କ ଯାଦୁକରୀ କମାଲ**

**କଟକ ଅଫିସ, ୫।୨**



ପିଲାଙ୍କଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ମ୍ୟାଜିକ ଦେଖିବାକୁ ଭଲ ପାଆନ୍ତି। ଏହା ଲୋକମାନଙ୍କ ମନ ଜିଣିବା ସହ କୌତୂହଳ ସୃଷ୍ଟି କରିଥାଏ। ସେହିଭଳି କିଛି ଯାଦୁକରୀର କମାଲ୍ ଦେଖାଇ ସାରା ବିଶ୍ୱରେ ନିଜ ରାଜ୍ୟ ଓ ଜିଲାର ନାମକୁ ଗୌରବାନ୍ୱିତ କରିଛନ୍ତି ଓଡ଼ିଆ ପୁଅ ସାରାଂଶ ଦାସ(୨୦)। ତାଙ୍କ ଘର କଟକ ଜିଲାରେ। ସେ ଏଲ୍‌ଆର୍ ଡିଏଭି ସ୍କୁଲରୁ ଯୁକ୍ତ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବା ପରେ ପଞ୍ଜାବର ଜଳନ୍ଧର ସ୍ଥିତ ଏଲପିୟୁ ବିଶ୍ୱବିଦ୍ୟାଳୟ ବିଟେକ୍ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। କୋଭିଡ୍ ମହାମାରୀ ସମୟରେ ବିଶ୍ୱର ୧୦ଟି ଦେଶର ୨୦ଜଣ ସୁନାମଧନ୍ୟ ଯାଦୁକରୀଙ୍କୁ ଏକାଠି କରି ଇନ୍‌ଷ୍ଟାଗ୍ରାମରେ ଲାଇଭ ମାଧ୍ୟମରେ ଯାଦୁ ଦେଖାଇ ସେ ପ୍ରଶଂସିତ ହୋଇଛନ୍ତି। ଗୁରୁବାର ଆମେରିକାର ପ୍ରଖ୍ୟାତ ଯାଦୁକର ଷ୍ଟାଇଲର୍ଡ ସର୍ଭିନଙ୍କ ସହ ଲଭଲି ପ୍ରଫେସନାଲ ୟୁନିଭର୍ସିଟି ଇନ୍‌ଷ୍ଟାଗ୍ରାମ ଲାଇଭରେ ସେ ନିଜର ଯାଦୁକରୀ କଳାକୁ ପ୍ରଦର୍ଶନ କରିଛନ୍ତି। ତାଙ୍କର ଏଭଳି ଯାଦୁକରୀ ବିଦ୍ୟା ପାଇଁ ଦେଶରୁ ତଥା ଦେଶ ବାହାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ୧.୫୦ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ବୋଲଗଡ଼,୫।୨(ଡି.ଏନ୍.ଏ.)**

ବୋଲଗଡ଼ ଥାନା ଡାବରଧୁଆ ପାଟଣା ଗ୍ରାମର ରାଜକିଶୋର ସାହୁଙ୍କ ଠାରୁ ଶୁକ୍ରବାର ଦୁଇଜଣ ଦୁର୍ବୃତ୍ତ ୧ ଲକ୍ଷ ୫୦ ହଜାର ଟଙ୍କା ଝାମ୍ପିନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ରାଜକିଶୋର ତାଙ୍କ ଭାଣେଜିର ବାହାଘର ପାଇଁ ରାଜସୁନାଖଳା ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍‌ରେ ଆସି ଘର ଆଗରେ ଛିଡା ହୋଇଥିଲେ। ପରେ ବାଇକ ଡିକିରେ ଥିବା ଦେଢ଼ ଲକ୍ଷ ଟଙ୍କା ବ୍ୟାଗକୁ ବାହର କରି ଧରିଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହଠାତ୍ ଆସି ରାଜକିଶୋରଙ୍କ ହାତରୁ ଟଙ୍କା ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ରାଜକିଶୋରଙ୍କ ଅଭିଯୋକ୍ରମେ ପୋଲିସ ତଦନ୍ତ ଚଳାଇଛି।

# ୫ଲକ୍ଷ ଟଙ୍କାର ନକଲି ଜର୍ଦ୍ଦା ଜବତ, ୨ ଗିରଫ

**ଏସ୍‌ଟିଏଫ୍ ଓ ପୋଲିସର ମିଳିତ ଚଢ଼ାଉ**

**ବେଗୁନିଆ,୫।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଶୁକ୍ରବାର ଭୁବନେଶ୍ୱର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ) ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରିବା ସହ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ପିତୁକୁଳି ଗ୍ରାମର ମନୋଜ କୁମାର ସାହୁ ଏବଂ ବେଗୁନିଆ ନୂଆସାହିର ମାନସ ପୃଷ୍ଟି। ଏମାନଙ୍କ ନିକଟରୁ ଆନୁମାନିକ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନକଲି ଜର୍ଦ୍ଦା ଜବତ ହୋଇଥିବା ବେଗୁନିଆ ଆଇଆଇସି ରଶ୍ମିରଞ୍ଜନ ସାହୁ କହିଛନ୍ତି।

ସୂଚନା ମୁତାବକ, ବେଗୁନିଆ ଅଞ୍ଚଳରେ ନକଲି ଜର୍ଦ୍ଦା କାରବାର ନେଇ ଅଭିଯୋଗ ହେଉଥିଲା। କୌଣସି ସୂତ୍ରରୁ ଖବରପାଇ ଶୁକ୍ରବାର ଏସ୍‌ଟିଏଫ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ପିତୁକୁଳି ଗ୍ରାମର ମନୋଜ କୁମାର ସାହୁଙ୍କ ଘରେ ଚଢ଼ାଉ କରିଥିଲା। ସେହିପରି ବେଗୁନିଆ ନୂଆସାହିସ୍ଥିତ ମାନସ ପୃଷ୍ଟିଙ୍କ ଘରେ ଚଢ଼ାଉ କରି ନକଲି ପତି ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କ ଘରୁ ୬ଟି କନକ ଟିଣ ଜର୍ଦ୍ଦା, ଗୋପାଳ ଜର୍ଦ୍ଦା ପାଉଚ ୮୫୦ ପିସ୍, ୮୦ଟି ସୁରଭି ଟିଣ ଡବା, ୧୦୬ଟି ଶିବଦାତା ପତି ୫୦୦ଗ୍ରାମ ଟିଣ ଡବା, ଗୋପାଳ ୬୦ ବ୍ରାଣ୍ଡ ୩୬୫ ପିସ, ଗୋପାଳ ୬୫ ବ୍ରାଣ୍ଡ ପତି ୯୨ ପିସ୍, ୭୯ଟି ସୁରଭି ପତି ୫୦୦ ଗ୍ରାମ ଟିଣ ଡବା ଆଦି ଜବତ ହୋଇଛି।ଏନେଇ ଥାନାରେ ଦଫା ୩୭୯, ୪୧୧, ୪୧୬, ୪୨୦ କୋଟପା ଆକ୍ଟରେ ଦୁଇଟି ମାମଲା(ନଂ.୨୦/୨୧, ୨୧/୨୧) ରୁଜୁ ହୋଇଛି। ଏହି ଚଢ଼ାଉରେ ଏସ୍‌ଟିଏଫ ଇନସ୍ପେକ୍ଟର ଅଶୋକ ଗିରି, ଇନ୍ସପେକ୍ଟର ସୁନିତା ପ୍ରଧାନ, ଥାନା ଅଧିକାରୀ ରଶ୍ମି ରଞ୍ଜନଙ୍କ ଦ୍ୱାରା ଗଠିତ ୧୫ଜଣିଆ ଟିମ୍ ସାମିଲ ହୋଇଥିଲେ।




ଜବତ ହୋଇଥିବା ନକଲି ଜର୍ଦ୍ଦା।

## ସଂକ୍ଷେପରେ

### ଯାଞ୍ଚ ବେଳେ ନାବାଳକ ଗଣିଲେ ୨୫ ହଜାର ଦଣ୍ଡ

ମାଲକାନଗିରି,୫।୨ (ଡି.ଏନ୍.ଏ.)- ମାଲକାନଗିରି ଜିଲ୍ଲା ଆଂଚଳିକ ବିଭାଗ ପକ୍ଷରୁ ଆଜି ମାଲକାନଗିରି ସଦର ମହକୁମାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଯାନ ବାହାନ ଯାଂଚ କାର୍ଯ୍ୟକ୍ରମ କରାଯାଇଥିଲା । ଟ୍ରାଫିକ୍ ନିୟମ ଅବମାନନା କରୁଥିବା ଅମାନିଆଙ୍କ ଉପରେ ବିଭାଗ ପକ୍ଷରୁ ଆଜି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଯାଂଚ ସମୟରେ ଯେଉଁ ଗାଡି ଚାଳକ ମାନେ ଟ୍ରାଫିକ୍ ନିୟମକୁ ଉଲଘଂନ କରୁଥିଲେ ତଥା ଗାଡି ଚଳାଇବା ବେଳେ ହେଲ୍‌ମେଟ୍ , ଲାଇସେନ୍ସ , ଗାଡିର ବୈଦ୍ଧ ପ୍ରମାଣ ପତ୍ର ନରଖି ଗାଡି ଚଲାଉଥିଲେ ସେମାନଙ୍କ ବିରୁଦ୍ଧରେ କଡା ପଦକ୍ଷେପ ନେଇଛି ଆଂଚଳିକ ପରିବହନ ବିଭାଗ । ଏହି ଯାଂଚ ପକ୍ରିୟା ବେଳେ ମୋଟ ୪୯ ଟି ମାମଲା ସାମ୍ନାକୁ ଆସିଥିବା ବେଳେ ସେମାନଙ୍କ ନିକଟରୁ ଟ୍ରାଫିକ୍ ନିୟମ ଉଲଘଂନ ବାବଦକୁ ମୋଟ ୭୭ ହଜାର ଟଙ୍କାର ଫାଇନ୍ ଆଦାୟ କରାଯାଇଛି । ଏହି ଯାଂଚ ସମୟରେ ଜଣେ ନାବାଳକ ଗାଡି ଚଳାଇ ଆସୁଥିବା ବେଳେ ତାକୁ ବିଭାଗ ପକ୍ଷରୁ ଯାଂଚ କରି ସର୍ବାଧିକ ୨୫ ହଜାର ଟଙ୍କାର ଚାଲାଣ କଟା ଯାଇଛି । ଆଜିର ଏହି ଯାଚ ପକ୍ରିୟାରେ ମାଲକାନଗିରି ଅଂଚଳିକ ପରିବହନ ବିଭାଗର ଆସିଷ୍ଟାଣ୍ଟ ଏମ.ଭି.ଆଇ କୁମାର ଭଦ୍ର , ଟ୍ରାଫିକ୍ ସବ୍‌ଇନ୍‌ସ୍ପେକ୍ଟର ଝାସ୍‌କେତନ ସଗରିଆ ପ୍ରମୁଖଙ୍କ ସମେତ ଅନାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### କାର୍‌କୁ ଗୁଳିକରି ଦୁର୍ବୃତ୍ତଙ୍କୁ କାବୁ କଲା ପୋଲିସ

ରେଢାଖୋଲ,୫।୨(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢାଖୋଲ ବସ୍‌ଷ୍ଟାଣ୍ଡ ଭୀମଭୋଇ ଛକରେ ଶୁକ୍ରବାର ସନ୍ଧ୍ୟା ସାଢେ ୭ଟାରେ ଏକ ଇନୋଭା କାର ଚକକୁ ପୋଲିସ ଗୁଳି କରି କାରରେ ଥିବା ଦୁର୍ବୃତ୍ତମାନଙ୍କୁ କାବୁ କରିଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ହଠାତ୍ କାରକୁ ପୋଲିସ ଗୁଳି କରିବା ଘଟଣା ସହରବାସୀଙ୍କୁ ଚକିତ କରିଥିଲା। ଏ ନେଇ ପୋଲିସ କୌଣସି ସୂଚନା ଦେଇ ନ ଥିଲେ ମଧ ଏକ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଗୋଷ୍ଠୀ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଧରି ହେପାଜତକୁ ନେଇଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ବଲାଙ୍ଗୀରରୁ ଏକ ଇନୋଭା କାର (ଓଆର୦୨କେ-୯୨୫୦)ରେ କେତେଜଣ ଦୁର୍ବୃତ୍ତ ରେଢାଖୋଲ ଆସୁଥିବା ଖବର ପାଇ ବଲାଙ୍ଗୀର ପୋଲିସ ପିଛା କରିଥିଲା। ଏ ନେଇ ସୂଚନା ପାଇବା ପରେ ରେଢାଖୋଲ ପୋଲିସ ଭୀମଭୋଇ ଛକରେ ସ୍ପିଡ୍ ବ୍ରେକର ସାହାଯ୍ୟରେ ରାସ୍ତା ଜାମ କରିଥିଲା। ଫଳରେ ଦୁର୍ବୃତ୍ତମାନେ ଥିବା ଇନୋଭା କାର ଆଗକୁ ଯାଇ ନ ପାରି ଅଟକିଥିଲା। ପିଛା କରୁଥିବା ବଲାଙ୍ଗୀର ପୋଲିସ ଗାଡ଼ି ପଛ ୨ ଚକାକୁ ଗୁଳି କରିବା ସହ ସେଥିରେ ଥିବା ଦୁର୍ବୃତ୍ତମାନଙ୍କୁ କାବୁକରି ବଲାଙ୍ଗୀର ନେଇଯାଇଥିଲା। ଘଟଣା ସମ୍ପର୍କରେ ରେଢାଖୋଲ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଏ ନେଇ କୌଣସି ସୂଚନା ଦେବାକୁ ମନାକରିଥିଲେ।

### ୮ରୁ ଭାରତ, ଆମେରିକା ସୈନ୍ୟଙ୍କ ମଧ୍ୟରେ ସମରାଭ୍ୟାସ

ନୂଆଦିଲ୍ଲୀ, ୫।୨ ରାଜସ୍ଥାନର ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜରେ 'ଯୁଦ୍ଧ ଅଭ୍ୟାସ ୨୦' ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏଥିରେ ଭାରତ ଓ ଆମେରିକାର ସୈନ୍ୟମାନେ ଭାଗ ନେବେ। ଉଭୟ ଦେଶରୁ ୨୫୦ ଜଣ ଲେଖାଏଁ ସୈନ୍ୟ ସ୍ଥଳ ସମରାଭ୍ୟାସରେ ସାମିଲ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀର ରାଇଫଲ୍ସର ୧୧ଶ ବାଟାଲିୟନ, ଦ୍ୱିତୀୟ ବାଟାଲିୟନ, ୧-୨ ଷ୍ଟ୍ରାଇକର ବ୍ରିଗେଡ୍ କମ୍ବାଟ୍ ଟିମ୍‌ର ତୃତୀୟ ଇନ୍‌ଫାଣ୍ଟ୍ରି ରେଜିମେଣ୍ଟ ଏଥିରେ ସାମିଲ ହେବେ।

### ଆଫଗାନିସ୍ତାନ ସଂଘର୍ଷରେ ୨୬ ମୃତ

କାବୁଲ, ୫।୨: ଆଫଗାନିସ୍ତାନର କୁନ୍ଦୁଜ୍‌ଠାରେ ଶୁକ୍ରବାର ସୁରକ୍ଷା ବଳ ଏବଂ ତାଲିବାନ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୬ ସୁରକ୍ଷା କର୍ମୀ ଏବଂ ୧୦ ଆତଙ୍କବାଦୀ ରହିଛନ୍ତି। ଏଥିସହ ଆଉ ୪ ସୁରକ୍ଷାକର୍ମୀ ଏବଂ ୫ ଆତଙ୍କବାଦୀ ଗୁରୁତର ହୋଇଛନ୍ତି।

# ଏସ୍‌ପି ଅଫିସ୍ ଆଗରେ ମା' ପୁଅଙ୍କ ଆତ୍ମାହୁତି ଉଦ୍ୟମ

ଭଦ୍ରକ ଅଫିସ, ୫।୨

ଜମିଜମାକୁ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ମା' ପୁଅ ଶୁକ୍ରବାର ଭଦ୍ରକ ଏସ୍‌ପି ଅଫିସ୍ ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ନ୍ୟାୟ ପାଇଁ ସେମାନେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ସେମାନେ ହେଲେ ବେଲଦା ଗ୍ରାମର ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ତାଙ୍କ ପୁଅ ପଞ୍ଚାନନ ପାତ୍ର। ସେମାନେ ଅଭିଯୋଗ କରିଥିଲେ ଯେ, ଏକ ଜମିଜମା ମାମଲାରେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହା ସତ୍ତ୍ୱେ ଅପରପକ୍ଷ ଜୋର ଜବରଦସ୍ତ ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରୁଛନ୍ତି। ଏ ନେଇ ପୂର୍ବରୁ ସେମାନେ ଥାନାଠାରୁ ଆରମ୍ଭ କରି ଜିଲାପାଳ ଓ ଶେଷରେ ଏସ୍‌ପି ଅଫିସକୁ ଜଣାଇଥିଲେ। ବାରମ୍ବାର ଦୌଡ଼ିବା ପରେ ମଧ ନ୍ୟାୟ ନ ପାଇବାରୁ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ତେବେ ମା' ପୁଅଙ୍କ ଆତ୍ମାହୁତି ଉଦ୍ୟମ ବେଳେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ସେମାନଙ୍କୁ ହେପାଜତକୁ ନେଇ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପଞ୍ଚାନନଙ୍କ ଅଭିଯୋଗ କ୍ରମେ ଅପରପକ୍ଷର ୨ ଜଣଙ୍କ ନାଁରେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ. ୭୨/୨୧) ରୁଜୁ କରାଯାଇଛି। ଅନ୍ୟପକ୍ଷେ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ଅଭିଯୋଗରେ ଅପରାହ୍ନରେ ମା' ପୁଅଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ମାମଲା (ନଂ. ୫୭/୨୧) ରୁଜୁ ହୋଇଛି।


ଏସ୍‌ପି ଅଫିସ ସମ୍ମୁଖରେ ମା' ପୁଅଙ୍କ ସହ ଆଲୋଚନା କରୁଛି ପୋଲିସ।

# ମତ୍ସ୍ୟ ରପ୍ତାନି ୨୦ ହଜାର କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ

ଭୁବନେଶ୍ୱର,୫।୨(ବ୍ୟୁରୋ):

ଆସନ୍ତା ୫ବର୍ଷରେ ମତ୍ସ୍ୟ ରପ୍ତାନି ୨୦ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଥିବା କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। କୃଷି ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ମତ୍ସ୍ୟ ବିଭାଗୀୟ ସମୀକ୍ଷା ବୈଠକରେ ସେ କହିଲେ, ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଓ ମତ୍ସ୍ୟଜୀବୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେବା ଜରୁରୀ। ରାଜ୍ୟରେ ୧୫ଲକ୍ଷ ଲୋକ ମତ୍ସ୍ୟ କ୍ଷେତ୍ର ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଜଡିତ। ୫ ବର୍ଷ ମଧ୍ୟରେ ମତ୍ସ୍ୟ କ୍ଷେତ୍ରରେ ୫୭% ଅଭିବୃଦ୍ଧି ଘଟିଛି। ୨୦ ବର୍ଷ ତଳେ ରାଜ୍ୟରେ ବାର୍ଷିକ ୨.୬ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦିତ ହେଉଥିବା ବେଳେ ବର୍ତ୍ତମାନ ତାହା ୮.୧୬ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିପାରିଛି। ଜାତୀୟସ୍ତରରେ ମାଛ ଉତ୍ପାଦନରେ ଓଡ଼ିଶା ୪ର୍ଥ ସ୍ଥାନରେ ଅଛି। ବ୍ୟକ୍ତି ପିଛା ମାଛ ଆହରଣ ଗତ ୨୦ ବର୍ଷ ଭିତରେ ୭.୭୧ କେଜିରୁ ୧୬.୨୪ କେଜିକୁ ବୃଦ୍ଧି ହୋଇଛି। ବାର୍ଷିକ ୩୨୪୩ କୋଟି ଟଙ୍କାର ମାଛ ରପ୍ତାନି ସମ୍ଭବ ହୋଇପାରିଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟରେ ବ୍ୟାପକ ମାଛ ଯାଆଁଳ ଉତ୍ପାଦନ, ଅଭିପାଳନ କେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ, ବର୍ଷସାରା ଯାଆଁଳ ଯୋଗାଇବା ଆବଶ୍ୟକ। ମାଛ ଉତ୍ପାଦନ ୩ ମେଟ୍ରିକ ଟନ୍‌ରୁ ୫ ମେଟ୍ରିକ ଟନ୍‌କୁ ବୃଦ୍ଧି ଲକ୍ଷ୍ୟ ନେଇ ମତ୍ସ୍ୟ ଚାଷୀଙ୍କ ଲାଗି ସମସ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଫୋନ୍ କଲ୍‌ରେ ୨ ଆଶାକର୍ମୀଙ୍କ ୩୭,୨୦୦ ଲୁଟ୍

ଗୁଡାରି,୫।୨(ଡି.ଏନ୍.ଏ.)

ମୁଁ ଗୁଡାରି ବିଡିଓ କହୁଛି। ଆପଣଙ୍କ ବ୍ୟାଙ୍କ ଖାତାକୁ କରୋନାର ମାସ୍କ କିଣା ଏବଂ ସାନିଟାଇଜର ବାବଦକୁ ଟଙ୍କା ଯିବ। ଶୀଘ୍ର ଏଟିଏମ୍ କାର୍ଡ ନମ୍ବର, ସିଭିଭି ନମ୍ବର ଏବଂ ଏକ୍ସପାଏରି ସୀମା କୁହନ୍ତୁ। ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ସାତିମଗୁଡ଼ାର ଆଶା କର୍ମୀ ଝୁନୁ ଶବରଙ୍କୁ ୪ ତାରିଖରେ ଆସିଥିବା ଏକ ଫୋନ୍‌କଲ୍‌ରେ ଏଭଳି କୁହାଯାଇଥିଲା। ଏଥିରେ ଝୁନୁ ପ୍ରଥମେ ରାଜି ହୋଇ ନ ଥିଲେ। ହେଲେ ଫୋନ୍ କରିଥିବା ବ୍ୟକ୍ତି ପରିବାର ସଦସ୍ୟଙ୍କ ବିଷୟରେ କିଛି ଠିକ୍ ତଥ୍ୟ ରଖିବାରୁ ଆଶାକର୍ମୀ ଜଣଙ୍କ ତାଙ୍କ ବ୍ୟାଙ୍କର ସମସ୍ତ ତଥ୍ୟ ଉକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ହେଲେ ତଥ୍ୟ ଦେବାର କିଛି ସମୟ ମଧ୍ୟରେ ଝୁନୁଙ୍କ ଆକାଉଣ୍ଟରୁ ୮ଥରରେ ୩୬ହଜାର ଟଙ୍କା କଟିଯାଇଥିଲା। ସେହିପରି ୩ ତାରିଖରେ ପାଙ୍ଗଣାପଦର ଗ୍ରାମର ଆଶାକର୍ମୀ ପୂର୍ଣ୍ଣବାସୀ ପାତ୍ରଙ୍କୁ ମଧ ସମାନ ଫୋନ୍ କଲ୍ ଆସିଥିଲା। ବ୍ୟାଙ୍କ ଖାତାରେ ସର୍ବନିମ୍ନ ୧ହଜାର ଟଙ୍କା ରହିବା ଜରୁରୀ। କିନ୍ତୁ ତୁମ ଖାତାରେ ମାତ୍ର ୨ଶହ ଟଙ୍କା ଅଛି, ଶୀଘ୍ର ୧ହଜାର ଟଙ୍କା ଜମା କର ବୋଲି କହିଥିଲେ। ଏଥିସହ ତାଙ୍କ ବ୍ୟାଙ୍କ ତଥ୍ୟ ମାଗି ନେଇଥିଲେ। ପୂର୍ଣ୍ଣବାସୀଙ୍କ ଆକାଉଣ୍ଟରୁ ମଧ ୧୨ଶହ ଟଙ୍କା ଗାଏବ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ପରଦିନ ବିଡିଓଙ୍କୁ ପଚାରିଥିଲେ ମଧ ସେ କୌଣସି ଫୋନ୍ କରି ନ ଥିବା କହିଥିଲେ। ଏ ବିଷୟରେ ବିଡିଓ ନୃସିଂହ ଚରଣ ସେଠୀ କହିଛନ୍ତି, ବାହାର ରାଜ୍ୟରୁ ଅନ୍‌ଲାଇନ୍ ଶପିଂ ମାଧ୍ୟମରେ ଟଙ୍କା କାରବାର ହୋଇଛି। ଅଜଣା ବ୍ୟକ୍ତିଙ୍କୁ ଫୋନ୍‌ରେ କୌଣସି ତଥ୍ୟ ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇ ଆଶାକର୍ମୀ ଟଙ୍କା ଲୁଟ୍ ନେଇ ଗୁଡାରି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।


ଅଭିଯୋଗ କରିଥିବା ଦୁଇ ଆଶାକର୍ମୀ ।

# କ୍ଲାସ୍ ରୁମ୍‌ରେ ଅସୁସ୍ଥ ଛାତ୍ରଙ୍କ ଡାକ୍ତରଖାନାରେ ମୃତ୍ୟୁ

ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଢୋଲମରା ବାପୁଜୀ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ରାଜେଶ ସ୍ୱାଇଁ(୧୫)ଙ୍କ ଅସ୍ୱାଭାବିକ ଭାବେ ଶୁକ୍ରବାର ମୃତ୍ୟୁ ଘଟିଛି। ଅପରାହ୍ନ ୩ଟାରେ ରାଜେଶ କ୍ଲାସରୁମ୍‌ରେ ପଢୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ସାଙ୍ଗମାନେ ଶିକ୍ଷକଙ୍କୁ ଖବର ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ ପ୍ରଥମେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ସନ୍ଧ୍ୟାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ରାତି ହୋଇ ଯାଇଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଖଣ୍ଡପଡ଼ା ପୋଲିସ ସୂତ୍ରରୁ ପ୍ରକାଶ। ତାଙ୍କ ବାପା ବିପିନ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କେନାଲରେ ଗାଧୋଇବାକୁ ଯାଇ ବୁଡିଗଲେ ଆୟୁଷ

ମାଲକାନଗିର/ପଡିଆ, ୫।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ବାପନପାଲି ପଞ୍ଚାୟତ ଏମ୍‌ପିଭି-୬୭ ଗ୍ରାମରେ ଜଣେ ୫ବର୍ଷର ଶିଶୁ କେନାଲରେ ଗାଧୋଇବା ସମୟରେ ବୁଡିଯାଇ ମୃତ୍ୟୁ ଘଟିଛି। ଏମ୍‌ପିଭି-୬୭ ଗ୍ରାମର ମାଧବ ଅଧିକାରୀଙ୍କ ୫ବର୍ଷର ପୁଅ ଆୟୁଷ ଅଧିକାରୀ ଗୋଲାଗୁଡା ଗ୍ରାମରେ ଥିବା ପିଉସୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେହି ଗ୍ରାମରେ ଶୁକ୍ରବାର ଦିନ ୨ଟାରେ ସାଙ୍ଗସାଥୀଙ୍କ ସହ ମିଶି ଅଙ୍ଗନୱାଡି କେନ୍ଦ୍ର ପଛପଟେ ଥିବା ମାଇନର କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ କେନାଲରେ ବସା ଯାଇଥିବା ପାଇପ ମଧ୍ୟରେ ଫସି ରହିଯାଇଥିଲେ। ଖବର ପାଇ ପଡିଆ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂ, ସହଯୋଗୀ କୃଷ୍ଣ ଖିଲ, କାମ ହରିଜନ, ସୁଶାନ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ପାଇପ ମଧ୍ୟରେ ଫଶି ରହିଥିବା ଆୟୁଷଙ୍କୁ ଉଦ୍ଧାର କର ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ।

# ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୫।୨ (ଡି.ଏନ୍.ଏ.)

ଆଜି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପଣସପୁଟ ପଞ୍ଚାୟତ ରାବା ଓ ତାଇମାଳ ଜଙ୍ଗଲରେ ମାଓବାଦୀମାନେ ମାଟିତଳେ ପୋତି ରଖିଥିବା ଏକ ଡ୍ରମକୁ ବିଏସ୍‌ଏଫ୍ ଯବାନମାନେ ଠାବ କରିଛନ୍ତି। ରାବା ଓ ତାଇମାଳ ଜଙ୍ଗଲରେ ବିଏସ୍‌ଏଫ୍ ଯବାନ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଡ୍ରମ ଚିହ୍ନଟ କରି ମାଟିତଳୁ ବହୁ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି। ଏକ ଡ୍ରମ ଭିତରୁ ଗୋଟିଏ ଦେଶୀ ବନ୍ଧୁକ, ଆଇଡି, ଜିଲୋଟିନ୍ ଷ୍ଟିକ୍, ଡିଟୋନେଟର, ମାଓବାଦୀ ପୋଷାକ ଆଦି ସାମଗ୍ରୀ ସେମାନେ ପୋତି ରଖିଥିଲେ। ଆଗାମୀ ଦିନରେ କୌଣସି ବଡ ଧରଣର ଅଘଟଣ ଘଟାଇବା ଲାଗି ସେମାନେ ଏହି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

ବିଏସ୍‌ଏଫ୍ ଯବାନଙ୍କୁ ସଫଳତା


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ ।


## COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR - 13

### NOTIFICATION

Extracts from Notification No. EG-I-05/21/563/CHSE Dt.01.02.2021

No. N-71: Scheduled dates for filling-up of forms of Regular, Ex-Regular and Correspondence Course Students (Regular/Ex-Regular) for the Annual H.S. Examination, 2021.

| Category | Without Fine | With fine of Rs.50/- per Student | With fine of Rs.350/- per Student |
|---|---|---|---|
| Ex-Regular | 06.02.2021 to 12.02.2021 | 13.02.2021 to 19.02.2021 | 20.02.2021 to 03.03.2021 |
| Regular | 12.02.2021 to 24.02.2021 | 25.02.2021 to 28.02.2021 | 01.03.2021 to 03.03.2021 |
| Correspondence Course Students (Regular & Ex-Regular) | 12.02.2021 to 24.02.2021 | 25.02.2021 to 28.02.2021 | 01.03.2021 to 03.03.2021 |

**IMPORTANT:** The last date of Form Fill-up for all categories of Students is Dt.03.03.2021. Studetns, Parents & Guardians are advised to be careful for fill-up of forms latest by Dt.03.03.2021 positively. No extension of dates for from fill-up will be made under any circumstances. For details pelase visit CHSE website: **www.chseodisha.nic.in**.

By Order of Chairman
Sd./- Controller of Examination
OIPR-11003/11/0005/2021

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
### ବିଜ୍ଞପ୍ତି

**No. A-551:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ରଣପୁର କ୍ଷୁଦ୍ର ଜଳସେଚନ ଉପବିଭାଜନର ଗୋଦାସାହି (କେନ୍ଦୁଆ) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ନିମନ୍ତେ, ମୌଜା- ଗୋଦାସାହିର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡିକୁ ଖାତା ରୟତଙ୍କଠାରୁ ସିଧାସଳଖ କ୍ରୟ କରିବା ନିମନ୍ତେ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟଗୁଡିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲାପାଳଙ୍କ ଅଧକ୍ଷତାରେ ତା୩୦।୦୬।୨୦୨୦ ରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ଠିକଣା
(୧) ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ ନୟାଗଡ଼।
(୨) ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ଉପବିଭାଜନ, ରଣପୁର ।

ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି।

ମୌଜା-ଗୋଦାସାହି, ଥାନା- ରଣପୁର, ତହସିଲ-ରଣପୁର, ଜିଲ୍ଲା-ନୟାଗଡ଼

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତ କିମ୍ବା ମୃତ ଖାତା ରୟତଙ୍କ ଉତ୍ତରାଧିକାରୀଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୨ | ୧୦୧ | ଡଲା | ୦.୯୯୦ | ୦.୯୯୦ | ଆନନ୍ଦ ନାୟକ, ପି- ଧରମୁ ନାୟକ, ଜା-ଖଇରା (ପାଇକ), ଗ୍ରା- ନିଜଗାଁ (ଗୋଦାସାହି) |
| | | ୧୦୨ | ସାରଦ-ଅଣ-ଜଳସେଚିତ-ଏକ | ୦.୫୦୦ | ୦.୫୦୦ | |
| ୨ | ୫୪ | ୯୫ | ଡଲା | ୧.୦୦୦ | ୧.୦୦୦ | ବନମାଳି ନାୟକ, ଦୀନବନ୍ଧୁ ନାୟକ, ପି- ବରି ନାୟକ, ଜା-ଖଇରା (ପାଇକ), ଗ୍ରା- ନିଜଗାଁ (ଗୋଦାସାହି) |
| | | ୯୬ | ସାରଦ-ଅଣ-ଜଳସେଚିତ-ଏକ | ୦.୨୬୦ | ୦.୨୬୦ | |
| | | ୯୭ | ସାରଦ-ଅଣ-ଜଳସେଚିତ-ଏକ | ୦.୨୩୦ | ୦.୨୩୦ | |
| ୩ | ୪୧ | ୯୩ | ସାରଦ-ଅଣ-ଜଳସେଚିତ-ଏକ | ୦.୨୨୦ | ୦.୨୨୦ | ନରସିଂହ ନାୟକ, ପି- ଭରତ ନାୟକ, ଜା-ଖଇରା (ପାଇକ), ଗ୍ରା- ନିଜଗାଁ (ଗୋଦାସାହି) |
| ୪ | ୯୪ | ୯୦ | ସାରଦ-ଅଣ-ଜଳସେଚିତ-ଏକ | ୧.୦୦୦ | ୧.୦୦୦ | ସୋମନାଥ ନାୟକ, ପି- ବଡ଼ଦୋଳି ନାୟକ, ଜା- ଆଦିବାସୀ, ଗ୍ରା- ନିଜଗାଁ (ଗୋଦାସାହି) |
| ୫ | ୩୧ | ୧୦ | ସାରଦ-ଅଣ-ଜଳସେଚିତ-ଏକ | ୦.୨୮୦ | ୦.୨୮୦ | ଦୀନବନ୍ଧୁ ନାୟକ, ପି- ଦୁଃଖୀଶ୍ୟାମ ନାୟକ, ଜା- ଖଇରା (ପାଇକ), ଗ୍ରା- ନିଜଗାଁ (ଗୋଦାସାହି) |
| | | ୧୪ | ସାରଦ-ଅଣ-ଜଳସେଚିତ-ଏକ | ୦.୨୮୦ | ୦.୨୮୦ | |
| | | ୧୫ | ସାରଦ-ଅଣ-ଜଳସେଚିତ-ଏକ | ୦.୨୮୦ | ୦.୨୮୦ | |
| ୬ | ୫୬ | ୧୬ | ସାରଦ-ଅଣ-ଜଳସେଚିତ-ଏକ | ୦.୨୮୦ | ୦.୨୮୦ | ବଂଶୀଧର ସାହୁ, ପି- ହରି ସାହୁ, ଜା- ତେଲି, ଗ୍ରା- ନିଜଗାଁ (ଗୋଦାସାହି) |

OIPR-32260/11/0004/2021
ସ୍ୱା./- ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼

## OFFICE OF THE CHILD DEVELOPMENT PROJECT OFFICE, BMC-III, BHUBANESWAR
New Govt. Colony, Bhubaneswar-17, Tel: 0674-2748260
E-mail: cdpobhubu3.od@nic.in
Letter No. 75/ Dat 04.02.2021

### QUOTATION CALL NOTICE

**No. g-35:-** Sealed quotations are invited from the intending Co-operative firms, having valid sales Tax/GST/Registration certificates and PAN for supply of Materials/equipment's for ICDS Project BMC-III as per the list under Anganwadi Contingency for the year 2020-21. The Unit cost may be quoted against the items as per the specification including TAX/GST in the prescribed format enclosed.

**TERMS & CONDITIONS**
1. The bidder shall submit valid TIN/SRIN/PAN/Income Tax/GST and sales tax clearance certificates for the year 2020-21.
2. The articles are to be supplied strictly as per specification.
3. The price of article should be quoted inclusive of all taxes and the transporting charges for delivery in the ICDS project BMC-III, Bhubaneswar paid by the bidders.
4. The articles are to be delivered within 15 days from the date of receipt of purchase order.
5. The sealed quotations should be either dropped in the box installed in the office of the undersigned during the office hour on working days only.
6. The last day of submission of quotation is 25.02.2021 up to 11:30 A.M. & the quotation will be opened on the same day at 3.30 P.M. in the office chamber of Deputy Commissioner, BMC, Bhubaneswar-cum-chairman purchase Committee in the presence of the bidders or their authorized representatives.
7. The bidder will have to submit samples of all the items mentioned in the list at the time of opening of quotations.
8. The purchase committee reserves the right to cancel or finalise the items without assigning any reason thereof.
9. No quotation will be received after the scheduled date &time.
10. Materials are to be supplied as per the list attached.

Sd./- Child Development Project Officer
BMC-III, Bhubaneswar
OIPR-33034/11/0001/2021

## DIRECTORATE GENERAL FIRE SERVICES, HOME GUARDS & CIVIL DEFENCE, ODISHA
### SHORT TENDER CALL NOTICE
No.D-162
### NO.-5/2020-21

1. Sealed tenders are invited from the fabricators having own fabrication unit for fabrication of Towing Tender and Mobile Water Filtration Vehicle (Jaldoot) for Fire Service Organization during the year 2020-21.

| Sl. No. | Name of the item | Approximate Quantity |
|---|---|---|
| 1 | Fabrication of Towing Tender onvehicle model: Tata 407 GOLD SFC DCR33HSD 100B6M5 Power Steering, 210 mm Ground Clearance, 6.55m Turning Radius, 33.5% Grade ability & 10.07 Ft Deck Length). **(The chassis/vehicle shall be supplied by the Department)** | 12 Nos. |
| 2 | Mobile Water Filtration Vehicle (Jaldoot):- | 04 Nos. |

2. Sale of tender document w. e. f. dt.06-02-2021.
3. Last date for sale of tender document dt.19-02-2021, 5.30 P.M.
4. Last date for receipt of tender document dt.19-02-2021, 5.30 P.M.
5. Date for opening of tenders/Technical Bids dt. 20-02-2021, 11.30 AM. onward.
6. Date of Technical Committee for evaluation of offers dt. 22-02-2021, 12.30 P.M. onwards at O/o the Chief Fire Officer, Odisha, Kanika Chhak, Cuttack.
7. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing Rs.500/- (Rupees five hundred) only between 11.00 A.M. to 5.30 P.M. on each working day, from 06-02-2021 to 19-02-2021.
8. Address : **Directorate General of F.S, H.Gs & C.D, At-3rd Floor of Vigilance Directorate, Nuapatna, Cuttack, Pin-753001, FAX-0671-2300201/ 2303387**

**I.G of Police, Fire Service, Home Guards & Civil Defence, Odisha, Cuttack**
**Address – 3rd Floor, Vigilance Building, Nuapatna, Buxibazar, Cuttack-753001, Tel. – 0671-2300317, Fax : 0671-2300201, E-mail : dfoprov-ofs@gov.in, afoprov-ofs@gov.in**
OIPR-12013/11/0002/2021

See Career Appointment on every Wednesday & Saturday

GOVERNMENT OF ODISHA
No. O-1031
## OFFICE OF THE EXECUTIVE ENGINEER RURAL WORKS DIVISION, SUNABEDA
e-mail : eerw_sunabeda@yahoo.co.in
### e-Procurement Notice for Road & Building works
Identification No Online Tender /08/RWD-SBD/2020-21

Letter No. 389 Date: 03.02.2021

01. Name of the work : Road & Building works Nandapur, Semiliguda block
02. Total Number of works : 8 Nos. Buildings & 1 No. Road
03. Estimated cost : From 0.50 to 44.50 lakhs
04. Class of Contractor : "A", "B", "C" & "D" Class
05. Period of Completion : 1 (One) Calendar month
06. Other Details :

| Procurement Officer | Bid Identification No. | Availability of tender Online for Bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/08/RWD-SBD/2020-21 | 06.02.2021 at 11.00 hours | 15.02.2021 upto 17.00 hours |

Further details can be seen from the website **www.tendersorissa.gov.in**.
**Executive Engineer, Rural Works Division, Sunabeda**
**OIPR-25121/11/0007/2021**

Government of Odisha
## DEPARTMENT OF WATER RESOURCES OFFICE OF THE EXECUTIVE ENGINEER, JARAKA IRRIGATION DIVISION, JARAKA
E-Mail Id.- eeidjaraka@yahoo.com
### "e" Procurement Notice
**No. A-548** **Bid Identification No.– JKID-04/2020-21**

1. Name of the Work : Irrigation Project Works as per DTCN.
2. Total No. of Works : 25 (Twenty five) nos. work.
3. Estimated Cost : Varies of Rs. 6.11 Lakhs to Rs.38.30
4. Period of Completion : 30(Thirty) Days
5. Date & Time of Availability of Bid Document in the Portal : 10.00 A.M. of Dt. 10.02.2021 up to 05.00 P.M. of Dt. 16.02.2021.
6. Last Date & Time for Receipt of Bids in the Portal : Up to 05.00 P.M. of Dt. 16.02.2021
7. Date of Opening of Bids : Dt. 17.02.2021 at 11.00 A.M. onwards.
8. Name and Address of the Officer inviting Tender : Executive Engineer, Jaraka Irrigation Division, Jaraka.
9. Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Executive Engineer**
**Jaraka Irrigation Division**
**OIPR-32098/11/0004/2021**

## Government of Odisha, e- Procurement Notice
### INVITATION FOR BIDS (IFB)
**Bid Identification No. S.E.Dkl.(R&B) 08/2020-21**
**E-mail Id- sedklpwd@gmail.com**

No. B-715: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building, works as detailed below:

1. Name of the work : Building, work
2. No of works : 04 (Four) Nos
3. Estimated Cost : Rs.1,46,42,975/- to Rs.2,33,08,767/-
4. Cost of tender paper : Rs.10,000.00
5. Class of contractor : 'B', & 'A' Class
6. Period of Completion of work : 09(Nine) to 15(Fifteen) Calendar months
7. Date and time of availability of bid Document in the website : From Dt.08.02.2021 to 16.00 hours of Dt.22.02.2021
8. Date of opening of bid : Dt.23.02.2021 at 11.30 hours

The bidders have to participate in ONLINE bidding only, further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle, Dhenkanal**
**OIPR-34132/11/0011/2021**

# ଶତକ ମ୍ୟାଚରେ ରୁଟ୍‌ଙ୍କ ଶତକ

**ପ୍ରଥମ ଟେଷ୍ଟ**

- ତୃତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି
- ଭାରତୀୟ ବୋଲର ନିରାଶ

ଚେନ୍ନାଇ, ୫।୨

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏଥିସହ କୋଭିଡ୍‌ଜନିତ ଦୀର୍ଘ ଦିନର ବ୍ରେକ୍ ପରେ ଭାରତରେ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟ ସମ୍ଭବ ହୋଇପାରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ୩ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଛି। କ୍ୟାରିୟରର ୧୦୦ତମ ମାଇଲଖୁଣ୍ଟ ମ୍ୟାଚରେ ଶତକ ହାସଲ କରି ନିଜ ଫର୍ମ ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍। ଏହା ବ୍ୟତୀତ ରୁଟ୍ ଓ ଡୋମିନିକ୍ ସିବ୍‌ଲେଙ୍କ ମଧ୍ୟରେ ଦ୍ୱିଶତକୀୟ ଭାଗୀଦାରି ପ୍ରଥମ ଦିବସର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା।

ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ ପିଚ୍‌ର ପ୍ରକୃତିକୁ ଦୃଷ୍ଟିରେ ରଖି ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ରୁଟ୍। ଅଭିଜ୍ଞ ରୁଟ୍‌ଙ୍କ ନିଷ୍ପତ୍ତି ଉଚିତ ସାବ୍ୟସ୍ତ ହୋଇଥିଲା। ଭାରତୀୟ ବୋଲରଙ୍କୁ ସାମ୍ନା କରି ଓପନିଂ ଯୋଡ଼ିରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ଗଢ଼ିବା ସହ ଇଂଲଣ୍ଡ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ ଦୁଇ ଓପନର ରୋରି ବର୍ନ୍ସ ଓ ସିବ୍‌ଲେ। ୨୩. ୫ ଓଭରରୁ ୬୩ ରନ ସଂଗ୍ରହ ହେବା ପରେ ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ୬୦ ବଲ୍‌ରୁ ୨ ଚୌକା ସହ ୩୩ ରନ କରିଥିବା ବର୍ନ୍ସଙ୍କୁ ଉଇକେଟ କିପର ରିଷଭ ପନ୍ତଙ୍କ ହାତରେ କ୍ୟାଚ କରାଇ ଅଶ୍ୱିନ ପାଇଥିଲେ ପ୍ରଥମ ସଫଳତା। ତତ୍‌କ୍ଷଣାତ ଇଂଲଣ୍ଡକୁ ଦ୍ୱିତୀୟ ଝଟକା ଲାଗିଥିଲା। ଡାନିଏଲ ଲରେନ୍ସ ଖାତା ଖୋଲିବା ପୂର୍ବରୁ ଭାରତର ମୁଖ୍ୟ ପେସର ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଯାଇଥିଲେ। ଅର୍ଥାତ୍ ଇଂଲଣ୍ଡ ସେହି ୬୩ ରନରେ ଦ୍ୱିତୀୟ ଉଇକେଟ ହରାଇଥିଲା। ଘରୋଇ ପରିବେଶରେ ବୁମ୍‌ରାଙ୍କର ଏହା ଥିଲା ପ୍ରଥମ ଟେଷ୍ଟ ଉଇକେଟ। ମାତ୍ର ଫର୍ମରେ ଥିବା ରୁଟ୍ କ୍ରିଜରେ ଯୋଗଦେବା ପରେ ସ୍ଥିତି ବଦଳି ଯାଇଥିଲା। ପ୍ରଥମ ସେସନରେ ୨ଟି ଉଇକେଟ ପଡ଼ିଥିବାବେଳେ ଦ୍ୱିତୀୟ ଓ ତୃତୀୟ ସେସନରେ ରୁଟ୍ ଓ ସିବ୍‌ଲେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ମଧ୍ୟାହ୍ନ ଭୋଜନ ବିରତି ବେଳକୁ ୨ ଉଇକେଟରେ ୬୭ ରନ କରିଥିବା ଇଂଲଣ୍ଡ ଇନିଂସ ଚା' ବିରତି ବେଳକୁ ୧୪୦/୨ ହୋଇଥିଲା। ୧୧୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରୁଟ୍ ୧୬୪ ବଲ୍ ଖେଳି ୧୨ ଚୌକା ସହାୟତାରେ ଶତକ ହାସଲ କରିଥିଲେ। ଏହାଥିଲା କ୍ରମାଗତ ୩ ମ୍ୟାଚରେ ୩ ଏବଂ ତାଙ୍କ କ୍ୟାରିୟରର ୨୦ତମ ଶତକ। ଅନ୍ତର୍ଜାତୀୟ କ୍ରିକେଟରେ ୯ମ ଖେଳାଳି ଭାବେ ସେ ୧୦୦ତମ ଟେଷ୍ଟରେ ଶତକ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଅପେକ୍ଷାକୃତ ଧୀମା ଖେଳିଥିବା ସିବ୍‌ଲେ ୧୫୯ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଦ୍ୱିତୀୟ ସେସନ ପରି ତୃତୀୟ ସେସନରେ ମଧ୍ୟ ଭାରତୀୟ ବୋଲରମାନେ ପ୍ରଭାବୀ ହୋଇପାରି ନ ଥିଲେ। ଏହାର ଫାଇଦା ଉଠାଇ ରୁଟ୍ ଓ ସିବ୍‌ଲେ ତୃତୀୟ ଉଇକେଟରେ ୩୯୦ ବଲ୍‌ରୁ ୨୦୦ ରନର ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ସୂଚନା ଦେଇଥିଲେ। ତେବେ ଅନ୍ତିମ ଓଭରରେ ଅର୍ଥାତ୍ ୯୦ତମ ଓଭରର ୩ୟ ବଲ୍‌ରେ ସିବ୍‌ଲେଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ବୁମ୍‌ରା ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ୨୮୬ ବଲ୍‌ରୁ ୧୨ ଚୌକା ସହାୟତାରେ ୮୭ ରନ କରିଥିବା ସିବ୍‌ଲେ ସଫଳତାର ସହ ଆଉ ୩ଟି ବଲ୍ ଖେଳିଥିଲେ ଶନିବାର ବ୍ୟାଟିଂ କରି ଶତକ ହାସଲ କରି ପାରିଥାନ୍ତେ। ମାତ୍ର ସମ୍ପୂର୍ଣ୍ଣ ଦିବସରେ ପୂରା ଆତ୍ମବିଶ୍ୱାସର ସହ ଖେଳିଥିବା ଏହି ଓପନର ବୁମ୍‌ରାଙ୍କ ବଲ୍‌ରେ ଲାଇନ୍ ମିସ୍ କରିବାରୁ ଦୁର୍ଭାଗ୍ୟଜନକ ଭାବେ ୧୩ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସିବ୍‌ଲେ ଆଉଟ ହେବା ସହ ଅମ୍ପାୟର ଖେଳ ବନ୍ଦ ରଖିଥିଲେ। ସେତେବେଳକୁ ରୁଟ୍ ୧୯୭ ବଲ୍‌ରୁ ୧୪ ଚୌକା ଓ ୧ ଛକା ସହାୟତାରେ ୧୨୮ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବିଦେଶରେ ୧୭ଟି ମ୍ୟାଚ ଖେଳିବା ପରେ ଘରୋଇ ପରିବେଶରେ ପ୍ରଥମ ଟେଷ୍ଟ ଖେଳିଥିବା ବୁମ୍‌ରା ୨ଟି ଓ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିବସରେ ରୁଟ୍‌ଙ୍କୁ ଆଉଟ କରିବା ଘରୋଇ ବୋଲରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଅନ୍ୟପକ୍ଷରେ ମାତ୍ର ୩ଟି ଉଇକେଟ ପଡ଼ିଥିବାରୁ ଇଂଲଣ୍ଡ ଏଠାରେ ଏକ ବୃହତ୍ ସ୍କୋର ଲକ୍ଷ୍ୟରେ ରହିଛି। ବଲ୍ ଲୋ ରହୁଥିବା ସ୍ଲୋ ଟ୍ରାକ୍‌ରେ କିପରି ଇନିଂସ ଗଢ଼ିବାକୁ ହୁଏ ତାହାର ଏକ ଉଦାହରଣ ଦେଖାଇଛନ୍ତି ରୁଟ୍। ବିଶେଷ କରି ସେ ଶାହାବାଜ ନଦିମ ଏବଂ ୱାଶିଂଟନ ସୁନ୍ଦରଙ୍କ ଅନଭିଜ୍ଞତାରୁ ଫାଇଦା ଉଠାଇଛନ୍ତି। ୧୧ଟି ନୋ ବଲ୍ ପକାଇବା ମଧ୍ୟ ଭାରତୀୟ ବୋଲରଙ୍କ ଶୃଙ୍ଖଳାହୀନ ବୋଲିଂକୁ ସୂଚାଉଛି।





ଦ୍ୱିଶତକୀୟ ଭାଗୀଦାରି ଅବସରରେ ଡୋମିନିକ୍ ସିବ୍‌ଲେ ଓ ଜୋ ରୁଟ୍।

**୧୦୦ତମ ଟେଷ୍ଟରେ ଶତକ**

- ୧: କଲିନ କାଉଡ୍ରେ (ଇଂଲଣ୍ଡ)
- ୨: ଜାଭେଦ ମିଆଁଦାଦ (ପାକିସ୍ତାନ)
- ୩: ଗର୍ଡନ ଗ୍ରିନିଜ (ୱେଷ୍ଟଇଣ୍ଡିଜ)
- ୪: ଆଲେକ ଷ୍ଟିୱାର୍ଟ (ଇଂଲଣ୍ଡ)
- ୫: ଇଞ୍ଜାମାମ-ଉଲ୍-ହକ୍ (ପାକିସ୍ତାନ)
- ୬: ରିକି ପଣ୍ଟିଂ (ଅଷ୍ଟ୍ରେଲିଆ)
- ୭: ଗ୍ରେମ୍ ସ୍ମିଥ (ଦକ୍ଷିଣ ଆଫ୍ରିକା)
- ୮: ହାସିମ ଆମ୍‌ଲା (ଦକ୍ଷିଣ ଆଫ୍ରିକା)
- ୯: ଜୋ ରୁଟ୍ (ଇଂଲଣ୍ଡ)

(ରୁଟ୍ ପ୍ରଥମ ଖେଳାଳିଭାବେ ନିଜ ୯୮, ୯୯ ଓ ୧୦୦ତମ ମ୍ୟାଚରେ ଶତକ ହାସଲ କରିଛନ୍ତି)।

**ବିଦେଶରେ ଅଧିକ ଟେଷ୍ଟ ଖେଳିବାପରେ ଘରୋଇ ପଦାର୍ପଣ କରିଥିବା ଭାରତୀୟ ବୋଲର**

- ୧୭: ଯଶପ୍ରୀତ୍ ବୁମ୍‌ରା
- ୧୨: ଜାଭାଗଲ ଶ୍ରୀନାଥ
- ୧୧: ଆର.ପି. ସିଂ
- ୧୦: ସଚିନ ତେନ୍ଦୁଲକର
- ୧୦: ଆଶିଷ ନେହେରା

**କମ୍ ବୟସରେ ୧୦୦ ଟେଷ୍ଟ**

- ୨୮ ବର୍ଷ ୩୫୩ ଦିନ: ଆଲିଷ୍ଟର କୁକ୍ (୨୦୧୩)
- ୨୯ ବର୍ଷ ୧୩୪ ଦିନ: ସଚିନ ତେନ୍ଦୁଲକର (୨୦୦୨)
- ୩୦ ବର୍ଷ ୩୭ ଦିନ: ଜୋ ରୁଟ୍ (୨୦୨୧)
- ୩୦ ବର୍ଷ ୩୯ ଦିନ: ମାର୍କ ବାଉଚର (୨୦୦୬)।

**ସ୍କୋର ବୋର୍ଡ**

**ଇଂଲଣ୍ଡ ପ୍ରଥମ ଇନିଂସ**
ବର୍ନ୍ସ-କ-ପନ୍ତ-ବୋ-ଅଶ୍ୱିନ-୩୩
ସିବ୍‌ଲେ-ଏଲବିଡବ୍ଲ୍ୟୁ-ବୁମ୍‌ରା-୮୭
ଲରେନ୍ସ-ଏଲବିଡବ୍ଲ୍ୟୁ-ବୁମ୍‌ରା-୦
ରୁଟ୍-ନଟ୍‌ଆଉଟ-୧୨୮
ଅତିରିକ୍ତ-୧୫
ମୋଟ(୩ ଉଇକେଟ, ୮୯.୩ ଓଭର) ୨୬୩।
ଉଇକେଟ ପତନ: ୧/୬୩, ୨/୬୩, ୩/୨୬୩।
ବୋଲିଂ(ଭାରତ)
ଈଶାନ୍ତ ୧୫-୩-୨୭-୦
ବୁମ୍‌ରା ୧୮.୩-୨-୪୦-୨
ଅଶ୍ୱିନ ୨୪-୨-୬୮-୧
ନଦୀମ ୨୦-୩-୬୯-୦
ସୁନ୍ଦର ୧୨-୦-୫୫-୦।



ଜୋ ରୁଟ୍‌ଙ୍କ ପାଦ ମକଚି ହୋଇଯିବାରୁ ତାଙ୍କୁ ସହାୟତା କରୁଛନ୍ତି ବିରାଟ କୋହଲି।

## ଖେଲୋ ଇଣ୍ଡିଆ ଭଲିବଲ ପ୍ରତିଭା ଅନ୍ୱେଷଣ ଦାୟିତ୍ୱରେ ଗଗନେନ୍ଦୁ

ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଭଲିବଲ ପାଇଁ ସେ ଓଡ଼ିଶାରୁ ପୂର୍ବାଞ୍ଚଳ ଜୋନାଲ କମିଟିରେ ସ୍ଥାନ ପାଇଛନ୍ତି। ଫଳରେ ସେ ତୃଣମୂଳ ସ୍ତରରୁ ଭଲିବଲ ପ୍ରତିଭା ଚୟନ କାର୍ଯ୍ୟରେ ମନୋନିବେଶ କରିବେ। ସମ୍ପ୍ରତି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଗଗନେନ୍ଦୁ ଏପରି ଏକ ଦାୟିତ୍ୱରେ ଖୁସି ଜାହିର କରିଛନ୍ତି। ଏହାଦ୍ୱାରା ଭଲିବଲ ଖେଳର ସେବା ଏବଂ ପ୍ରସାର ପାଇଁ ତାଙ୍କୁ ଅଧିକ ସୁଯୋଗ ମିଳିବ ବୋଲି କହିଛନ୍ତି। ଏହା ବ୍ୟତୀତ କନ୍ଧମାଳ ଓ କିଟ୍‌ରେ ପ୍ରତିଷ୍ଠିତ ୨ଟି ଭଲିବଲ ଏକାଡେମୀ ପାଇଁ ସେ ପ୍ରତିଭା ଅନ୍ୱେଷଣ ମଧ୍ୟ କରିପାରିବେ। ଏପରି ଏକ ସମ୍ମାନଜନକ ଦାୟିତ୍ୱ ମିଳିଥିବାରୁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ଧନ୍ୟବାଦ ଜଣାଇଛନ୍ତି।



ଗଗନେନ୍ଦୁ ଦାଶ

## ବାଂଲାଦେଶ ନିୟନ୍ତ୍ରଣରେ ପ୍ରଥମ ଟେଷ୍ଟ

**ଚଟ୍ଟୋଗ୍ରାମ, ୫।୨(ଏପି):** ମେହିଦୀ ହାସନ ମିରାଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ବାଂଲାଦେଶ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚକୁ ନିୟନ୍ତ୍ରଣରେ ରଖିଛି। ପ୍ରଥମ ଇନିଂସରେ ୧୦୩ ରନର ଶତକୀୟ ଇନିଂସ ଖେଳିବା ପରେ ମିରାଜ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରି ଦଳ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛନ୍ତି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୦.୨ ଓଭରରେ ୪୩୦ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୯୬.୧ ଓଭରରେ ୨୫୯ ରନ କରି ଅଲ୍‌ଆଉଟ ହୋଇ ବୃହତ୍ ୧୭୧ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୦ ଓଭରରେ ୩ ଉଇକେଟ ହରାଇ ୪୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ବାଂଲାଦେଶ ୭ ଉଇକେଟ ହାତରେ ରଖି ୨୧୮ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ- ୧୫୦.୨ ଓଭରରେ ୪୩୦ ଅଲଆଉଟ୍। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୯୬.୧ ଓଭରରେ ୨୫୯ ଆଲଆଉଟ୍ (ବ୍ରାଥୱେଟ- ୭୬, ବ୍ଲାକ୍‌ଉଡ- ୬୮, ଡା ସିଲଭା- ୪୨, ମେୟେର୍ସ- ୪୦, ମିରାଜ- ୪/୫୮, ମୁସ୍ତାଫିଜୁର- ୨/୪୬, ତାଇଜୁଲ-୨/ ୮୪, ନୟିମ- ୨/୫୪)। ବାଂଲାଦେଶ ଦ୍ୱିତୀୟ ଇନିଂସ- ୨୦ ଓଭରରେ ୪୭/୩ (ମୋମିନୁଲ- ୩୧*, ମୁସ୍‌ଫିକର- ୧୦*, କର୍ନୱାଲ- ୨/୨୮, ଗାବ୍ରିଏଲ- ୧/୧୩)।

## ଦକ୍ଷିଣ ଆଫ୍ରିକା ଟପ୍ ଅର୍ଡର ବିପର୍ଯ୍ୟୟ

**ରାୱଲପିଣ୍ଡି,୫।୨(ଏପି):** ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ପୁଣି ଫେଲ ମାରିଛନ୍ତି। ଫଳରେ ଘରୋଇ ଦଳ ସୁବିଧାଜନକ ସ୍ଥିତିରେ ରହିଛି। ସ୍ଥାନୀୟ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଅନ୍ତିମ ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ଇନିଂସରେ ୧୧୪.୩ ଓଭରରେ ୨୭୨ ରନକରି ଅଲଆଉଟ ହୋଇଛି। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୮ ଓଭରରେ ୪ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଛି। ଏଥିସହ ୬ ଉଇକେଟ ହାତରେ ରଖି ଦକ୍ଷିଣ ଆଫ୍ରିକା ୧୬୬ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୧୫ ଓ ଅଧିନାୟକ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ୨୪ ରନକରି ଅପରାଜିତ ରହିଛନ୍ତି। ଦୁଇ ଓପନର ଡିନ୍ ଏଲଗାର ଓ ଏଡେନ ମାରକ୍ରମ ଯଥାକ୍ରମେ ୧୫ ଓ ୩୨ ରନକରି ଆଉଟ ହୋଇଛନ୍ତି। ରାସି ଭାନ ଡେର ଡୁସେନ ଖାତା ଖୋଲିପାରି ନ ଥିବା ବେଳେ ଅଭିଜ୍ଞ ଫାଫା ଡୁପ୍ଲେସି ୧୭ ରନକରି ପ୍ୟାଭିଲିୟନ ଫେରିଛନ୍ତି। ପାକିସ୍ତାନ ତରଫରୁ ହାସନ ଅଲି ୨, ଫହିମ ଆଶ୍ରଫ ଓ ନୌମାନ ଅଲି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ- ୧୧୪.୩ ଓଭରରେ ୨୭୨ ଆଲଆଉଟ (ବାବର ଆଜମ- ୭୭, ଆଶ୍ରଫ୍- ୭୮*,ଫୱାଦ- ୪୫, ନୋର୍ଜେ- ୫/୫୬, ମହାରାଜ- ୩/୯୦, ମୁଲ୍ଡର- ୧/୪୦)।

## ଯୋଗବ୍ୟାସଙ୍କ ଆଉ ଏକ ସଫଳତା



ଯୋଗବ୍ୟାସ ଭୋଇ

ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ସ୍ମୃତି ସାଉଁଟିଛନ୍ତି। ପ୍ରଥମ ସିଭିଲିଆନ ଓଡ଼ିଆ ଭାବେ ସେ ଭାରତର ସିଆଚେନ ଅଞ୍ଚଳର ଦୀକ୍ଷିତ, ହୁନ୍ଦର, ସିଆଚେନ ଟ୍ରାନ୍‌ଜିଟ କ୍ୟାମ୍ପ ପ୍ରତାପପୁର ଦେଇ ଶେଷ ହିମାଳୟାନ ଗ୍ରାମ ଥାଙ୍ଗ ଯାତ୍ରା କରିଛନ୍ତି। ସେହି ଗ୍ରାମ ଦେଇ ସେ ସେଓକ ନଦୀ ପାକିସ୍ତାନର ଗିଲ୍‌ଗିଟ, ବେଲୁଚିସ୍ତାନକୁ ଯାଇଥିଲେ। ଫଳରେ ପ୍ରତିକୂଳ ପରିବେଶରେ ସୈନ୍ୟ ବାହିନୀ କିପରି ରହୁଛନ୍ତି ତାହାର ଅନୁଭୂତି ଆହରଣ କରିଛନ୍ତି। କେବଳ ସେତିକି ନୁହେଁ ସେ ଭାରତ -ଚାଇନ ସୀମାନ୍ତରେ ଥିବା ରିଯାଙ୍ଗଲା ଜିରୋ ଲାଇନକୁ ମଧ୍ୟ ଯାଇଥିଲେ। ରିଯାଙ୍ଗଲା ଯୁଦ୍ଧ ସ୍ମୃତି ୧୭୦୦୦ ଫୁଟ ଉର୍ଦ୍ଧ୍ୱ ଉଚ୍ଚତାରେ ଅଛି। ଏଠାରେ ତାପମାତ୍ରା -୧୫ ଡିଗ୍ରୀରୁ - ୩୫ ଡିଗ୍ରୀ ରହିଛି। ଭାରତ-ଚାଇନା ଜିରୋ ଲାଇନରେ ଛାଗା ଗ୍ରାମ ଅତିକ୍ରମ କଲାପରେ ରିଯାଙ୍ଗଲା ଅଞ୍ଚଳର ଛୁସୁଲ ଗ୍ରାମକୁ ମଧ୍ୟ ଯାତ୍ରା କରିଛନ୍ତି।

## ଶ୍ରୀସନ୍ଥଙ୍କ ସମେତ ୧୦୯୭ ଖେଳାଳି ପଞ୍ଜୀକୃତ

ଚେନ୍ନାଇ, ୫।୨ (ପି.ଟି.)

ଫେବୃୟାରୀ ୧୮ରେ ହେବାକୁ ଥିବା ବହୁ ପ୍ରତୀକ୍ଷିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନିଲାମ ପାଇଁ ୧୦୯୭ ଜଣ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରେ ବାଂଲାଦେଶ ଅଲ୍‌ରାଉଣ୍ଡର ଶକିବ ଅଲ ହସନ ଏବଂ ଭାରତର ଏସ. ଶ୍ରୀସନ୍ଥ ରହିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ୍ ଏବଂ ଅଷ୍ଟ୍ରେଲିଆନ ସ୍ପିଡ୍‌ଷ୍ଟର ମିଚେଲ ଷ୍ଟାର୍କ ଏଥିରୁ ଓହରିଯାଇଛନ୍ତି। କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁଅ ତଥା ବାମହାତୀ ପେସ୍ ବୋଲର ଅର୍ଜୁନ ତେନ୍ଦୁଲକର ମଧ୍ୟ ନିଲାମରେ ଭାଗ ନେବେ। ତାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ରହିଛି। ଭାରତରୁ ୮୧୪ ଏବଂ ବିଦେଶରୁ ୨୮୩ ଖେଳାଳି ନିଲାମ ପାଇଁ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ନିଲାମରେ ୱେଷ୍ଟଇଣ୍ଡିଜର ସର୍ବାଧିକ ୫୬ ଖେଳାଳି ଭାଗ ନେବେ। ଏହା ପଛକୁ ପଛ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା (୩୮)। ଷ୍ଟାର୍କ ୨୦୧୫ରେ ଶେଷ ଥର ପାଇଁ ଏହି ଲିଗ୍‌ରେ ଖେଳିଥିଲେ। ସେ ଏଥର ମଧ୍ୟ ଭାଗ ନେବେନାହିଁ। ଚଳିତ ଭାରତ ବିପକ୍ଷ ଓପନିଂ ଟେଷ୍ଟର ପ୍ରଥମ ଦିବସରେ ଶତକ ହାସଲ କରିଥିବା ରୁଟ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ତାଙ୍କ ନାମ ପଞ୍ଜୀକୃତ କରିନାହାନ୍ତି। ଇଂଲଣ୍ଡର ଅନ୍ୟ ଦୁଇ ଖେଳାଳି ହ୍ୟାରି ଗୁର୍ନେ ଓ ଟମ୍ ବାଣ୍ଟନ ମଧ୍ୟ ସେମାନଙ୍କ ନାମ ରେଜିଷ୍ଟ୍ରେଶନ କରିନାହାନ୍ତି। ଖବର ଅନୁସାରେ ଫିକ୍ସିଂରେ ସମ୍ପୃକ୍ତ ହେବା ଲାଗି ପ୍ରଲୋଭନର ଶିକାର ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ ନ କରି ସସ୍‌ପେଣ୍ଡ ଦଣ୍ଡ ଭୋଗିସାରିଥିବା ଶକିବଙ୍କ ବେସ୍ ପ୍ରାଇସ୍ ସର୍ବୋଚ୍ଚ ୨ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ ୭ବର୍ଷ ପରେ କେରଳ ତରଫରୁ ସୟଦ ମୁସ୍ତାକ ଅଲୀ ଟି୨୦ ଖେଳିଥିବା ଶ୍ରୀସନ୍ଥଙ୍କ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ରହିଛି। ସୂଚନାଯୋଗ୍ୟ, ୨୦୧୩ ଆଇପିଏଲ୍ ସ୍ପଟ୍‌ଫିକ୍ସିଂ ସ୍କାଣ୍ଡାଲରେ ତାଙ୍କ ଭୂମିକାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩୭ ବର୍ଷୀୟ ଏହି ପେସ୍ ବୋଲରଙ୍କୁ ଆଜୀବନ ବାସନ୍ଦ କରିଥିଲା। କିନ୍ତୁ ୨୦୧୯ ଅଗଷ୍ଟରେ ବାସନ୍ଦ ସମୟସୀମା ୭ ବର୍ଷକୁ ହ୍ରାସ କରାଯାଇଥିଲା।

**ଆଇପିଏଲ୍ ଖେଳାଳି ନିଲାମ**

ହରଭଜନ ସିଂ, କେଦାର ଯାଦବ, ଷ୍ଟିଭ ସ୍ମିଥ୍, ଗ୍ଲେନ ମାକ୍ସୱେଲ, ମୋଇନ ଅଲୀ, ସାମ୍ ବିଲିଙ୍ଗ୍ସ, ଜାସନ ରୟ, ମାର୍କ ଉଡ୍, ଲିଆମ ପ୍ଲଙ୍କେଟ ଏବଂ କଲିନ ଇନ୍‌ଗ୍ରାମ ଆଦି ସମସ୍ତଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରଖାଯାଇଛି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ ସିରିଜ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହନୁମା ବିହାରୀ (୧ କୋଟି ଟଙ୍କା) ଓ ଚେତେଶ୍ୱର ପୂଜାରା (୫୦ ଲକ୍ଷ ଟଙ୍କା) ମଧ୍ୟ ନିଲାମରେ ଭାଗ ନେବା ଲାଗି ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଟି୨୦ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା ଇଂଲଣ୍ଡର ଡାୱିଦ ମାଲାନ ଏଥର ଆଇପିଏଲ୍‌ରେ ପଦାର୍ପଣ କରିପାରନ୍ତି। ସେ ତାଙ୍କ ନାମ ପଞ୍ଜୀକୃତ କରିଥିବାବେଳେ ତାଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ଟଙ୍କା ରହିଛି। ସମାନ ବେସ୍ ପ୍ରାଇସ୍ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ଆଲେକ୍ସ କୋରେ, ଟମ୍ କୁରାନ, ମିଚେଲ ସ୍ୱେପସନ, ନାଥାନ କୁଲଟର ନାଇଲ, ମୁଜିବୁର ରହମନ, ଆଲେକ୍ସ ହେଲ୍ସ ୱେ ରିଚାର୍ଡସନ, ଆଦିଲ ରସିଦ୍, ଡେଭିଡ୍ ୱିଲି, ଆଡାମ ଲିଥ୍ ଓ ଲିଓସ ଗ୍ରେଗୋରି। ଗତବର୍ଷ ମୁମ୍ବାଇ ଇଣ୍ଡିଆନ୍ସକୁ ଟାଇଟଲ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅଷ୍ଟ୍ରେଲିଆନ ପେସର ଜେମ୍ସ ପ୍ୟାଟନସନ ଏଥର ଅନୁପସ୍ଥିତ ରହିବେ। ସେହିପରି ନିଲାମରେ ସହଯୋଗୀ ରାଷ୍ଟ୍ରଗୁଡ଼ିକରୁ ୨୭ଜଣ ଏବଂ ୮୬୩ ନୂଆ ଖେଳାଳି ଭାଗ ନେବେ। ସେମାନଙ୍କ ମଧ୍ୟରେ ୭୪୩ ଭାରତୀୟ ଓ ୬୮ ବିଦେଶୀ ଖେଳାଳି ଅଛନ୍ତି। ଯଦି ପ୍ରତିଟି ଫ୍ରାଞ୍ଚାଇଜ୍‌କୁ ଦଳରେ ସର୍ବାଧିକ ୨୫ ଖେଳାଳିଙ୍କୁ ରଖିବା ଲାଗି କୁହାଯାଏ ତେବେ ୬୧ଜଣ ଖେଳାଳି ନିଲାମରେ ଭାଗ ନେବେ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଶେଷ ହେବାର ଦିନକ ପରେ ନିଲାମ କାର୍ଯ୍ୟ ହେବ। ଏହା ଅପରାହ୍ନ ୩ଟାରୁ ଆରମ୍ଭ ହେବ। କିଙ୍ଗ୍ସ ଇଲେଭେନ ପଞ୍ଜାବ ସର୍ବାଧିକ ୫୩.୨୦ କୋଟି ଟଙ୍କା ପକେଟରେ ନେଇ ନିଲାମକୁ ଓହ୍ଲାଇବ। ଖେଳାଳି କ୍ରୟ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଖରେ ୩୫.୯୦ କୋଟି ଟଙ୍କା, ରାଜସ୍ଥାନ ରୟାଲ୍ସ ନିକଟରେ ୩୪.୮୫ କୋଟି, ଚେନ୍ନାଇ ସୁପର କିଙ୍ଗ୍ସ ପାଖରେ ୨୨.୯୦କୋଟି, ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ୧୫.୩୫ କୋଟି ଏବଂ ଡେକାନ ଚାର୍ଜର୍ସ ପାଖରେ ୧୨.୯ କୋଟି ଟଙ୍କା ରହିବ। କୋଲକାତା ନାଇଟ ରାଇଡର୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ନିକଟରେ ୧୦.୭୫ କୋଟି ଟଙ୍କା ରହିବ। ଆଇପିଏଲ୍‌ର ୨୦୨୦ ସଂସ୍କରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ସଂସ୍କରଣ ଭାରତରେ ହେବା ସମ୍ଭାବନା ରହିଛି। ଜାନୁୟାରୀ ୨୦ ରିଟେନଶନ ସମୟ ସୀମାର ଶେଷ ତାରିଖ ରହିଥିଲା। ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ଯଥାକ୍ରମେ ଷ୍ଟିଭ ସ୍ମିଥ୍ ଓ ଗ୍ଲେନ ମାକ୍ସୱେଲଙ୍କୁ ରିଲିଜ କରିଛନ୍ତି। ଅନ୍ୟ ଯେଉଁ କେତେଜଣ ଜଣାଶୁଣା ଖେଳାଳି ରିଲିଜ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିସ୍ ମୋରିସ, ହରଭଜନ ସିଂ ଓ ଆରୋନ ଫିଞ୍ଚ୍। ଫ୍ରାଞ୍ଚାଇଜ୍‌ଗୁଡ଼ିକ ମୋଟ ୧୩୯ ଖେଳାଳି ସେମାନଙ୍କ ପାଖରେ ରଖିଥିବାବେଳେ ୫୭ ଖେଳାଳିଙ୍କୁ ରିଲିଜ କରିଛନ୍ତି। କେଉଁ ଦେଶରୁ କେତେଜଣ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି, ତାହାର ଏକ ତାଲିକା ପ୍ରକାଶ କରାଯାଇଛି: ଅଷ୍ଟ୍ରେଲିଆ (୪୨), ଆଫଗାନିସ୍ତାନ (୩୦), ବାଂଲାଦେଶ (୫), ଇଂଲଣ୍ଡ (୨୧), ଆୟର୍ଲାଣ୍ଡ (୨), ନେପାଳ (୮), ନେଦରଲାଣ୍ଡ୍ସ (୮), ନ୍ୟୁଜିଲାଣ୍ଡ (୨୯), ସ୍କଟଲାଣ୍ଡ (୭), ଦକ୍ଷିଣ ଆଫ୍ରିକା (୩୮), ଶ୍ରୀଲଙ୍କା (୩୧), ସଂଯୁକ୍ତ ଆରବ ଏମିରେଟ୍ସ (୯), ଯୁକ୍ତରାଷ୍ଟ୍ର ଆମେରିକା (୨), ୱେଷ୍ଟଇଣ୍ଡିଜ (୫୬) ଓ ଜିମ୍ବାୱେ (୨)।



ଅର୍ଜୁନ ତେନ୍ଦୁଲକର ଓ ଏସ୍. ଶ୍ରୀସନ୍ଥ।

## ସଂକ୍ଷେପରେ

### ଏଲ୍ଇଡି, ଏସି ଲାଗି ପିଏଲ୍ଆଇ ପ୍ରସ୍ତାବ ମଞ୍ଜୁରୀ

**ମୁମ୍ବାଇ,୫।୨:** ଉତ୍ପାଦନ ସଂଯୋଗୀ ନିବେଶ ଯୋଜନା (ପିଏଲ୍ଆଇ) ଅଧୀନରେ ଏସି ଏବଂ ଏଲ୍ଇଡି ଲାଇଟ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକୁ ସରକାର ସହାୟତା ଯୋଗାଇ ଦେବେ। ଏ ନେଇ ପ୍ରସ୍ତାବକୁ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି ପକ୍ଷରୁ ମଞ୍ଜୁରୀ ମିଳିଛି। ଏହି ଦୁଇ କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି କେନ୍ଦ୍ର କ୍ୟାବିନେଟ ନଭେମ୍ବର ମାସରେ ୬୨୩୮ କୋଟି ଟଙ୍କା ଦେବାକୁ ମଞ୍ଜୁରୀ ଦେଇଥିଲା। ଘରୋଇ ମାନୁଫାକଚରିଂକୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

### ପିଏମ୍ସି ବ୍ୟାଙ୍କ ରିଜୋଲ୍ୟୁଶନ ପାଇଁ ୩ ପ୍ରସ୍ତାବ

**ମୁମ୍ବାଇ,୫।୨:** ପଞ୍ଜାବ ଏବଂ ମହାରାଷ୍ଟ୍ର ସମବାୟ (ପିଏମ୍ସି) ବ୍ୟାଙ୍କର ପୁନର୍ଗଠନ ଲାଗି ୩ ନିବେଶକ ସେମାନଙ୍କ ପ୍ରସ୍ତାବ ଦେଇଥିବା ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୂଚନା ଯୋଗ୍ୟ, ପିଏମ୍ସି ବ୍ୟାଙ୍କ ବର୍ତ୍ତମାନ ଦେବାଳିଆ ସ୍ଥିତିରେ ରହିଛି। ଏହାକୁ ପୁଣି ଛିଡା କରିବା ଲାଗି ବିଭିନ୍ନ ପ୍ରସ୍ତାବ ଉପରେ ତର୍ଜମା ଚାଲିଥିବା ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ବ୍ୟାଙ୍କର ଆଡମିନିଷ୍ଟ୍ରର ଭାବେ ନିଯୁକ୍ତ ଏ.କେ. ଦୀକ୍ଷିତ ଗ୍ରାହକଙ୍କୁ ଗତ ମାସରେ ଚିଠି ଲେଖି ଏ ନେଇ ଅବଗତ କରାଇଥିଲେ।

### ବ୍ୟାଙ୍କ ଏନ୍ପିଏର ପ୍ରକୃତ ସ୍ଥିତି ଆକଳନ ହେବ

**ମୁମ୍ବାଇ,୫।୨:** ବ୍ୟାଙ୍କଗୁଡିକରେ କେତେ ପରିମାଣରେ ଅନାଦାୟ ଋଣ ରହିଛି ତାର ପ୍ରକୃତ ସ୍ଥିତି ଆକଳନ କରାଯିବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ନିୟମିତ ତତ୍ତ୍ୱାବଧାନ ବାଦ୍ ସ୍ୱାଧୀନ ଭାବେ ଏକ ତର୍ଜମା କରିବ। ଫଳରେ ପ୍ରକୃତ ସ୍ଥିତି ସମ୍ପର୍କରେ ଜଣାପଡିବ ବୋଲି ଦାସ କହିଛନ୍ତି। ଆସେଟ କ୍ୱାଲିଟି ରିଭ୍ୟୁ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିଥିବା ସେ ସ୍ପଷ୍ଟ କରିଛନ୍ତି।

# ଆର୍ବିଆଇ ଆଣିବ ଡିଜିଟାଲ କରେନ୍ସି

## ମଡେଲ ଉପରେ କାମ ଚାଲିଛି, ଶୀଘ୍ର ନିଷ୍ପତ୍ତି ଆସିବ: ଡେପୁଟି ଗଭର୍ନର କାନୁନଗୋ

**ମୁମ୍ବାଇ,୫।୨**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍ବିଆଇ) ଏକ ଡିଜିଟାଲ କରେନ୍ସି ଆଣିବ। ଏହାର ମଡେଲ କିଭଳି ହେବ ସେ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କର ଏକ ଆନ୍ତଃ କମିଟି ବର୍ତ୍ତମାନ କାର୍ଯ୍ୟ ଜାରି ରଖିଛି। ଏ ନେଇ ଶୀଘ୍ର ନିଷ୍ପତ୍ତି ଆସିବ ବୋଲି ଆର୍ବିଆଇ ଡେପୁଟି ଗଭର୍ନର ବିଭୁପ୍ରସାଦ କାନୁନ୍ଗୋ ଶୁକ୍ରବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡିଜିଟାଲ କରେନ୍ସି ଆଣିବା ନେଇ ପୂର୍ବରୁ ଆର୍ବିଆଇ ଘୋଷଣା କରିଥିଲା। ପୂର୍ବରୁ ବିଟ୍କଏନ କାରବାରକୁ ନେଇ ଆର୍ବିଆଇ ଆଶଙ୍କା ପ୍ରକଟ କରିଥିଲା। ଏହାକୁ ନଜରରେ ରଖି ନିଜସ୍ୱ ଏକ ଭର୍ଚୁଆଲ କରେନ୍ସି ପ୍ରଚଳନ ସପକ୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ରହିଥିଲା। ଘରୋଇ ଡିଜିଟାଲ କରେନ୍ସି ଉପରେ କଟକଣା ଲଗାଇବା ଲାଗି ଗତ ସପ୍ତାହରେ ସରକାର ଅଗ୍ରସର ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଡିଜିଟାଲ କରେନ୍ସିକୁ ବିଚାରକୁ ନେଲେ ଅଦ୍ୟାବଧି ଦସ୍ତାବିଜ ଜାରି କରାଯାଇଛି। ଡିଜିଟାଲ କରେନ୍ସି ନେଇ ବର୍ତ୍ତମାନ କାର୍ଯ୍ୟକ୍ରମ ଜାରି ରହିଛି। ସେହିଭଳି କାନୁନଗୋ କହିଛନ୍ତି, ପୂର୍ବରୁ ମୁଦ୍ରାନୀତି କମିଟି ପକ୍ଷରୁ ଡିଜିଟାଲ କରେନ୍ସି ସମ୍ପର୍କରେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଘରୋଇ ଡିଜିଟାଲ କରେନ୍ସି(ପିଡିସି), ଭର୍ଚୁଆଲ କରେନ୍ସି(ଭିସି) ଏବଂ କ୍ରିପ୍ଟୋ କରେନ୍ସି(ସିସି) ଗତ କିଛି ବର୍ଷ ହେବ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି କରେନ୍ସିଗୁଡିକର ବ୍ୟବହାର ନେଇ ସରକାର ଏବଂ ନିୟାମକ ଆଶଙ୍କାରେ ରହିଛନ୍ତି। ବର୍ତ୍ତମାନ ପ୍ରଚଳିତ ମୁଦ୍ରାର ଡିଜିଟାଲ ଭର୍ସନ ଆଣିବା ଏବଂ ଏହାର ପ୍ରଚଳନର ବିଭିନ୍ନ ଦିଗ ଉପରେ ଏବେ କାର୍ଯ୍ୟକ୍ରମ ଜାରି ରହିଥିବା ଆର୍ବିଆଇ ଜାନୁୟାରୀରେ କହିଥିଲା।

### ସରକାରୀ ପ୍ରତିଭୂତିରେ ଖୁଚୁରା ନିବେଶକଙ୍କୁ ସୁଯୋଗ


ଖୁଚୁରା ନିବେଶକଙ୍କୁ ଉତ୍ସାହିତ କରିବା ଲାଗି ଆର୍ବିଆଇ ଏକ ବଡ ପଦକ୍ଷେପ ଗ୍ରହଣ କରିଛି। ସରକାରଙ୍କ ପ୍ରତିଭୂତି କ୍ରୟ କରିବା ଦିଗରେ ଏଣିକି ଖୁଚୁରା ନିବେଶକଙ୍କୁ ପ୍ରତ୍ୟକ୍ଷ ଭାବେ ସୁଯୋଗ ମିଳିବ। ଏସିଆର ପ୍ରଥମ ଦେଶ ଭାବେ ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଛି। ସାରା ବିଶ୍ୱର ମାତ୍ର କିଛି ଦେଶ ଏ ସମ୍ପର୍କିତ ପଦକ୍ଷେପ ନେଇଛନ୍ତି। ସୂଚନାଯୋଗ୍ୟ, ସରକାର ଆସନ୍ତା ଆର୍ଥିକ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା ଋଣ କରିବା ଲାଗି ଯୋଜନା ରଖିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବ।

### ସିଟିଏସ୍ ଅଧୀନକୁ ଆସିବ ଆଉ ୧୮ ହଜାର ବ୍ୟାଙ୍କ ଶାଖା

ସେପ୍ଟେମ୍ବର ସୁଦ୍ଧା ଆଉ ୧୮ ହଜାର ବ୍ୟାଙ୍କ ଶାଖାରେ ଚେକ୍ ଟ୍ରଙ୍କଶନ ସିଷ୍ଟମ(ସିଟିଏସ୍) ବ୍ୟବସ୍ଥା କାର୍ଯ୍ୟକାରୀ କରାଇବାକୁ ଆର୍ବିଆଇ ନିଷ୍ପତ୍ତି ନେଇଛି। ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମକୁ ଆହୁରି ଦୃଢ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ନେଇଛି। ଏହି ଶାଖାଗୁଡିକ ଏବେ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କର କେନ୍ଦ୍ରୀକୃତ କ୍ଲିଅରିଂ ସିଷ୍ଟମ ପରିସର ବାହାରେ ରହିଥିଲା। ୨୦୧୦ ପରଠାରୁ ସିଟିଏସ୍ ସିଷ୍ଟମ ଲାଗୁ କାର୍ଯ୍ୟକାରୀ ହେଉଛି। ଏହା ଦେଶର ପ୍ରାୟ ୧.୫ ଲକ୍ଷ ବ୍ୟାଙ୍କ ଶାଖାରେ ବ୍ୟବହାର ହେଉଥିବା ବେଳେ ୩ଟି ଚେକ୍ ପ୍ରୋସେସିଂ ଗ୍ରୀଡରେ କାର୍ଯ୍ୟ କରୁଛି। ୧୨୧୯ ଅଣ ସିଟିଏସ୍ କ୍ଲିୟରିଂ ହାଉସକୁ ସିଟିଏସ୍ ପରିସରକୁ ଅଣାଯାଇଛି। ପ୍ରାୟ ୧୮ ହଜାର ଶାଖା ଏହି ଔପଚାରିକ କ୍ଲିୟରିଂ ସିଷ୍ଟମ ପରିସର ବାହାରେ ରହିଛି। ଯାହାକୁ ବ୍ୟବସ୍ଥିତ କରିବା ଲାଗି ଆର୍ବିଆଇ ପଦକ୍ଷେପ ନେଉଛି।

### ୱାନ୍ ନେଶନ୍ ୱାନ ଅମ୍ବୁଡସମ୍ୟାନ

ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୱାନ ନେଶନ ୱାନ ଅମ୍ବୁଡସମ୍ୟାନ ଆଣିବା ନେଇ ଆର୍ବିଆଇ ଯୋଜନା ରଖିଛି। ଗ୍ରାହକଙ୍କ ଅଭିଯୋଗ ସମାଧାନ ଯୋଜନାକୁ ଏକୀକରଣ କରିବା ଦିଗରେ ଏହା କାର୍ଯ୍ୟକ୍ରମ ହାତକୁ ନେବ। ଗ୍ରାହକ ଅଭିଯୋଗ ସମାଧାନ ବର୍ତ୍ତମାନ ୩ଟି ସ୍କିମରେ ହେଉଛି। ଏହାକୁ ଗୋଟିଏ ଅମ୍ବୁଡସମ୍ୟାନ ପରିସରକୁ ଆଣିବାକୁ ଯୋଜନା ରଖାଯାଇଛି। ବ୍ୟାଙ୍କିଙ୍ଗ, ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ ଏବଂ ଡିଜିଟାଲ ଟ୍ରାଞ୍ଜାକଶନ କ୍ଷେତ୍ରରେ ଅଭିଯୋଗର ସମାଧାନ ଲାଗି ଭିନ୍ନ ଭିନ୍ନ ଅମ୍ବୁଡସମ୍ୟାନ ବା ଲୋକପାଳ ବ୍ୟବସ୍ଥା ରହିଛି।



ଶକ୍ତିକାନ୍ତ ଦାସ

### ଅଭିବୃଦ୍ଧି ଉର୍ଦ୍ଧ୍ୱଗାମୀ ରହିବ

ଭାରତୀୟ ଅର୍ଥ ବ୍ୟବସ୍ଥାର ଜିଡିପି ବର୍ତ୍ତମାନ କେବଳ ଉର୍ଦ୍ଧ୍ୱଗାମୀ ରହିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ୧୦.୫% ରହିବା ନେଇ ନେଇ ଆକଳନ କରାଯାଇଛି। ବଜେଟରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ହେବ। ଚାହିଦା, ଲୋକଙ୍କ ଆୟ, ନିଯୁକ୍ତି ଏବଂ ନିବେଶ ବଢାଇବା ଦିଗରେ ଏହା ଯୋଗଦାନ ରଖିବ ବୋଲି ଶକ୍ତିକାନ୍ତ ଆଶାବାଦୀ ରହିଛନ୍ତି।

### ଟିଏଲ୍ଟିଆର୍ଓରେ ଏନ୍ବିଏଫ୍ସିକୁ ପାଣ୍ଠି

ଟାର୍ଗେଟେଡ ଲଙ୍ଗ ଟର୍ମ ରେପୋ ଅପରେଶନ(ଟିଏଲ୍ଟିଆର୍ଓ)ରେ ବ୍ୟାଙ୍କଗୁଡିକ ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ(ଏନ୍ବିଏଫ୍ସି)ଗୁଡିକୁ ପାଣ୍ଠି ଯୋଗାଇ ଦେବେ। ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଏକ ପାଣ୍ଠି ବ୍ୟବସ୍ଥା କରିବ। ଅନ୍ଟ୍ୟାପ୍ ଟିଏଲ୍ଟିଆର୍ଓ ସ୍କିମରେ ଏହି ବ୍ୟବସ୍ଥା କରିବାକୁ ଆର୍ବିଆଇ ପ୍ରସ୍ତାବ ରଖିଛି।

## ନୂଆ ରେକର୍ଡ ସ୍ତରରେ ଶେୟାର ବଜାର

**ମୁମ୍ବାଇ,୫।୨**

ବଜେଟ ପରେ ଭାରତୀୟ ଶେୟାର ବଜାର କାରବାର ଉର୍ଦ୍ଧ୍ୱଗାମୀ ହୋଇଛି। ଗତ ୫ ସେସନ ହେବ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍ସେକ୍ସରେ କାରବାର ରେକର୍ଡ ସ୍ତର ଛୁଇଁଛି। ରିଜର୍ଭ ବ୍ୟାଙ୍କ ସୁଧହାର ଘୋଷଣା ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନିବେଶକଙ୍କ ମନୋଭାବ ଉପରେ ଉନ୍ନତ ପ୍ରଭାବ ପକାଇଛି। ୩୦ ଶେୟାର ବିଶିଷ୍ଟ ସେନ୍ସେକ୍ସ ୧୧୭.୩୪% (୦.୨୩%) ଉର୍ଦ୍ଧ୍ୱରେ ରହିବା ଯୋଗୁ ଏହା ରେକର୍ଡ ୫୦,୭୩୧.୬୩ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍ସେକ୍ସ ଏବେ ୫୧ ହଜାର ପଏଣ୍ଟ ନିକଟତର ହୋଇଛି। ସେହିଭଳି ୫୦ ଶେୟାର ବିଶିଷ୍ଟ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ନିଫ୍ଟି) ୨୮.୬୦ ପଏଣ୍ଟ(୦.୧୯%) ଉଚ୍ଚରେ ରହିବା ଯୋଗୁ ୧୪,୯୨୪.୨୫ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି।

## ଇ-କମର୍ସ ନୀତି ଉପରେ କାମ ଚାଲିଛି

**ମୁମ୍ବାଇ,୫।୨**

ନୂଆ ଇକମର୍ସ ନୀତି ଆଣିବା ଲାଗି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ବର୍ତ୍ତମାନ କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ଡାଟା ଏବଂ ଖାଉଟିଙ୍କ ଅଧିକାର ସହ ଅନେକ ପ୍ରସଙ୍ଗ ସାମିଲ ରହିଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ବ୍ୟାଙ୍କ ଘରୋଇକରଣ ବିରୋଧରେ ବିକ୍ଷୋଭ

**ଭୁବନେଶ୍ୱର,୫।୨**

ଦୁଇଟି ଜାତୀୟକରଣ ବ୍ୟାଙ୍କ ଏବଂ ଗୋଟିଏ ବୀମା କମ୍ପାନୀର ଘରୋଇକରଣ ପ୍ରସ୍ତାବ ବିରୁଦ୍ଧରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍ବିଆଇ)ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କର ଏକ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫବିୟୁ) ର ଆହ୍ୱାନ କ୍ରମେ ଏହି ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ଏହାର ଆବାହକ ଆର.ପି ଦାସ, ଏଆଇବିଓସିର ଦୁର୍ଗାପ୍ରସାଦ ମହାପାତ୍ର, ଏନ୍ସିବିଇର ଚକ୍ରଧର ମହାପାତ୍ର, ଏଆଇବିଇଏର ପି.କେ ତ୍ରିପାଠୀ, ବିଇଏଫଆଇର ପ୍ରକାଶ ରାୟ ଏବଂ ଏଆଇବିଓଏର ଅଜୟ ରାଉତରାୟ ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜାତୀୟକରଣ ଯୋଜନାକୁ ପ୍ରତ୍ୟାଖ୍ୟାନ କରିବା ସହ ଏହାର ଦୃଢ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ଘରୋଇକରଣନୀତି ଏବଂ ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ରାଜ୍ୟର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ଆଗେଇ ଆସିବା ଦରକାର ବୋଲି ସବ୍ୟସାଚୀ ସ୍ୱାଇଁ, ଦାମୋଦର ନନ୍ଦ, ପ୍ରମୋଦ ମେକପ, ଅରୁଣ ବିଶୋଇ ଓ ଡିଏସପି ମିଶ୍ର ପ୍ରମୁଖ ଆହ୍ୱାନ ଦେଇଛନ୍ତି।

# ହିରୋ ମୋଟୋକର୍ପ ପକ୍ଷରୁ ନୂଆ ଭର୍ଟିକାଲ

**ଭୁବନେଶ୍ୱର,୫।୨**

ମୋଟରସାଇକେଲ ଏବଂ ସ୍କୁଟରର ବୃହତ୍ତମ ଉତ୍ପାଦକ ହିରୋ ମୋଟୋ କର୍ପ ଭାରତରେ ହାର୍ଲେ-ଡେଭିଡସନ ଉତ୍ପାଦ ଏବଂ ବିପଣୀ ବିତରଣର ନୂତନ ବ୍ୟବସାୟ ଚଳାଇବା ପାଇଁ ଏକ ପୃଥକ ଭର୍ଟିକାଲ ସେଟ ସ୍ଥାପନ କରିଛି। ଅଟୋମୋବାଇଲ ବିଶେଷଜ୍ଞ ରବି ଅୱଲରଙ୍କୁ ନୂତନ ଭାବେ ଭର୍ଟିକାଲ ବ୍ୟବସାୟ ୟୁନିଟର ମୁଖ୍ୟ ଭାବରେ ନିଯୁକ୍ତି କରାଯାଇଛି । ହିରୋ ମୋଟୋ କର୍ପର ଚେୟାରମ୍ୟାନ ତଥା ସିଇଓ ଡକ୍ଟର ପୱନ ମୁଞ୍ଜାଲଙ୍କୁ ରବି ରିପୋର୍ଟ କରିବେ ବୋଲି ଜଣାପଡିଛି।

ଇଞ୍ଜିନ୍ସ ଏବଂ ଇଞ୍ଜିନ କମ୍ପୋନେଣ୍ଟ୍ସର ରଣନୀତି ଏବଂ ଆନ୍ତର୍ଜାତୀୟ ବ୍ୟବସାୟର ମୁଖ୍ୟ ଥିବା ରବି ଇଞ୍ଜିନ୍ସ ଏବଂ ଇଞ୍ଜିନ୍ କମ୍ପୋନେଣ୍ଟ୍ସର ନିର୍ମାତା କୁପରଙ୍କଠାରୁ ହିରୋ ମୋଟୋକର୍ପରେ ଯୋଗ ଦେଇଛନ୍ତି। ପୂର୍ବରୁ ରବି ଡୁକାଟୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଥିଲେ।

### ବିଶ୍ୱବିଦ୍ୟାଳୟରେ ହେବ ଇ-ଅଫିସ

**ଭୁବନେଶ୍ୱର, ୫।୨(ବ୍ୟୁରୋ) :** ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଇ-ଅଫିସ କାର୍ଯ୍ୟକାରୀ ପାଇଁ ଉଚ୍ଚଶିକ୍ଷା ବିଭାଗ ୧୧ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଛି। ରାଜ୍ୟରେ ସରକାରୀ କାର୍ଯ୍ୟାଳୟ ସମେତ ଷ୍ଟେଟ୍ ପବ୍ଲିକ ୟୁନିଭର୍ସିଟିରେ ଇ-ଅଫିସ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ସେଣ୍ଟର ଫର୍ ମର୍ଡନାଇଜିଂ ଇନିସିଏଟିଭ୍ (ସିଏମ୍ଜିଆଇ) ଏକ ଅଧିକୃତ ସଂସ୍ଥା। ନିଜ ଶିକ୍ଷାନୁଷ୍ଠାନରେ ଇ-ଅଫିସ କାର୍ଯ୍ୟକାରୀ କରିବା ପାଇଁ ସିଏମ୍ଜିଆଇ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଉତ୍କଳ, ରମାଦେବୀ ମହିଳା, ରେଭେନ୍ସା, ବ୍ରହ୍ମପୁର, ଖଲ୍ଲିକୋଟ, ସମ୍ବଲପୁର, ଫକୀର ମୋହନ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ, ଶ୍ରୀ ଜଗନ୍ନାଥ ସଂସ୍କୃତି, କଳାହାଣ୍ଡି, ରାଜେନ୍ଦ୍ର ଓ ଜିଏମ୍ ବଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିମନ୍ତେ କାଠ ଅନୁକୂଳ

**ଖଣ୍ଡପଡା,୫।୨(ସ୍ୱ.ପ୍ର)**

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଣ୍ଡପଡ଼ାଠାରେ ଶୁକ୍ରବାର କାଠ ଅନୁକୂଳ ହୋଇଯାଇଛି। ଚଳିତବର୍ଷ ଖଣ୍ଡପଡା ସହର ନିକଟସ୍ଥ ଟିଙ୍କରୁଆ ଗ୍ରାମ ନିକଟରେ ଥିବା ୨ଟି ବୃହତ୍ ଆମ୍ବଗଛ ରଥ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ମାଙ୍ଗଳିକ କାର୍ଯ୍ୟ ଶେଷ



ରୁକୁଣା ରଥ ପାଇଁ ଗଛକଟା ଯିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

ହୋଇଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କ ଆଜ୍ଞାମାଳ ନେଇ ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ଦାଶ ଓ ଦେବୋତ୍ତର ମ୍ୟାନେଜର ହେମନ୍ତ କୁମାର ମହାପାତ୍ର ରଥକାଠ ନିମନ୍ତେ ଚିହ୍ନଟ ଆମ୍ବଗଛ ନିକଟରେ ପହଞ୍ଚିବା ପରେ କାଠ ଅନୁକୂଳ ହୋଇଥିଲା। ଖଣ୍ଡପଡା ତହସିଲଦାର ପାର୍ଥସାରଥି ହାଁସଦା, ନୟାଗଡ ବନଖଣ୍ଡ ଅଧିକାରୀ ଏଚ.ଡି. ଧନରାଜ, ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ବନପାଳ ଶ୍ରୀନିବାସ ଦାଶଙ୍କ ସମେତ ବନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୧୫ ଦିନ ମଧ୍ୟରେ ଆମ୍ବଗଛ ୨ଟିକୁ କଟାଯାଇ କାଠଗଣ୍ଡିଗୁଡିକୁ ଶ୍ରୀଲିଙ୍ଗରାଜ ଦେବଙ୍କ ମନ୍ଦିର ନିକଟସ୍ଥ ରଥଖଳାକୁ ପଠାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ପଣ୍ଡାଙ୍କଠାରୁ ପ୍ରକାଶ।

# ପ୍ରତି ଗାଁକୁ ବିଦ୍ୟୁତ୍ ଯୋଗାଣ ପାଇଁ ଗୃହ କମିଟିର ଗୁରୁତ୍ୱ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଶକ୍ତି ଉତ୍ପାଦନ ଓ ବିତରଣ ସମ୍ପର୍କିତ ଗୃହ କମିଟି ବୈଠକ ବିଧାନସଭା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ବିତରଣ ଉପରେ ଓଡ଼ିଶାର ସାମଗ୍ରିକ ସ୍ଥିତି ନେଇ ବିଶଦ ଆଲୋଚନା ହୋଇଛି। ଉନ୍ନତମାନର ବିଦ୍ୟୁତ୍ ଶକ୍ତି ଯୋଗାଣ ସହ ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବାଚସ୍ପତି ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ବିଦ୍ୟୁତ୍ କ୍ଷେତ୍ରରେ ରାଜ୍ୟର ସାମଗ୍ରିକ ସ୍ଥିତି ନେଇ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଟାଟା ପାୱାରର ଓଡ଼ିଶା ମୁଖ୍ୟ ସଞ୍ଜୟ ବାଙ୍ଗା ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଶକ୍ତି ସଚିବ କରିଛନ୍ତି, ରାଜ୍ୟରେ ୪୦୫୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଥିବା ସ୍ଥଳେ ୨୯୫୦ ମେଗାୱାଟ୍ ଶକ୍ତି ବିନିଯୋଗ ହେଉଛି। ଅବଶିଷ୍ଟ ଶକ୍ତି ନଷ୍ଟ ହେଉଛି, ଫଳରେ ଏ ଦିଗରେ ବହୁ କ୍ଷତି ସହିବାକୁ ପଡୁଛି। କେନ୍ଦ୍ର ସରକାର ଅକ୍ଷୟ ଶକ୍ତି ବିକାଶ ଉପରେ ଗୁରୁତ୍ୱ ଦେବା ସହ ଶକ୍ତି ଉତ୍ପାଦନର ଶତକଡ଼ା ୧୯ଭାଗ ୨୦୨୧ ଏବଂ ୨୦୨୨ ସୁଦ୍ଧା ଶତକଡା ୨୨ ଭାଗ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସେ ସୂଚନା ଦେଇଛନ୍ତି। ଏନ୍ଟିପିସି ଏବଂ ପିଟିସିଏଲ୍ ତରଫରୁ ରାଜ୍ୟର ୧୫ଟି ଲେଖାଏ ଜିଲାରେ ବିଦ୍ୟୁତୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ବାସ୍ତବ ସ୍ଥିତି ସମ୍ପର୍କରେ ଗ୍ରାମ ୱାରି ଏବଂ ପରିବାର ୱାରି ତଥ୍ୟ ରଖିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ସଂକ୍ରାନ୍ତୀୟ ସବ୍କମିଟି ତୁରନ୍ତ ବିଭିନ୍ନ ଜିଲା ଗସ୍ତକରି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଉପରେ ତର୍ଜମା କରିବ।

# ସ୍ୱପ୍ନରେ ଅଟକିଛି ସ୍ମାର୍ଟ ସିଟି: କଂଗ୍ରେସ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଭୁବନେଶ୍ୱରକୁ ସ୍ମାର୍ଟ କରିବା ପାଇଁ ୫ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱପ୍ନ ଦେଖାଇଥିଲେ। ବହୁତଳ କମର୍ସିଆଲ ମଲ୍, ଚିକ୍କଣ ରାସ୍ତା, ଆଲୋକମାଳାରେ ଝଲସୁଥିବା ଫୁଟ୍ପାଥ୍, ସ୍ମାର୍ଟ ଟଏଲେଟ୍ ବ୍ୟବସ୍ଥା, ବ୍ୟବସ୍ଥିତ ସ୍ୱେରେଜ ଶତାଧିକ ଭିତ୍ତିପ୍ରସ୍ତର ଶୁଭ ପଡ଼ିଥିଲା। ରାଜଧାନୀବାସୀ ବହୁ ସ୍ୱପ୍ନ ଦେଖିଥିଲେ। ଭାରତର ମାନଚିତ୍ରରେ ବିକଶିତ ସହର ହିସାବରେ ସ୍ୱଚ୍ଛ ସର୍ବେକ୍ଷଣର ମାପଦଣ୍ଡ ପାଇଁ କୋଟି କୋଟି ଟଙ୍କା ସରକାରୀ ତହବିଲ (ବିଏମ୍ସି ଓ ବିଡିଏ)ରୁ ରାହାଗିରି ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଗଲା। ବର୍ତ୍ତମାନ ୫ ବର୍ଷ ପୂରିଯାଇଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡିରହିଛି ବୋଲି କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଶ୍ମି କହିଛନ୍ତି, ବର୍ତ୍ତମାନ ନବୀନ ସରକାର ଫନୀ ମହାବାତ୍ୟା ଓ କୋଭିଡ୍କୁ ଦାୟୀ କରୁଛନ୍ତି। କିନ୍ତୁ ଭୁଲିଯାଉଛନ୍ତି ଜଳଉତ୍ସକୁ ସଜାଡିବା ଏବଂ ସ୍ୱେରେଜ ସଂଯୋଗୀକରଣ କାର୍ଯ୍ୟ ମଧ୍ୟ ୨୦୧୫ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଥିଲା। ତାହା ଅଧାପନ୍ତରିଆ ହୋଇପଡ଼ିଛି। ଜଳବନ୍ଦୀରେ ରାଜଧାନୀବାସୀ ଅତିଷ୍ଠ। ବିଭିନ୍ନ ଡ୍ରେନ ଖୋଲା ପଡିଥିବାରୁ ନାଳଗୁଡିକ ଅଳିଆ ଆବର୍ଜନାରେ ପୋତିହୋଇପଡିଛି। ଏସବୁ ପ୍ରକଳ୍ପକୁ ବର୍ଷାଦିନ ପୂର୍ବରୁ ଶେଷ କରିବା ପାଇଁ ସରକାରଙ୍କ ନିଘା ନାହିଁ। ସ୍ମାର୍ଟ ସିଟିର ନାମ କେବଳ ଫଳକରେ ରହିଯାଇଛି। ବିଭିନ୍ନ ଲେନ୍ , କେନାଲବନ୍ଧ ଓ ନଦୀବନ୍ଧଗୁଡିକ ଉପରେ ଆଲୋକୀକରଣର ବ୍ୟବସ୍ଥା ନ ଥିବାରୁ ଅପରାଧ ବୃଦ୍ଧି ପାଉଛି। ମହିଳାଙ୍କ ଉପରେ ଆକ୍ରମଣ, ଛିନ୍ତାଇ, ହତ୍ୟା ଭଳି ଆପରାଧିକ ଘଟଣା ଘଟୁଛି। ରାଜଧାନୀ ବାସିନ୍ଦାଙ୍କ ଉପରେ ମନଇଚ୍ଛା ବିଏମ୍ସିର ହୋଲ୍ଡିଂ ଟ୍ୟାକ୍ସ ଲଦି ଦିଆଯାଇଛି। ଏସବୁର ପ୍ରତିକାର ନ ହେଲେ ଦଳ ଚୁପ୍ ହୋଇ ବସିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।

# ବଜେଟ ଉପରେ ଭାଜପା କରିବ ବୁଦ୍ଧିଜୀବୀ ସମ୍ମିଳନୀ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରର ଦ୍ୱିତୀୟ ପାଳିର ତୃତୀୟ ଆର୍ଥିକ ବଜେଟ ଗତ ୧ ତାରିଖରେ ଆସିଛି । ଦେଶର ଚାଷଠାରୁ ଆରମ୍ଭକରି ମହାକାଶ ଗବେଷଣା ପର୍ଯ୍ୟନ୍ତ ବିକାଶ ଓ ପ୍ରଗତି ଦିଗରେ ଗୁରୁତ୍ୱ ବହନ କରୁଥିବା ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ଏହି ବଜେଟ ବ୍ୟକ୍ତିବିଶେଷ,ନିବେଶକ, ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ର ପାଇଁ ସକାରାତ୍ମକ ପରିବର୍ତ୍ତନ ଆଣିବ। ବଜେଟ ଉପରେ ଭାଜପା ବୁଦ୍ଧିଜୀବୀ ସମ୍ମିଳନୀ ପକ୍ଷରୁ ୭ ତାରିଖ ସନ୍ଧ୍ୟା ୫ ଟାରେ ଏକ ଆଲୋଚନାଚକ୍ର ଉତ୍କଳ ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟି ସଭାଗୃହଠାରେ ଅନୁଷ୍ଠିତ ହେବ। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉପସ୍ଥିତ ରହି ବଜେଟ ଉପରେ ବିସ୍ତୃତ ଭାବେ ଆଲୋଚନା କରିବେ। ଏଥିରେ ବୁଦ୍ଧିଜୀବୀମାନେ ସାମିଲ ହେବା ପାଇଁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ପ୍ରସାଦ ମହାପାତ୍ର ନିବେଦନ କରିଛନ୍ତି ।

# ଡିଜିଟାଲାଇଜଡ୍ ଟିକସ ବ୍ୟବସ୍ଥା ଆରମ୍ଭ

## ଜାତୀୟ ମଡେଲ ଭାବେ ପ୍ରମାଣ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଅମୃତ ଯୋଜନାରେ ସାମିଲ ହୋଇଛି ଓଡ଼ିଶାର ୯ ସହର। ସହରାଞ୍ଚଳର ପାଇପ୍ ପାଣି ଯୋଗାଣରେ ଜାତୀୟସ୍ତରରେ ଲଗାତାର ପ୍ରଥମ ସ୍ଥାନ ଅଧିକାର କରିଆସୁଛି ରାଜ୍ୟ। ଏହି ପରିପ୍ରେକ୍ଷୀରେ ହୋଲ୍ଡିଂ ଟିକସ ସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି ଶୁଭାରମ୍ଭ ହୋଇଛି ଡିଜିଟାଲାଇଜଡ୍ ଟିକସ ବ୍ୟବସ୍ଥା ଏମ୍.ପି.ଏଲ-୨.୦। ଏହାକୁ ଲୋକାର୍ପିତ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ଏହାଦ୍ୱାରା ଟିକସ ସଂଗ୍ରହ ବ୍ୟବସ୍ଥା ସ୍ୱଚ୍ଛ ହେବ। ଏହାକୁ ଜାତୀୟ ମଡେଲ ଭାବେ ପ୍ରମାଣିତ କରିବାକୁ ପଡ଼ିବ। ଟିକସଦାତା, ଜନତା, ଟିକସ ସଂଗ୍ରହକାରୀଙ୍କ ସହଯୋଗରେ ଏହା ସମ୍ଭବ ବୋଲି ସେ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଭର୍ଚୁଆଲ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ଯୋଗଦେଇ କହିଲେ, ଅମୃତ ଯୋଜନା ଅନ୍ତର୍ଭୁକ୍ତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ, ବାଲେଶ୍ୱର, ବାରିପଦା ଏବଂ ଭଦ୍ରକରେ ଏହି ବ୍ୟବସ୍ଥା ଲାଗୁ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷ ତୁଳନାରେ ୨୦୧୯-୨୦ରେ ୩୭% ଅଧିକ ରାଜସ୍ୱ ସଂଗ୍ରହ ହୋଇଛି। ନୂତନ ବ୍ୟବସ୍ଥାକୁ ଏମ୍.ପି.ଏଲ-୨.୦ ଭାବେ ବିକଶିତ କରି ୧୧୪ ସହରାଞ୍ଚଳକୁ ସମ୍ପ୍ରସାରିତ କରାଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କହିଛନ୍ତି, ଏହି ବ୍ୟବସ୍ଥାରେ ୯୦୦ରୁ ଉର୍ଦ୍ଧ୍ୱ ଟ୍ୟାକ୍ସ ଅଧିକାରୀ, ମିଶନ ଶକ୍ତି ସଦସ୍ୟ ସାମିଲ ହେବେ। ସେମାନଙ୍କ ମଧ୍ୟରେ ସକାରାତ୍ମକ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରାଇବାର ଏହାର ଉଦ୍ଦେଶ୍ୟ। ଦୈନିକ ଟିକସ ସଂଗ୍ରହ ସମ୍ପର୍କିତ ତଥ୍ୟ ପୋର୍ଟାଲରେ ଅପ୍ଲୋଡ୍ ହେବ। ମହାନଗର ନିଗମ, ପୌର ପରିଷଦ, ବିଜ୍ଞପିତ ଅଞ୍ଚଳ ପରିଷଦରେ ବିଭକ୍ତ କରି ୨୧ ପୁରସ୍କାର ଏବଂ ମାନ୍ୟତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା।

# ନକଲି କେଶ କଳା ଜବତ



ଜବତ ହୋଇଥିବା ନକଲି କେଶ କଳା।

**ଉମରକୋଟ, ୫।୨(ସ୍ୱ.ପ୍ର.)**


ଉମରକୋଟ ପୋଲିସ ବିଭିନ୍ନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ନକଲି କେଶ କଳା ଜବତ କରିଛି। ସେଗୁଡିକୁ ଜବତ କରିବା ସହ ବ୍ୟବସାୟୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନ କେତେଜଣ ଅଧିକାରୀଙ୍କୁ ନେଇ ଗୋଟିଏ ଟିମ୍ ଗଠନକରି ଶୁକ୍ରବାର ସକାଳୁ କେତେକ ଦୋକାନ ଉପରେ ଚଢାଉ କରିଥିଲେ। ସ୍ଥାନୀୟ ପୁରୁଣା ବ୍ୟାଙ୍କ୍ ରୋଡ୍ସ୍ଥିତ ଅରୁଣ ଫାନ୍ସି ଷ୍ଟୋର ଓ କୋଣ୍ଡାଗାଁ ରୋଡ୍ର ମାସ୍ଅଲ୍ଲାହା ଫାନ୍ସି ଷ୍ଟୋରରୁ ନକଲି ସୁପର ଭାସମାଲ ୩୩ କେଶକଳା ମିଳିଥିଲା। ପୋଲିସ ଉକ୍ତ କେଶ କଳା ଜବତ କରିବା ସହ ଅରୁଣ ଫାନ୍ସି ଷ୍ଟୋର ମାଲିକ ଅରୁଣ ବଂଶଲ୍ ଓ ମାସ୍ଅଲ୍ଲାହା ଫାନ୍ସି ଷ୍ଟୋର ମାଲିକ ଶୈଖ ମିଥୁନଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଉକ୍ତ ଦୁଇ ଦୋକାନୀ କେଉଁଠାରୁ ଏହି ନକଲି କେଶ କଳର କିଣୁଥିଲେ, ସେମାନେ କେଉଁ କେଉଁ ଦୋକାନକୁ ଏହା ଯୋଗାଉଛନ୍ତି ପୋଲିସ ସେ ସବୁ ପଚାରିବୁଝୁଛି। ଏହି ନକଲି ସାମଗ୍ରୀ ଯାଞ୍ଚ ପ୍ରକ୍ରିୟା ଆଗକୁ ଆହୁରି ଜୋର୍ଦାର କରାଯିବ। ଜବତ କେଶ କଳାର ଆନୁମାନିକ ମୂଲ୍ୟ ୩୦ ହଜାର ହେବ ବୋଲି ପୋଲିସ ସୂଚନା ଦେଇଛି।



ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଫିଲ୍ମରେ କ୍ୟାରିୟର ଆରମ୍ଭବେଳେ ଅଭିନେତ୍ରୀ କରିଷ୍ମା କପୁରଙ୍କ ସହ ନିର୍ବନ୍ଧ କରିଥିଲେ। ହେଲେ ଉଭୟଙ୍କ ବାହାଘର ହୋଇପାରି ନ ଥିଲା। ରିପୋର୍ଟ ମୁତାବକ, ଏଥିପାଇଁ କରିଷ୍ମାଙ୍କ ମା' ବବିତା ରାଜି ନ ଥିଲେ। ସେତେବେଳେ କରିଷ୍ମା ଜଣେ ଆଗ ଧାଡ଼ିର ନାୟିକା ଥିବାବେଳେ ଅଭିଷେକ ପରିଚୟ ତିଆରି କରିବା ଆରମ୍ଭ କରୁଥିଲେ। ଫଳରେ ଅଭିଷେକ ଓ କରିଷ୍ମାଙ୍କ ସମ୍ପର୍କ ଆଗକୁ ବଢ଼ି ପାରି ନ ଥିଲା।

# ନିର୍ଦ୍ଦେଶ ଲୋଡ଼ିବନି ରୋବୋ

**ପୃଥିବୀ ବାହାରେ ମଣିଷ ବସବାସ କରିବା ଉଦ୍ୟମରେ ଲାଗି ପଡିଛନ୍ତି ବୈଜ୍ଞାନିକ। ପରିବେଶ ମାନବ ଉପଯୋଗୀ କି ନା ତାହାର ନିରୀକ୍ଷଣ ପାଇଁ ରୋବୋଟ ନିର୍ମାଣକୁ ଦିଆଯାଉଛି ପ୍ରାଧାନ୍ୟ। ହେଲେ ମଣିଷ ନିୟନ୍ତ୍ରଣ କରୁଥିବା ରୋବୋଟ ଆବଶ୍ୟକତା ଅନୁଯାୟୀ ସ୍ୱୟଂସକ୍ଷମ ହୋଇପାରୁ ନ ଥିବାରୁ ଅନେକ ଜିନିଷ ଉପରେ ଅଧ୍ୟୟନ କଷ୍ଟକର ହୋଇପଡୁଛି। ବିଶେଷ କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରୋବୋ କାର୍ଯ୍ୟ କରିବାର ଆବଶ୍ୟକତା ବଢ଼ିଥିବା ବୈଜ୍ଞାନିକମାନେ ଚିନ୍ତା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରିସର୍ଚ୍ଚର ଲାଗିପଡ଼ିଛନ୍ତି ନିର୍ମାଣ କରିବାକୁ ସ୍ୱୟଂଚାଳିତ ବା ଅଟୋନୋମସ୍ ରୋବୋ, ଯାହା କି ଅନୁସନ୍ଧାନକୁ ଆହୁରି ସହଜ କରିବ ବୋଲି ଆଶା କରାଯାଉଛି।**



**ନୂଆଦିଲ୍ଲୀ:** ଅନ୍ୟ ଗ୍ରହରେ ମାନବ ବସତି ସ୍ଥାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ରୋବୋ। ଏହାକୁ ଦୃଷ୍ଟିରେ ରଖି ରୋବୋ ପ୍ରସ୍ତୁତକାରୀ ସଂସ୍ଥା ଏବେ ପ୍ରତିଯୋଗିତାମୂଳକ ଭାବେ କାମରେ ଲାଗିପଡ଼ିଛନ୍ତି। ତେବେ କେବଳ ମଣିଷ ନିର୍ଦ୍ଦେଶରେ ନୁହେଁ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କିପରି ରୋବୋ କାର୍ଯ୍ୟକ୍ଷମ ହୋଇପାରିବ ସେ ଉପରେ ବୈଜ୍ଞାନିକମାନେ ଗୁରୁତ୍ୱ ଦେଇଛନ୍ତି। ଦି କନଭର୍ସେଶନରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏବେ ଏଭଳି ରୋବୋଟ ନିର୍ମାଣରେ ଜୋରଦାର ପ୍ରୟାସ ଜାରି ଥିବା ରିସର୍ଚ୍ଚରମାନେ ସୂଚନା ଦେଇଛନ୍ତି।

ରୋବୋଟିକ୍ସ ଓ କମ୍ପ୍ୟୁଟର ବୈଜ୍ଞାନିକଙ୍କ ମିଳିତ ଉଦ୍ୟମରେ ୩-ଡି ପ୍ରିଣ୍ଟରରେ ଏପରି ରୋବୋଟ ନିର୍ମାଣ କରାଯାଉଛି, ଯାହାକି ସ୍ୱୟଂଚାଳିତ ଭାବେ ସଂକଳିତ। ପରିବର୍ତ୍ତିତ ତଥା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବିନା ନିର୍ଦ୍ଦେଶରେ ଏହା ନିଜକୁ ପରିବେଶ ସହ ଖାପ ଖୁଆଇପାରିବ। ଏହି ରୋବୋ ଭବିଷ୍ୟତରେ ଏପରି ସ୍ଥାନରେ ମଣିଷ ପାଇଁ ବାସସ୍ଥାନ ନିର୍ମାଣ କରିପାରିବ, ଯାହା କେହି କେବେ ବି ଭାବି ନ ଥିବେ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି। ମଣିଷ ଭଳି ପରିବହନ, ନିର୍ମାଣ ଆଦି କାମରେ ମଧ୍ୟ ଏହାକୁ ନିୟୋଜିତ କରାଯାଇପାରିବ।

## ନିଜ ବିକାଶ ନିଜେ କରିବ

ବାହ୍ୟ ଗ୍ରହ, ସମୁଦ୍ର ଭଳି ସ୍ଥାନ ଯେଉଁଠି ମଣିଷ ସହଜରେ ଅନୁସନ୍ଧାନ କରିବା ସମ୍ଭବ ନୁହେଁ, ସେଠାରେ ମଧ୍ୟ ଏଭଳି ରୋବୋକୁ ନିୟୋଜିତ କରାଯାଇପାରିବ। ଏପରିକି ରୋବୋ କୌଣସି ସ୍ଥାନର ଜଳବାୟୁ ତଥା ପ୍ରକୃତିକୁ ବୁଝିବା ସହଜ କରାଯିବାକୁ ରିସର୍ଚ୍ଚରମାନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି। ଏଥିସହ ୩-ଡି ନିର୍ମାଣ ପଦ୍ଧତି ଦ୍ୱାରା ଏପରି ରୋବୋର ଡିଜିଟାଲ କ୍ଲୋନିଂ ବା କପି ମଧ୍ୟ କରାଯିବ। ଏଥିପାଇଁ ନିର୍ଦ୍ଦିଷ୍ଟ ହାର୍ଡୱେର ଓ ସଫ୍ଟୱେର ବିକଶିତ ହେବ, ଯାହାଦ୍ୱାରା ପରିବେଶ ଅନୁସାରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଏହି ରୋବୋ ଡାଟା ସଂଗ୍ରହ କରିବ ଏବଂ ନିଜକୁ ସେହି ଅନୁସାରେ ବିକଶିତ କରି ଏକ ନୂଆ ରୋବୋରେ ପରିଣତ କରିପାରିବ। ଫଳରେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏହା କାର୍ଯ୍ୟ କରିବ ଓ ଅନୁସନ୍ଧାନକାରୀଙ୍କୁ ଠିକ୍ ତଥ୍ୟ ମିଳିପାରିବ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏଭଳି ରୋବୋ ନିର୍ମାଣ ବୈଜ୍ଞାନିକଙ୍କ ପାଇଁ ବେଶ ଆହ୍ୱାନପୂର୍ଣ୍ଣ। ସଫଳତା ମିଳିଲେ ମଧ୍ୟ ଏଥିଯୋଗୁ ସୃଷ୍ଟି ହେବାକୁ ଥିବା ନକରାତ୍ମକ ପ୍ରଭାବକୁ ଏଡ଼ାଇବା ଦିଗରେ ପଦକ୍ଷେପ ନେବାକୁ ପଡ଼ିବ।

# ପୂରଣ ହେଲା ଜ୍ୟାକ୍ଲିନଙ୍କ ସ୍ୱପ୍ନ



**ମୁମ୍ବାଇ:** ବଲିଉଡ ନାୟିକା ଜ୍ୟାକଲିନ ଫର୍ଣ୍ଣାଡିଜ ଏବେ ଖୁବ୍ ବ୍ୟସ୍ତ । ନିକଟରେ ସେ ଶୈଫ ଅଲ୍ଲୀ ଖାଁଙ୍କ ସହ ଫିଲ୍ମ 'ଭୂତ ପୋଲିସ'ର ଶୁଟିଂ କରି ସାରିଛନ୍ତି। ଏହାସହ ସେ ନିର୍ଦ୍ଦେଶକ ରୋହିତ ସେଟ୍ଟି ଓ ଅଭିନେତା ରଣବୀର ସିଂଙ୍କ ସହ କାମ କରିବାକୁ ଯାଉଛନ୍ତି। ଫିଲ୍ମ 'ସର୍କସ'ରେ ସେମାନେ ଏକାଠି କାମ କରିବେ ବୋଲି ଜ୍ୟାକଲିନ କହିଛନ୍ତି । ରୋହିତ ସେଟ୍ଟି ଓ ରଣବୀର ସିଂଙ୍କ ସହ କାମ କରିବା ତାଙ୍କର ସ୍ୱପ୍ନ ଥିଲା ଯାହା ଏବେ ପୂରଣ ହୋଇଛି ବୋଲି ଜ୍ୟାକଲିନ୍ କହିଛନ୍ତି। ଆଉ ଏହାକୁ ନେଇ ସେ ଖୁବ ଉତ୍ସାହୀ ଥିବା ପ୍ରକାଶ କରିଛନ୍ତି । ରଣବୀରଙ୍କ ସହ କାମ କରିବାକୁ ନେଇ ଜ୍ୟାକଲିନ କୁହନ୍ତି, ସେ ସବୁବେଳେ ସକ୍ରିୟ ଓ ସକାରାତ୍ମକ ମୁଡରେ ରହିଥାଆନ୍ତି । ତେଣୁ ତାଙ୍କ ସହ କାମ କରିବାକୁ ବହୁତ ଇଚ୍ଛା ଥିଲା । କ୍ୟାମେରା ଅନ୍ ହେବା ପରେ ରଣବୀର ଓ ସେ ପରସ୍ପର ମଧ୍ୟରେ ଠିକ ଭାବେ ତାଳମେଳ ରଖି କାମ କରିଥାନ୍ତି। ସେଥିପାଇଁ ନିର୍ଦ୍ଦେଶକଙ୍କର କୌଣସି ପ୍ରଶ୍ନର ଶିକାର ହେବାକୁ ପଡ଼େ ନାହିଁ ବୋଲି ଜ୍ୟାକଲିନ ପ୍ରକାଶ କରିଛନ୍ତି। ପ୍ରଥମରୁ କିନ୍ତୁ ରଣବୀରଙ୍କ ସହ ଅଭିନୟ କରିବାକୁ ନେଇ ସେ ନର୍ଭସ ଥିଲେ। ହେଲେ ପରେ ସବୁକିଛି ଠିକ୍ ହୋଇଯାଇଛି। ବଚ୍ଚନ ପାଣ୍ଡେ, କିକ୍-୨, ଭୂତ ପୋଲିସ ଭଳି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ନିକଟତର ହୋଇଥିବା ଜ୍ୟାକଲିନ ଫିଲ୍ମ 'ସର୍କସ'କୁ ନେଇ ମଧ୍ୟ ଆଶାବାଦୀ ବୋଲି କହିଛନ୍ତି ।

# ୪୪୦୦ କୋଟିର ମାଲିକାଣୀ ରିହାନା



**ୱାଶିଂଟନ୍:** ଭାରତରେ ଚାଲିଥିବା କୃଷକ ଆନ୍ଦୋଳନ ସମର୍ଥନରେ ଟ୍ୱିଟ୍ କରି ବେଶ୍ ଚର୍ଚ୍ଚାରେ ଅଛନ୍ତି ଅନ୍ତର୍ଜାତୀୟ ପପ୍ ଷ୍ଟାର ରିହାନା। ବାର୍‌ବାଡୋସର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ରିହାନା ପପ୍ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ବେଶ୍ ପ୍ରତିଷ୍ଠିତ ହୋଇପାରିଛନ୍ତି। ତାଙ୍କର ପ୍ରଥମ ଆଲବମ୍ ଗୀତ 'ଅମ୍ବ୍ରେଲା' ଗ୍ରାମୀ ଆୱାର୍ଡ ପାଇଥିଲା।

୧୫ ବର୍ଷ ବୟସରେ ରିହାନା ନିଜର ଦୁଇ କ୍ଲାସ୍‌ମେଟଙ୍କ ସହ ମିଶି ଏକ ଗର୍ଲ ଗ୍ରୁପ୍ କରିଥିଲେ। ସେ ମ୍ୟୁଜିକ୍ ପ୍ରଡ୍ୟୁସର ଇବାନ ରୋଜର୍ସଙ୍କଠାରେ ଅଡିଶନ ଦେଇଥିଲେ। ଯିଏ କି ତାଙ୍କ ସ୍ତ୍ରୀଙ୍କ ସହ ବାରବାଡୋସ ବୁଲିବାକୁ ଆସିଥିଲେ। ରିହାନାଙ୍କ କଣ୍ଠସ୍ୱର ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ଯେତେବେଳେ ରିହାନା ୧୬ ବର୍ଷର ହୋଇଥିଲେ ସେତେବେଳେ ସେ ବାର୍‌ବାଡୋସ ଛାଡ଼ି ଆମେରିକା ଚାଲିଗଲେ। ରିହାନାଙ୍କ ପିଲାଦିନ ଖୁବ୍ ଯନ୍ତ୍ରଣାଦାୟକ ଥିଲା। ତାଙ୍କର ପିତା ନିଶାଖୋର ଥିଲେ। ଯେଉଁଥିପାଇଁ ରିହାନାଙ୍କ ମାତାପିତାଙ୍କର ଛାଡ଼ପତ୍ର ହୋଇଥିଲା। ରିହାନା ଏମିନେମ୍, କୋଲଭିନ୍ ହ୍ୟାରିସ, କେନି ବେଷ୍ଟ, ଜେ-ଜୀଙ୍କ ପରି ବଡ଼ ବଡ଼ ପ୍ରତିଭାମାନଙ୍କ ସହ କାମ କରି ବେଶ୍ ସଫଳତା ସାଉଁଟିଛନ୍ତି। କିଛିଦିନ ପୂର୍ବରୁ ସେ କରୋନା ମହାମାରୀ ସମୟରେ ୮ ମିଲିୟନ ଡଲାର ସହାୟତା ଦେଇଥିଲେ। ରିହାନା ଆଜିର ସମୟରେ ୬୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪୪୦୦ କୋଟିର ମାଲିକାଣୀ ହୋଇଛନ୍ତି। ମେକ୍‌ଅପ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ବ୍ରାଣ୍ଡରୁ ସେ ପ୍ରଚୁର ମାତ୍ରାରେ ରୋଜଗାର କରୁଛନ୍ତି।

# ୧୬ ଯୁବକଙ୍କୁ ପ୍ରେମରେ ଫସାଇଲେ

**ପୁଣେ:** କରୋନା ମହାମାରୀବେଳେ ଟଙ୍କା ରୋଜଗାର ପାଇଁ ଅଜବ ଉପାୟ ବାଛିଥିଲେ ଜଣେ ଯୁବତୀ। ଡେଟିଂ ଆପ୍ ଜରିଆରେ ୧୬ ଜଣ ଯୁବକଙ୍କୁ ପ୍ରେମ ଜାଲରେ ଫସାଇ ସେମାନଙ୍କଠାରୁ ଟଙ୍କା ଲୁଟିଥିବା ଘଟଣା ସାମ୍ନାକୁ ଆସିଛି। ପୁଣେର ପିମ୍ପରି ଚିଞ୍ଚୱାଡ଼ର ଏକ ଆପାର୍ଟମେଣ୍ଟରେ ରୁହନ୍ତି ସୟାଲି କାଲେ। ସେ ଜଣେ ଦ୍ୱିତୀୟ ବର୍ଷ ବିସିଏ ଡ୍ରପ ଆଉଟ ଛାତ୍ରୀ। ଲକ୍‌ଡାଉନ ସମୟରେ ତାଙ୍କର ଚାକିରି ଚାଲିଯାଇଥିଲା। ତେଣୁ ସେ ଟଙ୍କା ରୋଜଗାର କରିବାକୁ ଭୁଲ ବାଟ ବାଛି ନେଇଥିଲେ, ଯେଉଁଟି ଥିଲା ଅନ୍‌ଲାଇନ ଡେଟିଂ। ଗତ ସପ୍ତାହରେ ଆଶିଷ ନାମକ ଚେନ୍ନାଇର ଜଣେ ଯୁବକ ପୋଲିସ ନିକଟରେ ଅଭିଯୋଗ କରବା ପରେ ଘଟଣା ଜଣାପଡ଼ିଛି। ସୟାଲି ଯୁବକଙ୍କୁ ଭେଟିବାକୁ ହୋଟେଲକୁ ଡାକୁଥିଲେ ଏବଂ ନିଶା ଦେଇ ତାଙ୍କଠାରୁ ଲୁଟ୍ କରି ଫେରାର ହୋଇଯାଉଥିଲେ। ଏପରି କରି ସେ ୧୬ ଜଣଙ୍କଠାରୁ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ପରେ ତାଙ୍କଠାରୁ ୧୫ ଲକ୍ଷ ଟଙ୍କା ଜବତ କରାଯାଇଛି।

# କଣ୍ଢେଇକୁ ହୀରା ମୁଦି



**ନୂଆଦିଲ୍ଲୀ:** କୁହାଯାଏ ପ୍ରେମରେ ମଣିଷ ଅନ୍ଧ ପାଲଟିଯାଏ। ପ୍ରେମରେ କୌଣସି ଜାତି ଧର୍ମ କି ବୟସର ବି ମାନେ କିଛି ନ ଥାଏ। ଆଜିକାଲି ସମଲିଙ୍ଗୀ ପ୍ରେମକୁ ବି ସ୍ୱୀକୃତି ଦିଆଗଲାଣି। କିନ୍ତୁ କଣ୍ଢେଇ ସାଙ୍ଗେ ପ୍ରେମ କଥା କେବେ ଶୁଣିଛନ୍ତି କି? ଏମିତି ଏକ କଣ୍ଢେଇକୁ ପ୍ରେମ କରି ଏବେ ଢେର୍ ଚର୍ଚ୍ଚିତ ହୋଇଛନ୍ତି ହଂକଂର ଜଣେ ବ୍ୟକ୍ତି। ହଂକଂର ୩୬ ବର୍ଷୀୟ ସାଇ ଟିୟାନରଙ୍ଗ ଏବେ ଏକ ସେକ୍ସ କଣ୍ଢେଇକୁ ଭଲ ପାଇ ବସିଛନ୍ତି। ଆଉ ସେ କଣ୍ଢେଇକୁ ବିବାହ କରିବା ପାଇଁ ତା' ସହିତ ନିର୍ବନ୍ଧ ବି କରି ସାରିଛନ୍ତି। ଖାଲି ସେତିକି ନୁହେଁ ସାଇ ତାଙ୍କର ଏହି କଣ୍ଢେଇ ପ୍ରେମିକାକୁ ନିର୍ବନ୍ଧ ପରେ ମୁହଁ ଦେଖା ବିଧି ରକ୍ଷା ପାଇଁ ଏକ ଆଇଫୋନ୍ ଗିଫ୍ଟ ଦେଇଛନ୍ତି ଏବଂ ନିର୍ବନ୍ଧରେ କଣ୍ଢେଇକୁ ପିନ୍ଧାଇଛନ୍ତି ହୀରା ମୁଦି। ଏହା ସହିତ ଦାମୀ ପୋଷାକ ଆଉ ଜୋତା ଆଦି ମଧ୍ୟ କଣ୍ଢେଇ ପାଇଁ କିଣି ଦେଇଛନ୍ତି। ସାଇ ପ୍ରଥମେ ନିଜର ଖୁସି ପାଇଁ ଏହି କଣ୍ଢେଇ କିଣି ଘରକୁ ଆଣିଥିଲେ। କିନ୍ତୁ ପରେ ସେ ଅନୁଭବ କରିଥିଲେ କି ସେହି କଣ୍ଢେଇ ହେଉଛି ତାଙ୍କର ସୁଖଦୁଃଖର ସାଥୀ । ତେଣୁ ସେ କଣ୍ଢେଇ ସହ ନିର୍ବନ୍ଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସାଇ ତାଙ୍କ ମା'ବାପାଙ୍କ ସହିତ ରହୁଛନ୍ତି, ତେଣୁ ଏଭଳି ଏକ ବିବାହ ପାଇଁ ତାଙ୍କୁ ପ୍ରଥମେ ସମସ୍ତଙ୍କୁ ବୁଝାଇବାକୁ ପଡ଼ିଥିଲା। ତାଙ୍କ କହିବା ଅନୁସାରେ କୌଣସି ଯୁବତୀ ସହ ବିବାହ କରିବା ବଦଳରେ କଣ୍ଢେଇ ସହିତ ବିବାହ କରିବା ବେଶି ସହଜ। କାରଣ କଣ୍ଢେଇ ତାଙ୍କ ସହିତ ଆଦୌ ଝଗଡ଼ା କରିବ ନାହିଁ କିମ୍ବା ଝିଅମାନଙ୍କ ଭଳି କଣ୍ଢେଇର ନିଜର କିଛି ଆବଶ୍ୟକତା ବି ନାହିଁ। ତେଣୁ କଣ୍ଢେଇକୁ ବିବାହ କରି ସେ ନିଜ ସ୍ୱପ୍ନ ପୂରା କରିପାରିଛନ୍ତି।

୨୩ତମ ବିବାହ ବାର୍ଷିକୀ ଉପଲକ୍ଷେ ଅଭିନନ୍ଦନ



ଶ୍ରୀଯୁକ୍ତ ଅନନ୍ତ ରଥ ଓ ଶ୍ରୀମତୀ ସୁଭାସିନୀ ରଥଙ୍କ ୨୩ତମ ବିବାହ ବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମେ ଏତିକି ପ୍ରାର୍ଥନା କରୁଛୁ କି ଆପଣମାନେ ଏମିତି ଆମ ସହିତ ହସ ଖୁସିରେ ଚିରଦିନ ପାଇଁ ରହିଥାନ୍ତୁ।
-:ଶୁଭେଚ୍ଛା ସହ:-
ଟୁମି, ସୋମା, ସ୍ୱିଟି, ନନ୍ଦିନୀ, ଗୁଡ଼ି, ରିଙ୍କୁ, ସୋନୁ, ବନ୍ଧୁ ଓ ପରିବାରବର୍ଗ
ସ୍ଥାନ- ୟୁନିଟ୍-୯, ଭୁବନେଶ୍ୱର
ଧ-୩୮୪୭୫

# ଗୋଟିଏ ଗଛରେ ୨ ପ୍ରକାର ପରିବା



**ବାରାଣସୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରେ ବିଶେଷଜ୍ଞ ଏପରି ଗଛ ଲଗାଇଛନ୍ତି ଯେଉଁଥିରୁ ୨ ପ୍ରକାର ପନିପରିବା ଉତ୍ପାଦନ ସମ୍ଭବ ହୋଇଛି। ଗ୍ରାଫ୍ଟିଙ୍ଗ ପଦ୍ଧତିରେ ଗୋଟିଏ ଗଛରେ ଏକ ସଙ୍ଗରେ ଆଳୁ ଓ ବାଇଗଣ ଏବଂ ଆଉ ଏକ ଗଛରେ ବାଇଗଣ ସହ ଟମାଟୋ ମଧ୍ୟ ଫଳୁଛି। ବାରାଣସୀସ୍ଥିତ ଭେଜିଟେବୁଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ପ୍ରମୁଖ ବୈଜ୍ଞାନିକ ଡ. ଆନନ୍ଦ ବାହାଦୂର ସିଂଙ୍କ କହିବା ମୁତାବକ, ଏପରି ସ୍ୱତନ୍ତ୍ର ଗଛର ଚାରା ୨୪ରୁ ୨୮ ଡିଗ୍ରୀ ତାପମାତ୍ରା ଏବଂ ୮୫ ପ୍ରତିଶତରୁ ଅଧିକ ଆର୍ଦ୍ରତା ବିଶିଷ୍ଟ ଜଳବାୟୁରେ ବିନା ସୂର୍ଯ୍ୟକିରଣରେ ନର୍ସରୀରେ ପ୍ରସ୍ତୁତ କରାଯାଏ। ଗ୍ରାଫ୍ଟିର ପ୍ରାୟ ୧୫ରୁ ୨୦ ଦିନ ପରେ ଚାରାରୋପଣ କରାଯାଇଥାଏ। ବର୍ଷା ପରେ ଦୀର୍ଘ ଦିନ ଧରି ପାଣି ଜମିରହୁଥିବା ଜାଗାରେ ଏହି ପଦ୍ଧତିରେ ଚାଷ କରିବା ସହଜ। ଏଥିସହ କମ୍ ଜାଗାରେ ଚାଷ କରିବାକୁ ଚାହୁଁଥିବା ସହରବାସୀଙ୍କ ପାଇଁ ଏହି ପଦ୍ଧତି ବିଶେଷ ଉପାଦେୟ।

# ହଗ୍ ଟେଣ୍ଟ

**ନୂଆଦିଲ୍ଲୀ:** ଏମିତି ଏକ ସ୍ଥାନ ଯେଉଁଠି ଥାଏ ଆପଣାପଣ ଆଉ ନିବିଡତାର ମଧୁର ମିଳନ। ସତେ ଯେମିତି କାହିଁ କେତେ ଦିନର ଅପେକ୍ଷାକୁ ଶେଷ କରି ଜୀବନରେ ଭରିଯାଏ ହସଖୁସିର ଫୁଆର। ଏଭଳି ଅନେକ ଖୁସିର ମୁହୂର୍ତ୍ତକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରୁଛି ହଗ୍ ଟେଣ୍ଟ। ସାଧାରଣ ଲୋକଙ୍କ ପାଇଁ ହଗ୍ ଟେଣ୍ଟର ସୁବିଧା ମିଳୁଛି ଆମେରିକାର ଲୁଇସ୍‌ଭ୍ୟାଲିରେ। ବୟସ୍କମାନଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ଏହି ଟେଣ୍ଟରେ ହଗ୍‌ର ସୁବିଧା ଆଣି ପାରିବେ। ବିଶେଷକରି ବୟସ୍କମାନେ ଏକୁଟିଆପଣର ଶିକାର ହୋଇ ଅନେକ ସମୟରେ ଅତି କଷ୍ଟରେ ଜୀବନ କଟାଇଥାନ୍ତି। ସେହିଭଳି ଲୋକଙ୍କ ପାଇଁ ଏହି ହଗ୍ ଟେଣ୍ଟ ହିଁ ଏକ ଚିକିତ୍ସା ଥେରାପି ଭଳି କାମ ଦେଉଛି। ଲୋକଙ୍କ ପାଇଁ ମାଗଣାରେ ଏଭଳି ଟେଣ୍ଟର ସୁବିଧା କରାଯାଇଛି। କରୋନା ଭାଇରସ୍ ପାଇଁ ଅନେକେ ନିଜ ଆତ୍ମୀୟମାନଙ୍କଠାରୁ ବି ମାସ ମାସ ଧରି ଅଲଗା ରହିଛନ୍ତି। ତେଣୁ ସେମାନଙ୍କ ପାଇଁ ମଧ୍ୟ ଏହି ହଗ୍ ଟେଣ୍ଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହଗ୍ ଟେଣ୍ଟ ଭିତରକୁ ଯିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ପ୍ଲାଷ୍ଟିକର ଆବରଣ ଭିତରେ ରଖି ଟେଣ୍ଟ ଭିତରକୁ ଯିବାର ଅନୁମତି ଦିଆଯାଇଥାଏ। ଏହି ହଗ୍ ଟେଣ୍ଟକୁ ବୁଲିବାକୁ ଯାଇ ଏବେ ବୟସ୍କମାନେ ତାଙ୍କ ଆତ୍ମୀୟମାନଙ୍କର ନିକଟତର ହୋଇପାରୁଥିବା ଏବଂ ଏଥିପାଇଁ ସେମାନେ ବେଶ୍ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GLOBAL FINANCE
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଇନା



ରାୟନ
୭ ବର୍ଷ

# ସ୍କୁଲ ଯିବୁ କେବେ...



**ସ୍କୁଲ ଖୋଲିଛି, କିନ୍ତୁ ସବୁ ପିଲା ସ୍କୁଲ ଯାଉ ନାହାନ୍ତି । ଅଷ୍ଟମ ଶ୍ରେଣୀଠୁ ଆରମ୍ଭ କରି ତଳ ଶ୍ରେଣୀର ସବୁ ପିଲାଙ୍କୁ ସ୍କୁଲ ଯିବା ଲାଗି ଏବେ ବି କଟକଣା ରହିଛି। ବର୍ଷେ ହେବାକୁ ବସିଲାଣି, ସ୍କୁଲକୁ ନ ଯାଇ ସମୟ କିଭଳି ବିତିଛି ସେ ସମ୍ପର୍କରେ କେତେକ ଯାହା କୁହନ୍ତି...**

**ମନ ଦୁଃଖ ହେଉଛି:** ଆମେ କେବେ ସ୍କୁଲକୁ ଯିବୁ ସେକଥା ଭାବିଲେ ଦୁଃଖ ଲାଗୁଛି। ଆମ ପାଇଁ ଏବେ ସ୍କୁଲ ଖୋଲିବ କି ନାହିଁ ସେନେଇ ସରକାର କିଛି ସ୍ପଷ୍ଟ କରିନାହାନ୍ତି। କରୋନା ତ ଏବେ କମିଗଲାଣି, ତା’ ଛଡ଼ା ଆମେ ତ ଏତେ ବି ଛୋଟ ପିଲା ନୁହଁ। ଆମେ କରୋନା ପାଇଁ ସ୍କୁଲକୁ ଗଲେ ବି ମାସ୍କ ପିନ୍ଧିବା, ହାତ ଧୋଇବା ଆଦି ଓ ସାମାଜିକ ଦୂରତା ବଜାୟ ରଖିବା ଭଳି ସଚେତନତାକୁ ପାଳନ କରିପାରିବୁ। ତେଣୁ ସରକାର ପଞ୍ଚମ ଶ୍ରେଣୀରୁ ଊର୍ଦ୍ଧ୍ୱ ସବୁ କ୍ଲାସ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ଉଚିତ।

**–ସ୍ୱୟଂସିଦ୍ଧ ବାରିକ**
*ସପ୍ତମ ଶ୍ରେଣୀ, ସରସ୍ୱତୀ ଶିଶୁ ମନ୍ଦିର, ନାଲିବର*

**ଘରେ ପଢ଼ିବାକୁ ଭଲ ଲାଗୁନି:** ସରକାର ଆମ ପାଇଁ ବି ସ୍କୁଲ ଖୋଲିଦେବା କଥା। ଅନ୍‌ଲାଇନ୍ କ୍ଲାସ କରି ଆମକୁ ବୋର ଲାଗିଲାଣି। କ୍ଲାସରେ ବସି ସାର ଓ ମ୍ୟାଡାମଙ୍କ ଆଗରେ ପାଠ ପଢିବାକୁ ଭଲ ଲାଗେ। କିନ୍ତୁ ଘରେ ଏକା ଏକା ପାଠ ପଢିବାକୁ ଆଉ ଇଚ୍ଛା ହେଉନି। ତା’ ଛଡ଼ା ସାଙ୍ଗମାନଙ୍କ ସହ ବର୍ଷେ ହେଲାଣି ଦେଖା ହୋଇନି। ତେଣୁ ଆମ ପାଇଁ ସ୍କୁଲ ଖୋଲିଦେଲେ ଆମେ ମାସ୍କ ପିନ୍ଧି ସ୍କୁଲ ଯାଆନ୍ତୁ।

**–ଅନିନ୍ଦ୍ୟ ଅରବିନ୍ଦ**
*କ୍ଲାସ–୬, ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର*



ଅନିନ୍ଦ୍ୟ



ସ୍ୱୟଂସିଦ୍ଧ



ସୁଭଦ୍ରା



ଅର୍ଚ୍ଚିତା



ସମୀହନ୍

**ଏବେ ବି ଡର ଛାଡ଼ିନି:** କରୋନା ପାଇଁ ଯେଉଁ ଭୟ ଥିଲା ତାହା ଏବେ ପୂରା କମିନି। ସେଥିପାଇଁ ମାମା ଆମକୁ ଏବେ ବି ବାହାରକୁ ଏକା ଛାଡୁ ନାହାନ୍ତି। ତେଣୁ ଆମର ସ୍କୁଲ ଏବେ ଖୋଲିଲେ ମାମା ବୋଧେ ଆମକୁ କ୍ଲାସ କରିବାକୁ ଦେବେନି। ତେଣୁ ଆଉ କିଛି ମାସ ଗଲେ ସ୍କୁଲ ଖୋଲିଲେ ଭଲ ହେବ।

**–ସୁଭଦ୍ରା ଜେନା**
*କ୍ଲାସ– ୬, ନନ୍ଦପୁର ୟୁଜିଏମ୍‌ଇ ସ୍କୁଲ, ବାସୁଦେବପୁର, ଭଦ୍ରକ*

**ଅଭ୍ୟାସ ଜାରି ରହିଛି:** ଆମ ପାଇଁ ସ୍କୁଲ ଖୋଲିନି ସିନା, ଅନ୍‌ଲାଇନ୍ କ୍ଲାସ କିନ୍ତୁ ରେଗୁଲାର ହେଉଛି। ତେଣୁ ସ୍କୁଲ ଏବେ ନ ଖୋଲିଲେ ଚଳିବ। କିନ୍ତୁ ପରୀକ୍ଷା ଅନ୍‌ଲାଇନ୍‌ରେ ହେଲେ ସମସ୍ତେ ସହଜରେ କପି କରିଦେବେ। ତେଣୁ ପରୀକ୍ଷା ବେଳକୁ ସ୍କୁଲ ଖୋଲିବା ଉଚିତ। ପାଠ ପଢିବା ପାଇଁ ଇଚ୍ଛା ଥିଲେ ଅନ୍‌ଲାଇନ୍ କ୍ଲାସକୁ ଭଲଭାବେ ଅଭ୍ୟାସ କରିବା ଉଚିତ। ଅନ୍‌ଲାଇନ୍‌ରେ ପଢା ହେଉଥିବା ବିଷୟକୁ ବୁଝି ନ ହେଲେ ସାରଙ୍କୁ ପଚାରି ଦେଉଛି। ତେଣୁ ନିଜେ ନିଜେ ମୁଁ ରିଭିଜନ୍ ବି କରୁଛି ଆଉ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି।


**–ଅର୍ଚ୍ଚିତା ଅନିନ୍ଦିତା ମଲ୍ଲିକ**
*କ୍ଲାସ–୮, ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ଭୁବନେଶ୍ୱର*

**ସ୍କୁଲ ଶୀଘ୍ର ଖୋଲୁ:** କୋଭିଡ୍‌ମହାମାରୀ ସମଗ୍ର ବିଶ୍ୱରେ ହାହାକାର ଖେଳାଇ ଦେଇଛି। ଏଥି ପାଇଁ ଗତ ବର୍ଷ ତମାମ ବର୍ଷ ପାଠ ପଢା ପୂରା ଗଲାଣି। ଅନ୍‌ଲାଇନ୍‌ରେ ଯାହା ପଢା ହେଉଛି ସେତିକି। କିନ୍ତୁ ଆମେ କ’ଣ ପଢିଲୁଣି ସାରମାନେ ତା’ର ରିଭିଜନ୍ କି ପରୀକ୍ଷା କରାଇ ପାରୁନାହାନ୍ତି। ଏବେ କରୋନା ଭୟ ଟିକେ କମ୍ ହେଲାଣି। ତେଣୁ ଆମର ସ୍କୁଲ ଖୋଲିଲେ ଭଲ ହୁଅନ୍ତା। ଆମେ ସବୁ କୋଭିଡ୍ ନିୟମ ମାନି ସ୍କୁଲ ଯାଆନ୍ତୁ। ସାର୍‌ମାନଙ୍କ ସହ ସିଧାସଳଖ ଯୋଗାଯୋଗ ହୁଅନ୍ତା ଆଉ ଆମକୁ ବି ଭଲ ଲାଗନ୍ତା।

–ସମୀହନ୍ ମହାପାତ୍ର, କ୍ଲାସ–୬, ବାୟା ଅବଧୂତ ପ୍ରାଇମେରୀ ସ୍କୁଲ, କନିମୂଳ, ଜଗତ୍‌ସିଂହପୁର

## କହିଲ ଦେଖି

୧. ଛୁଇଁଯାଏ କିନ୍ତୁ ଦେଖି ହୁଏନା
ଚାହିଁଲେ ବି ତାକୁ ଧରି ହୁଏନା
କେବେ ସେ ମଳୟ କେବେ ପ୍ରଳୟ
କେବେ ସୃଷ୍ଟିକରେ ଘୂର୍ଣ୍ଣିବଳୟ
ସଭିଙ୍କ ଦେହକୁ ଯାଉଛି ଛୁଇଁ
କିଏ ସେ ପାରିବ ନାମ ତା’କହି।
**ଉତ୍ତର : ପବନ**





୨. କଞ୍ଚାବେଳେ ତା’ର ସବୁଜରଙ୍ଗ
ପାଚିଲେ ହଳଦୀ ଦିଶେ
ଗଛରେ ଥିଲେ ପରିବାର ସାଥେ
ଆନନ୍ଦ ମନରେ ହସେ ।
କଞ୍ଚାବେଳେ ସିଏ ପରିବା ସାଜେ
ହୁଅଇ ତରକାରି
ପାଚିଲେ ତାହା ଫଳରେ ଗଣା
ମନକୁ କରେ ଚୋରି ।
କଞ୍ଚାବେଳେ କାଟିଲେ ତାକୁ
ଆଖିରୁ ଢାଳେ ଲୁହ
କିଏ ସେ ସତେ ପାରିବ କହି
ନାମଟି ତା’ର କୁହ ।
**ଉତ୍ତର : ଅମୃତଭଣ୍ଡା**

୩. କଞ୍ଚାବେଳେ ସିଏ ଅଟେ ପରିବା
ପାଚିଲେ ସାଜେ ଫଳ
ତା’ଦେହରେ ଅଛି ଅନେକ ଶକ୍ତି
ଶରୀରେ ଭରେ ବଳ
ମନ୍ଦିରକୁ ଗଲେ ଯାଆନ୍ତି ଧରି
କରିବା ପାଇଁକି ଭୋଗ
ଔଷଧୀୟ ଗୁଣ ଅଛି ଅନେକ
ଦୂର କରେ ନାନା ରୋଗ ।
**ଉତ୍ତର : କଦଳୀ**



*–ପ୍ରଶାନ୍ତ କୁମାର ନାଥ, ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର*

## କବିତା

### ପରିବା ମଧରେ ରାଜା

**ଚା**ରି ଅକ୍ଷରରେ ନାମଟି ତାହାର
ପରିବା ମଧରେ ରାଜା
ଶୀତ ଦିନେ ମିଳେ ବାଡ଼ି ବଗିଚାରେ
ଖାଇବାକୁ ଲାଗେ ମଜା ।
ଉପରି ଭାଗଟା ଧଳା ଫୁଲ ପରି
ଦିଶଇ ଭାରି ସୁନ୍ଦର
ସବୁଜ ପତର ଘେରି ରହିଥାଏ
ତଳ ପଟରେ ତାହାର ।
ଭଜା, ତରକାରି, ସନ୍ତୁଳା, ବେସର
ଆଦି କରି ଥାଉ ଖାଇ
ରନ୍ଧା ହୋଇଥିବା ଦେଖି ଦେଲେ ଆପେ
ପାଟିରୁ ଲାଳ ଗଡ଼ଇ ।
ପ୍ରଥମ, ଦ୍ୱିତୀୟ ଅକ୍ଷରକୁ ନେଲେ
କୁସୁମ ଅର୍ଥ ମିଳଇ
ପୂଜା, ଆରାଧନା ସଭାସମିତିରେ
ଲୋଡ଼ା ପଡ଼ିଥାଏ ସେହି ।



ତୃତୀୟ, ଚତୁର୍ଥ ମିଳିତ ହୋଇଲେ
ଫୁଲ, ବନ୍ଧା, ଓଲ ଆଦି
ବିଭିନ୍ନ ପ୍ରକାର ପରିବା ଦେଖିବ
ବଜାରକୁ ଯିବ ଯଦି ।
ଚାରି ପରେ ଦୁଇ ଅକ୍ଷର ରଖିଲେ
କୃଷି କ୍ଷେତ୍ରକୁ ବୁଝାଏ
ଖରା ବର୍ଷା ଶୀତ କାକର ସହିଣ
ଚାଷୀ ତହିଁ ଖଟିଥାଏ ।
ଫୁଲକୋବି ସେଇ ପରିବା ଅଟଇ
ପିଲାମାନେ ଜାଣିଥାଅ
ତାହାରି ଉପରେ ଗବେଷଣା କରି
କୃଷି ବୈଜ୍ଞାନିକ ହୁଅ ।

***–ଦେବରାଜ ପାଣିଗ୍ରାହୀ**, ଶିକ୍ଷକ,*
*ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ଼, ବଲାଙ୍ଗୀର*

### ହୋଇଲାଣି ସଞ୍ଜ ପହର

**ପ**ଶ୍ଚିମ ଆକାଶେ ସୂରୁଜ ବୁଡଇ
ସଞ୍ଜ ନଇଁଲାଣି ଆସେ ଧରାରେ
ଜହ୍ନ ଉଇଁଲାଣି କିରଣ ତା ଢାଳି
ଫୁଟି ହସିଲାଣି କଇଁରେ ।
ନିଡେ ଫେରୁଛନ୍ତି ପକ୍ଷୀଙ୍କର ଦଳ
ଉଚ୍ଛୁଳି ପଡୁଛି କାକଳି
ସଞ୍ଜ ସଳିତାରେ ଗାଁ ବାସିଲାଣି
ବାସିଲାଣି ଗଙ୍ଗ ଶିଉଳି ।



ସୁଲୁ ସୁଲୁ ବାଆ ବହି ଆସିଲାଣି
ଦେହକୁ ଲାଗଇ କଅଁଳ
ଖେଳ ସାରି ଏବେ ପଢିବା ଆସରେ
ହୋଇଲାଣି ସଞ୍ଜ ପହର ।

***–ସୀତାରାମ ପଣ୍ଡା,***
*କେରୁଣା, ଦଶରଥପୁର*

## ଗିନିଜ୍ ୱାର୍ଲ୍ଡରେକର୍ଡ

# ବଲ୍ ଉପରେ ବଲ୍ ରଖି ରେକର୍ଡ

**ପି**ଲାମାନେ, ତୁମେ କେବେ ବଲ୍ ଉପରେ ବଲ୍ ରଖିଛ କି ? ବଲ୍ ଉପରେ କ’ଣ ଆଉ ଗୋଟେ ବଲ୍ ରଖିହେବ! ଯଦି ବାଲାନ୍ସ ନ ରହେ ତେବେ ବଲ୍‌ଗୁଡ଼ିକ ଉପରକୁ ଉପର ରହିପାରିବ ନାହିଁ। ଏମିତି ଏକ ଅସମ୍ଭବ ମନେହେଉଥିବା କାମକୁ ସମ୍ଭବରେ ପରିଣତ କରିଛନ୍ତି ଚାଇନାର ସେନ୍ ସିଆଓସି। ତା’ସହ ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରିବାରେ ସକ୍ଷମ ହୋଇଛନ୍ତି। ସେ ଖୁବ୍ ସତର୍କତାର ସହିତ ଗୋଟିଏ ଉପରେ ଗୋଟିଏ କରି ୧୦ଟି ବଲ୍‌କୁ ରଖି ପାରିଥିଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା। ଅତ୍ୟନ୍ତ ଧୀରସ୍ଥିର ଏବଂ ବେଶ୍ ସତର୍କତାର ସହ ଏହି କାମକୁ ସମ୍ପାଦନ କରିଥିଲେ। ୨୦୧୬ ମସିହାରେ ସେ ଏହି ରେକର୍ଡ କରିଥିଲେ। ୧୦ଟି ବଲ୍‌କୁ କୌଣସି ସହାୟତା ବିନା ଉପରକୁ ଉପର ରଖି ସେ ଯେଉଁ ରେକର୍ଡ କରିଛନ୍ତି ତାହାକୁ ଏପର୍ଯ୍ୟନ୍ତ କେହି ଭାଙ୍ଗି ପାରି ନାହାନ୍ତି।




## ଖିଲିଖିଲି ହସ

**୧**

ଶିକ୍ଷକ– ସୋମୁ ତୁ କାଲି କାହିଁକି ସ୍କୁଲ ଆସି ନ ଥିଲୁ ?
ସୋମୁ– ସାର୍, କାଲି ମୁଁ ଟିକେ ପଡ଼ିଗଲି ଆଉ ସାଙ୍ଗେ ସାଙ୍ଗେ ଲାଗିଗଲା ।
ଶିକ୍ଷକ– କୋଉଠି ପଡ଼ିଗଲୁ ଆଉ କ’ଣ ଲାଗିଗଲା ?
ସୋମୁ– ସାର୍, ମୁଁ ବେଡ୍‌ରେ ପଡ଼ିଗଲି ଆଉ ମୋର ଆଖି ଲାଗିଗଲା ।

**୨**

ଶିକ୍ଷକ– ସାନୁ ତୁ କହ ମାନଚିତ୍ରରେ ଆମେରିକା କେଉଁଠି ଅଛି ?
ସାନୁ– ସାର୍ ଏଇଠି ଦେଖନ୍ତୁ...
ଶିକ୍ଷକ– ଆଛା ରାମୁ ତୁ ଏବେ କହ ଆମେରିକା କିଏ ଆବିଷ୍କାର କରିଥିଲେ ?
ରାମୁ– ସାର୍ ଏବେ ସାଙ୍ଗେ ସାଙ୍ଗେ ସାନୁ ଆବିଷ୍କାର କରିଛି ।

**୩**

ବାପା– ଆଛା ପୁଅ କହିଲୁ ଜଳର କେମିକାଲ ଫର୍ମୁଲା କ’ଣ ?
ପୁଅ– ଏଚ୍, ଆଇ, ଜେ, କେ, ଏଲ୍, ଏମ୍, ଏନ୍, ଓ
ବାପା– ରାଗିଯାଇ କହିଲେ , କ’ଣ ଏସବୁ କହୁଛୁ ?
ପୁଅ– ତମେ ତ କହିଥିଲ ଏଚ୍ ଟୁ ଓ ।

## ତୁମ ତୂଳୀରୁ





ଗାର୍ଗି ଦାସ
କ୍ଲାସ–୫, ଲୟୋଲା ସ୍କୁଲ, ଭୁବନେଶ୍ୱର





ଅଙ୍କିତା ଦାସ
କ୍ଲାସ–୯, ଷ୍ଟୁଆର୍ଟ ସ୍କୁଲ, ସିଆରପି, ଭୁବନେଶ୍ୱର





ଆଦିତ୍ୟ ନାରାୟଣ ମହାପାତ୍ର
କ୍ଲାସ–୨, କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝର

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଫେବୃୟାରୀ ୬/୨୦୨୧ Berhampur, Saturday, February 6/ 2021

# ଓଡ଼ିଶା ଫାଓ ଇଲେଭେନ୍ ଚାମ୍ପିୟନ

**ପାଟଣା,୫।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ କଲେଜ ପଡ଼ିଆଠାରେ ସନ୍‌ରାଇଜ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ବାବା ମୁକ୍ତେଶ୍ୱର ଟିମ୍ ଉତ୍ତର ଓଡ଼ିଶାକୁ ୧-୦ ଗୋଲରେ ହରାଇ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ ଇଲେଭେନ୍,କଟକ) ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ହରିଜନ ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ସାମାଜିକ କର୍ମୀ ବାବୁରାମ ନାଏକ,ବିଜେଡି ସଂଖ୍ୟାଲଘୁ ଜିଲା ସଭାପତି ନିସାର ହାୟତ, ସନ୍‌ରାଇଜ ସ୍ପୋର୍ଟସ କ୍ଲବ ସଭାପତି ତୁଷାର ରଞ୍ଜନ ସାହୁ, ସମ୍ପାଦକ ଅଯୋଧ୍ୟା ପୃଷ୍ଟି, ଆନ୍ତର୍ଜାତିକ ରେଫରି ବୀରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ।

# ଉତ୍କଳିକା-ଇଲେଭେନ ଷ୍ଟାର ଫାଇନାଲ

**ଭଣ୍ଡାରିପୋଖରୀ, ୫।୨ (ଡି.ଏନ.ଏ):** ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜୁଭେନାଇଲ କଟକ ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଇଲେଭେନ ଷ୍ଟାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଜୁଭେନାଇଲ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୦୦ ରନ୍ କରିଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ୫୫, ଆଶୀର୍ବାଦ ସ୍ୱାଇଁ ୪୮ ଓ ସୋହେଲ ଖାଁ ୪୫ ରନ୍ କରିଥିବା ବେଳେ ପ୍ରତିପକ୍ଷର ବୋଲର ସୋହେବ ଅଖତର ୫ ଓଭରରେ ୨ ଉଇକେଟ ଏବଂ ଚନ୍ଦନ ନାୟକ ୨ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ। ଇଲେଭେନ ଷ୍ଟାର ୨୪.୧ ଓଭରରେ ୬ ଉଇକେଟ ହରାଇ ୨୦୪ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଜେଶ ସେଠୀ ୬୨ ଓ ଅଜୟ ରାଉତ ୪୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦେବାଶିଷ ୪ ଓଭରରେ ୨ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଇଲେଭେନ ଷ୍ଟାରର ରାଜେଶଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଆସନ୍ତା ରବିବାର ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁର ଓ ଇଲେଭେନ ଷ୍ଟାର ଯାଜପୁର ଟାଉନ ମଧ୍ୟରେ ଅନୁଷ୍ଠିତ ହେବ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ